# ଶହୀଦ୍ ଯବାନଙ୍କୁ ପିସିସି ପକ୍ଷରୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୧୮/୬ (ନି.ପ୍ର): ଚୀନ ସୀମାନ୍ତରେ ଦେଶର ସୁରକ୍ଷା ପାଇଁ ଚୀନ ସହିତ ଭାରତ ମୁକାବିଲା କରି ଓଡିଶାର ୨ ଜଣଙ୍କ ସମେତ ସହୀଦ ହୋଇଥିବା ଭାରତର ୨୦ଜଣ ଯବାନଙ୍କୁ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଶ୍ରଦ୍ଧାଂଜଳୀ ଜ୍ଞାପନ କରାଯାଇଛି । ପିସିସି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ ଓଡ଼ିଶାର ସହୀଦ ଚନ୍ଦ୍ରକାନ୍ତ ପ୍ରଧାନ ଏବଂ ରଘୁରାମ ସୋରେନ ଏ ଦେଶକୁ ରକ୍ଷାକରିବାକୁ ଯାଇ ବଳିଦାନ ଦେଇଛନ୍ତି । ଏହି ଅବସରରେ ବୁଧବାର ସନ୍ଧ୍ୟାବେଳେ ପିସିସି ସଭାପତିଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅନ୍ୟ କଂଗ୍ରେସ ନେତୃବୃନ୍ଦଙ୍କ ଉପସ୍ଥିତିରେ ସହୀଦଙ୍କ ଅମର ଆତ୍ମାର ସଦଗତି କାମନା ଉଦ୍ଦେଶ୍ୟରେ ଦୁଇମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ସୁରେଶ କୁମାର ରାଉତରାୟ, ତାରାପ୍ରସାଦ ବାହିନୀପତି, ପଂଚାନନ କାନୁନଗୋ, ସୁଦର୍ଶନ ଦାସ, ଶିବାନନ୍ଦ ରାୟ, ରଶ୍ମି ମହାପାତ୍ର, ମନୋରଞ୍ଜନ ଦାଶ, ଲୋକନାଥ ମହାରଥି, ହଳଦଧର ସେଠୀ, ପ୍ରକାଶ ମିଶ୍ର, ଦେବାଶିଷ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ ।

# ନିଟ ପରୀକ୍ଷା ସ୍ଥଗିତ ନେଇ ଉଠିଥିବା ଗୁଜବ ସମ୍ପର୍କରେ ଏନଟିଏର ସ୍ପଷ୍ଟିକରଣ

## ଏପରି କୌଣସି ନିଷ୍ପତ୍ତି ନିଆଯାଇନଥିବା ନେଇ ପରୀକ୍ଷାର୍ଥୀ ଓ ସେମାନଙ୍କ ଅଭିଭାବକଙ୍କୁ ଜଣାଇଲା ଏନଟିଏ

ନୂଆଦିଲ୍ଲୀ,୧୮/୬ (ନି.ପ୍ର): ଜୁନ ୧୫ ତାରିଖ ଦିନ ନିଟ ପରୀକ୍ଷା ସ୍ଥଗିତ ରହିବା ନେଇ ଏକ ଭିତିହୀନ ସର୍ବସାଧାରଣ ନୋଟିସ ଜାତୀୟ ପରୀକ୍ଷା ସଂସ୍ଥା (ଏନଟିଏ)ର ନଜରକୁ ଆସିଛି । ଏହା ସାମାଜିକ ଗଣମାଧ୍ୟମରେ ଘୂରିବୁଲୁଛି । ଏନଟିଏ ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି ଏଭଳି ଗୁଜବର ଉତ୍ସକୁ ଠାବ କରିବା ପାଇଁ ତଦନ୍ତ ଜାରି ରଖିଛି । ଏପରି ଜନବିରୋଧୀ କାର୍ଯ୍ୟ କରିଥିବା ବ୍ୟକ୍ତି ବିଶେଷଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସମସ୍ତ ପରୀକ୍ଷାର୍ଥୀ, ସେମାନଙ୍କ ଅଭିଭାବକ ଓ ସର୍ବସାଧାରଙ୍କ ଗୋଚରାର୍ଥେ ଜଣାଇଦିଆଯାଉଛି ଯେ, ଏପରି କୌଣସି ନିଷ୍ପତି ଏନଟିଏ କିମ୍ବା ଏଥିସହ ସଂଶ୍ଳିଷ୍ଟ କୌଣସି ସଂସ୍ଥା ଦ୍ୱାରା ନିଆଯାଇ ନାହିଁ ।

# ଧର୍ମଶାଳା ଥାନା ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର : ୫୨ ୟୁନିଟ୍ ରକ୍ତ ସଂଗୃହୀତ

ଧର୍ମଶାଳା,୧୮/୬ (ନି.ପ୍ର): କରୋନା ସଂକ୍ରମଣକୁ ନେଇ ଦେଶ ତଥା ରାଜ୍ୟରେ ରକ୍ତର ଆବଶ୍ୟକତା ରହିଛି । ଏହାର ଅଭାବକୁ ଦୃଷ୍ଟିରେ ରଖି ଯାଜପୁର ଜିଲା ଧର୍ମଶାଳା ଥାନା ପକ୍ଷରୁ ଥାନା ପରିସରରେ ଆଜି ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବର ଅନୁଷ୍ଠିତ ହୋଇଯାଇଛି । ଥାନା ଅଧିକାରୀ ସରୋଜ କୁମାର ସାହୁଙ୍କ ତିତ୍ୱବଧାନରେ ଜିଲା ଆରକ୍ଷୀ ଅଧିକ୍ଷକ ଚରଣ ସିଂ ମୀନା ଯୋଗ ଦେଇ ଏଇ ଶିବରକୁ ଉଦଘାଟନ କରିଥିଲେ । ଅଭିଜ୍ଞ ଡାକ୍ତରମାନେ ଯୋଗ ଦେଇ ସ୍ୱେଚ୍ଛାସେବାଙ୍କୁ ଠାରୁ ରକ୍ତ ସଂଗ୍ରହ କରିଥିଲେ । ଏହି ଶିବିରରେ ମୋଟ ୫୨ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଥାନାର ସମସ୍ତ କର୍ମଚାରୀ ସହଯୋଗ କରିଥିବା ବେଳେ ସ୍ଥାନୀୟ ଅଂଚଳରୁ ବହୁ ପ୍ରତିଭାବ୍ୟକ୍ତି ବିଶେଷ ପ୍ରମୁଖ ଯୋଗ ଦେଇ ରକ୍ତ ଦାତାଙ୍କୁ ଉତ୍ସାହିତ କରିଥିଲେ । ଶେଷରେ ରକ୍ତଦାତାଙ୍କୁ ଧର୍ମଶାଳା ଥାନା ଅଧିକାରୀ ସେମାନଙ୍କୁ କୃତଜ୍ଞତା ଜଣାଇଥିଲେ ।

# ବନଖଣ୍ଡ କାର୍ଯ୍ୟାଳୟରୁ ବିରଳ ସର୍ପ ଉଦ୍ଧାର

କନ୍ଧମାଳ,୧୮/୬ (ନି.ପ୍ର): ଜିଲାରେ ବିଭିନ୍ନ ସାମାଜିକ କାର୍ଯ୍ୟରେ ନିୟୋଜିତ ଥିବା ଯୁବ ସଂଗଠନ ଟିମ୍ ହ୍ୟୁମାନିଟ୍ କନ୍ଧମାଳର ଏକ ଦଳ ସ୍ନେକ୍ ହେଲପ୍ ଲାଇନ୍ ଭାବେ କାର୍ଯ୍ୟକରୁଛନ୍ତି । ସେମାନେ ଫୁଲବାଣୀ ସମେତ ବିଭିନ୍ନ ଅଂଚଳରୁ ସେମାନଙ୍କ ପାଖରେ ଥିବା ଯନ୍ତ୍ରପାତିର ସହାୟତାରେ ଶତାଧିକ ସର୍ପ ଧରି ସେହୁ ଗୁଡିକୁ ନେଇ ସହର ବାହାରେ ଥିବା ଜଙ୍ଗଲରେ ଛାଡିଛନ୍ତି । ସେଥିରୁ ଅଧିକାଂଶ ନାଗ,ରଣା,ଚିତି ଭଳି ବିଷଧର ସର୍ପ ଥିବା କହିଛନ୍ତି ସ୍ନେକ୍ ହେଲ୍ପ ଲାଇନର ମୁଖ୍ୟ ସଦସ୍ୟମାନେ କହିଛନ୍ତି । ସେହିପରି ସେମାନେ ଫୁଲବାଣୀ ବନଖଣ୍ଡ କାର୍ଯ୍ୟାଳୟ ପରିସରରୁ ଏକ ବିରଳ ସାପ ଉଦ୍ଧାର କରିଥିବାର ଜଣାଯାଇଛି । ଉକ୍ତ କାର୍ଯ୍ୟାଳୟ ମଧ୍ୟରେ ଏକ ସର୍ପ ଥିବାନେଇ କାର୍ଯ୍ୟାଳୟର ଜନୈକ କର୍ମଚାରୀ ଟିମ୍ ହ୍ୟୁମାନିଟିକୁ ଖବର ଦେବା ପରେ ଖବର ପାଇ ବନବିଭାଗ କାର୍ଯ୍ୟାଳୟରେ ସ୍ନେକ୍ ହେଲ୍ପ ଲାଇନ୍ ର ପ୍ରଶାନ୍ତ କୁମାର ପାଣିଗ୍ରାହୀ , ଅନ୍ତର୍ଯ୍ୟାମୀ ପ୍ରଧାନ , ଆଲୋକ କୁମାର ବିଶୋୟୀ ,ଜଗନ୍ନାଥ ପାତ୍ର , ସାଇରାମ୍ ପାତ୍ର ଓ ରଂଜିତ୍ କୁମାର ଦାସ ସେଠାରେ ପହଂଚି ସାପକୁ ଉଦ୍ଧାର କରିବା ସହିତ ଏକ ଜଙ୍ଗଲରେ ଛାଡିଥିଲେ । ଏହି ଦଳ ଦ୍ୱାରା ସହରରେ ଥିବା ଲୋକଙ୍କ ଘରୁ ସାପ ଗୁଡିକୁ ଉଦ୍ଧାର କରାଯାଇ ଲୋକଙ୍କୁ ସର୍ପଜନିତ ଭୟରୁ ଦୁର କରିବା ସହିତ ସାପ ଗୁଡିକୁ ମଧ୍ୟ ଜଙ୍ଗଲରେ ଛାଡିବା ଦ୍ୱାରା କିଛି ବିରଳ ଶରୀସୃପଙ୍କୁ ଠିକ୍ ଭାବରେ ଜଙ୍ଗଲରେ ବଂଚିବା ପାଇଁ ସୁବିଧା ଦେବା ଭଳି କାର୍ଯ୍ୟକୁ ଲୋକେ ପ୍ରଶଂସା କରୁଛନ୍ତି ।

# ଡ୍ରେନେଜ୍ ବ୍ୟବସ୍ଥା ଫେଲ୍, ରାସ୍ତାରେ ଜମୁଛି ନାଳ ପାଣି

## ପ୍ରତିବାଦରେ ଶେରେଗଡ଼ ଚାରିଛକରେ ରାସ୍ତାରୋକ

ଗଞ୍ଜାମ,୧୮/୬ (ନି.ପ୍ର): ଗଞ୍ଜାମ ଜିଲ୍ଲା ଶେରେଗଡ଼ରେ ଡ୍ରେନେଜ୍ ବ୍ୟବସ୍ଥା ସମ୍ପୂର୍ଣ୍ଣ ଫେଲ୍ ମାରିବା ତଥା ଡ୍ରେନ୍ ଗୁଡିକ ନିୟମିତ ଭାବେ ସଫା କରାଯାଉନଥିବାରୁ ବର୍ଷାପାଣି ଓ ନାଳ ପାଣି ରାସ୍ତା ଉପରେ ଜମା ହୋଇ ଆବର୍ଜନା ସୃଷ୍ଟି କରୁଥିବାରୁ ଏହାର ପ୍ରତିବାଦରେ ଶେରେଗଡ଼ ଚାରିଛକରେ ଆଜି ସକାଳୁ ଲୋକେ ରାସ୍ତା ଉପରେ ଟାୟାର ଜାଳି ଅବରୋଧ କରିଥିଲେ । ଶେରେଗଡ଼ ଥାନା ଅଧିକାରୀ ରମେଶ ଚନ୍ଦ୍ର ଦାଶ, ନିର୍ବାହୀ ଯନ୍ତ୍ରୀ ଅରୁଣ କୁମାର ଶତପଥୀ, ତହସିଲଦାର ଗୟାସିନ୍ଧୁ ପରିଡ଼ା ଓ ବିଡ଼ିଓ ସୁରଞ୍ଜନ ସାହୁ ପ୍ରମୁଖ ଘଟଣାସ୍ଥଳରେ ପହଂଚି ଆନ୍ଦୋଳନକାରୀଙ୍କ ସହିତ ସମସ୍ୟା ବାବଦରେ ଆଲୋଚନା କରିବା ସହ ଖୁବ୍ ଶୀଘ୍ର ସମସ୍ୟାର ସମାଧାନ ନେଇ ପ୍ରତିଶୃତି ଦେବା ପରେ ରାସ୍ତାରୋକ ହଟିଥିଲା ।

# ପାଣିକୋଇଲିଠାରେ ବାଲେଶ୍ୱର ବିଧାୟକଙ୍କୁ କୋରେଇ ବିଜେପିର ଶ୍ରଦ୍ଧାଂଜଳି

କୋରେଇ,୧୮/୬ (ନି.ପ୍ର): ବାଲେଶ୍ୱର ସଦର ବିଧାୟକ ତଥା ବାଲେଶ୍ୱର ଜିଲ୍ଲାର ପୂର୍ବତନ ବିଜେପି ସଭାପତି ମଦନ ମୋହନ ଦତଙ୍କ ଆଜି ହୃଦଘାତରେ ଦେହାନ୍ତ ହୋଇଛି । ସେ ପ୍ରଥମ ଥର ଲାଗି ୨୦୧୯ ସାଧାରଣ ନିର୍ବାଚନରେ ବିଧାୟକ ଭାବେ ବିଜୟ ଲାଭ କରି ବିଜେପି ଦଳ ପକ୍ଷରୁ ପ୍ରତିନିଧିତ୍ୱ କରୁଥିଲେ । ସେ ବିଧାନସଭା ଭିତରେ ଓ ବାହାରେ ମଧ୍ୟ ତାଙ୍କ ବଳିଷ୍ଠ ଯୁକ୍ତିରେ ବିରୋଧିଙ୍କୁ ପରାହତ କରୁଥିଲେ । ତାଙ୍କ ମୃତ୍ୟୁରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇବା ସହ କୋରେଇ ବିଧାନସଭା ବିଧାନସଭା ବିଜେପି ବିଧାୟକ ପ୍ରାର୍ଥି ବିଶ୍ୱଜିତ୍ ନାୟକ ଗଭୀର ଶୋକ ପ୍ରକାଶ କରି ଶୋକ ସନ୍ତପ୍ତ ପରିବାରକୁ ଜଗନ୍ନାଥ ଅସୀମ ଧୈର୍ଯ୍ୟ ଓ ଶକ୍ତି ପ୍ରଦାନ କରନ୍ତୁ ଓ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ । ତାଙ୍କ ମର ଶରୀରକୁ ଭୁବନେଶ୍ୱରରୁ ବାଲେଶ୍ୱର ଆଣିବା ବାଟରେ ପାଣିକୋଇଲି ଠାରେ କେରାଇ ବିଜେପି ପକ୍ଷରୁ ଯୁବ ନେତା ବିକ୍ରମ କେଶରୀ ବିଶ୍ୱାଳଙ୍କ ନେତୃତ୍ୱରେ କାର୍ଯ୍ୟକର୍ତାମାନେ ଏକାଠି ହୋଇ ମରଶରୀରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ରାଜ୍ୟ ସାଧାରଣ ସମ୍ପାଦକ ମାନସ ମହାନ୍ତି, ପୂର୍ବତନ ବିଧାୟକ ଗୋବିନ୍ଦ ଦାସ, ମଣ୍ଡଳ ସଭାପତି ପ୍ରମୋଦ ସାହୁ, ଶଶିଭୂଷଣ ସେନାପତି, ଦୋଳ ଗୋବିନ୍ଦ ସେଠୀ, କରୁଣାକର ମାଝୀ, ପ୍ରଶାନ୍ତ ପରିଡ଼ା, ସନ୍ଦୀପ ପରିଡ଼ା, ଧନଂଜୟ ସାହୁ, ମାନସ ସାହୁ, ଘୁରୁଡ଼ ମଳିକ ପ୍ରମୁଖ ଉପସ୍ଥିତ ଥିଲେ ।

# ଗଜପତି ଜିଲ୍ଲାରେ ୫୭ କରୋନା ପଜିଟିଭ୍ ଚିହ୍ନଟ : ଜିଲ୍ଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୧୬୩ କୁ ବୃଦ୍ଧି

ପାରଳାଖେମୁଣ୍ଡି,୧୮/୬ (ନି.ପ୍ର): ଗଜପତି ଜିଲ୍ଲାରେ ଆଜି ରାଜ୍ୟର ସର୍ବାଧିକ ୫୭ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଏଥିସହ ଜିଲ୍ଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୧୬୩ କୁ ବୃଦ୍ଧି ପାଇଛି । ଗତକାଲି ସୁଦ୍ଧା ଆକ୍ରାନ୍ତଙ୍କ ସଂଖ୍ୟା ୧୦୬ ଥିଲା । ନୂଆ ଚିହ୍ନଟ ହୋଇଥିବା ଆକ୍ରାନ୍ତଙ୍କ ମଧ୍ୟରେ ୩୪ ପୁରୁଷ ଓ ୨୩ ଜଣ ମହିଳା ରହିଛନ୍ତି । ସେମାନଙ୍କ ମଧ୍ୟରେ ୨ ବର୍ଷର ଶିଶୁକନ୍ୟା ଠାରୁ ଆରମ୍ଭ କରି ୬୮ ବର୍ଷିୟା ମହିଳାଙ୍କ ପର୍ଯ୍ୟନ୍ତ ରହିଛନ୍ତି । ଏହି ଆକ୍ରାନ୍ତ ମାନଙ୍କ ମଧ୍ୟରୁ ୫୨ ଜଣଙ୍କ ଯାତ୍ରା ବିବରଣୀ ରହିଥିବା ବେଳେ ଅନ୍ୟ ଦୁଇ ଜଣ ମେଡିକାଲ ଟିମ୍ ଦ୍ୱାରା ଘରକୁ ଘର ବୁଲି ସର୍ଭେଲାନ୍ସ ବେଳେ ଚିହ୍ନଟ କରାଯାଇଥିଲା । ସେହିପରି ଏମାନଙ୍କ ମଧ୍ୟରେ ତିନି ଜଣ କୋଭିଡ଼୍ ଯୋଦ୍ଧା ରହିଥିବା ସୂଚନା ମିଳିଛି । ଯାତ୍ରା ବିବରଣୀ ଥିବା ୫୨ ଜଣଙ୍କ ମଧ୍ୟରେ ୪ ଜଣ ଆନ୍ଧ୍ରପ୍ରଦେଶ ଫେରନ୍ତା, ୬ ଜଣ ମହାରାଷ୍ଟ୍ର ଫେରନ୍ତା, ଜଣେ ଗୁଜୁରାଟ ଫେରନ୍ତା, ୨୯ ଜଣ ତାମିଲନାଡୁ, ୧୦ ଜଣ ତେଲେଙ୍ଗାନା ଏବଂ ଜଣେ ପଶ୍ଚିମବଙ୍ଗ ଏବଂ ଜଣେ କର୍ଣ୍ଣାଟକରୁ ଫେରିଥିବା ଜଣାପଡିଛି । ଏମାନଙ୍କ ମଧ୍ୟରେ ୪୫ ଜଣ ଗୋଷାଣୀ ବ୍ଲକର ଦୁଇଟି ଅସ୍ଥାୟୀ କ୍ୱାରେଂଟାଇନ ସେଂଟରର । ୭ ଜଣ ନୂଆଗଡ଼ ବ୍ଲକ୍ ର ଦୁଇଟି କ୍ୱାରେଂଟାଇନ ସେଂଟରର ରହିଛନ୍ତି । ନମୂନା ରିପୋର୍ଟ ପଜିଟିଭ୍ ଆସିବା ପରେ ଆକ୍ରାନ୍ତ ମାନଙ୍କୁ ଆର୍. ସୀତାପୁର ସ୍ଥିତ କୋଭିଡ଼୍ ହସ୍ପିଟାଲରେ ଭର୍ତି କରାଯାଇଛି । ଇତିମଧ୍ୟରେ ଜିଲ୍ଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୧୬୩ କୁ ବୃଦ୍ଧି ପାଇଛି । ୭୨ ଜଣ ଆକ୍ରାନ୍ତ କୋଭିଡ଼୍ ହସ୍ପିଟାଲରୁ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ଆଜିକୁ ମିଶାଇ ମୋଟ୍ ୯୧ ଜଣ ଚିକିତ୍ସାଧିନ ରହିଛନ୍ତି । ଅର୍ଥାତ୍ ଜିଲ୍ଲାରେ ସକ୍ରିୟ ମାମଲା ସଂଖ୍ୟା ୯୧ ରହିଛି ।

# ଓଡିଶା ଉପକୂଳରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ମାଛଧରା ବନ୍ଦ

## ୪ଦଫା ଦାବୀ ନେଇ ତେଜିଲା ମତ୍ସ୍ୟଜିବୀ ମହାସଂଘ

ଭଦ୍ରକ, ୧୮/୬ (ହି.ସ.) - ଧାମରା ଗଙ୍ଗାମାତା ପ୍ରକୋଷ୍ଠରେ ଆଜି ଏକ ବୈଠକରେ ନିଷ୍ପତି ନିଆଯାଇ ସମୁଦ୍ରରେ ମାଛ ଧରା ଅନିର୍ଦ୍ଦିଷ୍ଟ ସମୟ ପାଇଁ ବନ୍ଦ ରଖାଗଲା ଏବଂ ସରକାର ମତ୍ସ୍ୟଜିବୀ ମହାସଂଘର ୪ଦଫା ଦାବୀ ପୂରଣ ନହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରୀ ରହିବ ବୋଲି ମହାସଂଘର ସଭାପତି କାମେଶ୍ୱର ନାରାୟଣ ପ୍ରହରାଜଙ୍କ ନିକଟରୁ ପ୍ରକାଶ । ଖବରରୁ ପ୍ରକାଶ କେନ୍ଦ୍ର ସରକାର ମାଛଙ୍କ ପ୍ରଜନନ ଋତୁ ଏବଂ କଇଁଛ ମାନଙ୍କ ଅଣ୍ଡାଦାନ ପ୍ରକ୍ରିୟାକୁ ଆଖି ଆଗରେ ରଖି ଏପ୍ରିଲ ୧୫ ତାରିଖରୁ ଜୁନ ୧୪ ତାରିଖ ପର୍ଯ୍ୟନ୍ତ ମାଛଧରା ବନ୍ଦ ରଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ପୁନଶ୍ଚ ଏହି ନିର୍ଦ୍ଦେଶକୁ ପ୍ରତ୍ୟାହାର କରି ଏହି ମାଛ ଧରା ଜୁନ ୧ତାରିଖ ଠାରୁ ଆରମ୍ଭ କରାଯିବ ବୋଲି ସମସ୍ତ ରାଜ୍ୟ ସରକାର ଏବଂ ମତ୍ସ୍ୟଜିବୀ ସଂଘ ମାନଙ୍କ ଅବଗତି ନିମନ୍ତେ ଜଣାଇଥିଲେ । ଏହି ନିର୍ଦ୍ଦେଶ ପାଇବା ପରେ ରାଜ୍ୟରେ ଥିବା ସମସ୍ତ ମତ୍ସ୍ୟ ସଂଘ ଏବଂ ମହାସଂଘର ବିଚାର ବିମର୍ଷ ପରେ ଓଡିଶା ଉପକୂଳରେ ଅନିର୍ଦ୍ଦିଷ୍ଟ ସମୟ ପାଇଁ ମାଛ ଧରା ବନ୍ଦ ରଖିବାକୁ ନିଷ୍ପତି ନିଆଯାଇଥିଲା । ଆଜି ପୁନଶ୍ଚ ଏକ ବୈଠକ ମହାସଂଘ ଦ୍ୱାରା ଆହୃତ କରାଯାଇ ମହାସଂଘ ମତ୍ସ୍ୟଜିବୀ ଏବଂ ବୋଟ ମାଲିକମାନଙ୍କ ପାଇଁ ଏକ ୪ଦଫା ଦାବୀ ରାଜ୍ୟ ସରକାରଙ୍କ ଅବଗତି ନିମନ୍ତେ ଜଣାଇଛନ୍ତି ବୋଲି ମହାସଂଘର ସଭାପତି କାମେଶ୍ୱର ନାରାୟଣ ପ୍ରହରାଜ ମତ ରଖିଥିଲେ । ଏହି ୪ଦଫା ଦାବୀ ମଧ୍ୟରେ ବୋଟ ମାଲିକ ବୋଟ ପାଇ ବ୍ୟବହାର କରୁଥିବା ଡିଜେଲରୁ ଶୁଳ୍କ ହ୍ରାସ,ବାଲେଶ୍ୱର ନିକଟସ୍ଥ ଜଳେଶ୍ୱର ଠାରେ ୧୩ଏକର ଜମିରେ ମାଛ ବିକ୍ରୟକେନ୍ଦ୍ର ସ୍ଥାପନ, ବୋଟ ବ୍ୟବସାୟକୁ କ୍ଷୁଦ୍ର ଶିଳ୍ପର ମାନ୍ୟତା ଦେଇ ବିନା ସୁଧ ଅଥବା କମ ସୁଧରେ ଋଣ ଯୋଗାଇବା ସହ କରୋନା ମହାମାରୀ କବଳରୁ ମତ୍ସ୍ୟଜିବୀ ମାନଙ୍କ ପାଇଁ ସମସ୍ତ ମାଛଧରା ଜେଟୀରେ ସାମୟିକ ଡାକ୍ତରୀଟିମ ଉପଲବ୍ଧ କରାଇବା ସହ ମତ୍ସ୍ୟଜିବୀ ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ଦାବୀ ଅନ୍ୟତମ । ଏହି ଦାବୀ ପତ୍ର ମତ୍ସ୍ୟ ଏବଂ ପଶୁସମ୍ପଦ ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ , ବିଭାଗୀୟ ଶଚିବଙ୍କୁ ପ୍ରଦାନ କରାଯାଇଥିବା ବେଳେ ଏହାର ଏକକିତା ନକଲ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅବଗତି ନିମନ୍ତେ ପ୍ରେରଣ କରାଯାଇଛି ବୋଲି ମହାସଂଘର ସଂପାଦକ ସୁମନ୍ତ ବିଶ୍ୱାଳଙ୍କ ନିକଟରୁ ପ୍ରକାଶ । ରାଜ୍ୟ ସରକାରଙ୍କ ବିଭାଗୀୟ ସଚିବ ଏ ନେଇ ବିଭାଗୀୟ ମନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି ଏବଂ ଆଗାମୀ ସପ୍ତାହରେ ମହାସଂଘକୁ ଡାକି ଏ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବେ ବୋଲି ମହାସଂଘ ର ସଭାପତି ପ୍ରକାଶ କରିଛନ୍ତି । ଏହି ଆଲୋଚନା ପର୍ଯ୍ୟନ୍ତ ଓଡିଶା ଉପକୂଳରେ ସମସ୍ତ ମତ୍ସ୍ୟଜିବୀ ଏବଂ ବୋଟ ମାଲିକ ମାନେ ମାଛଧରା ବନ୍ଦ ରଖିବେ ବୋଲି ନିଷ୍ପତି ନିଆଯାଇଛି । ଏହି ଆଇନକୁ ଅମାନ୍ୟ କଲେ ବୋଟ ମାଲିକ ମାନଙ୍କ ପାଇଁ କଠୋର ଆର୍ଥିକ ଦଣ୍ଡ ବିଧାନ କରାଯିବା ସହ ସେମାନଙ୍କୁ ସଂଘରୁ ବିତାଡିତ କରାଯିବ ବୋଲି ଆଲୋଚନା ହୋଇଛି । ସରକାରଙ୍କ ମାଛଧରା ଆଇନ ଦିନକୁ ଦିନ ବଦଳୁଥିବା ବେଳେ କେନ୍ଦ୍ର କିମ୍ବା ରାଜ୍ୟ ସରକାର ମତ୍ସ୍ୟଜିବୀ ଏବଂ ବୋଟ ମାଲିକ ମାନଙ୍କୁ ସ୍ୱାର୍ଥକୁ ଗୁରୁତ୍ୱର ସହ ବିଚାରକୁ ନେଉ ନାହାନ୍ତି ଅନ୍ୟ ପକ୍ଷରେ ମାଛ ବ୍ୟବସାୟରୁ କେନ୍ଦ୍ର ତଥା ରାଜ୍ୟ ସରକାର ବିପୁଳ ପରିମାଣରେ ବୈଦଶିକ ମୁଦ୍ରା ହାସଲ କରିବା ସହ ଦେଶର ଅର୍ଥନିତୀକୁ ସୁଦୃଢ଼ କରୁଥିବା ବୋଟ ମାଲିକ ତଥା ମତ୍ସ୍ୟଜିବୀ ମାନଙ୍କୁ ଅଣଦେଖା କରୁଛନ୍ତି ବୋଲି ମହାସଂଘ ର ସଭାପତି କାମେଶ୍ୱର ନାରାୟଣ ପ୍ରହରାଜ ପ୍ରତିକ୍ରିୟା ରଖିଛନ୍ତି । ଅନ୍ୟ ପକ୍ଷରେ ଆଜି ଭଳି ଦିନରେ ରାଜ୍ୟରେ ୫୦ହଜାର ମତ୍ସ୍ୟଜିବୀଙ୍କ ପରିବାର ମାଛ ଧରା ବନ୍ଦ ସାଙ୍ଗକୁ କରୋନା ମହାମାରୀ ସେମାନଙ୍କ ପରିବାର ପାଇଁ କାଳ ହୋଇ ପଡିଛି ଏବଂ ସେମାନଙ୍କ ପରିବାର ଦୁଃଖ ଏବଂ ଯାତନାରେ ସମୟ ଅତିବାହିତ କରୁଛନ୍ତି ବୋଲି ମହାସଂଘର ସଂପାଦକ ସୁମନ୍ତ ବିଶ୍ୱାଳ ନିଜର ପ୍ରତିକ୍ରିୟା ରଖିଛନ୍ତି । ରାଜ୍ୟ ସରକାର ଖୁବ ଶୀଘ୍ର ୫୦ହଜାର ମତ୍ସ୍ୟଜିବୀ ଏବଂ ବୋଟ ମାଲିକମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ତୁରନ୍ତ ପଦକ୍ଷେପ ନେବା ସହ ମାଛ ଧରା ଆରମ୍ଭ କରାଯିବା ଜରୁରୀ ବୋଲି ସାଧାରଣରେ ଚର୍ଚ୍ଚା ଚାଲିଛି ।

# ମିହିର ଆଚାର୍ଯ୍ୟ ଶ୍ରାର୍ଦ୍ଧ ସଂପର୍କରେ...

ବାଲେଶ୍ୱର,୧୮/୬ (ନି.ପ୍ର): ପ୍ରଖ୍ୟାତ ସାମ୍ବାଦଦିକ, ସଂପାଦକ ତଥା ସମାଜସେବୀ ମିହିର ଆଚାର୍ଯ୍ୟଙ୍କ ୨୩ ତମ ଶ୍ରାଦ୍ଧୋତ୍ସବ ପ୍ରତିବର୍ଷ ପରି ଏ ବର୍ଷ ମଧ ନେତ୍ରୋତ୍ସବ ଜୁନ ୨୦ ତାରିଖ ଶନିବାର ଦିନ ଜିଲ୍ଲା ସୂଚନା ଓ ଲୋକ ସଂପର୍କ କାର୍ଯ୍ୟାଳୟ ପାର୍ଶ୍ୱସ୍ଥ ସାମ୍ବାଦିକ ପ୍ରକୋଷ୍ଠରେ ଅନୁଷ୍ଠିତ ହେବାର ସ୍ଥିର ହୋଇଥିଲା । ମାତ୍ର କରୋନା ମହାମାରୀ ଜନିତ ସରକାରୀ କଟକଣା ଓ ସାମାଜିକ ଦାୟିତ୍ୱବୋଧ ଦୃଷ୍ଟିରୁ ଏବଂ ଶନିବାର ଓ ରବିବାର ସଟଡାଉନ ଥିବାରୁ ଏହି କାର୍ଯ୍ୟକ୍ରମକୁ ସୀମିତ ସ୍ଥଗିତ କରାଯାଇଛି । ତେବେ ଏହି ପ୍ରରିପ୍ରେକ୍ଷିରେ ସ୍ୱର୍ଗତ ଆଚାର୍ଯ୍ୟଙ୍କୁ ଭଲପାଉଥିବା ବ୍ୟକ୍ତି ବିଶେଷ ଶ୍ରଦ୍ଧାଞ୍ଜଳି ଜଣାଇବାକୁ ସ୍ମୃତି କମିଟିର ସଭାପତି ଡ ପ୍ରହ୍ଲାଦ ଚରଣ ମହାନ୍ତି ଓ ସଂପାଦକ ଗୌରୀ କୁମାର ରାଉତ ଅନୁରୋଧ କରିଛନ୍ତି ।

# ଜିଲ୍ଲାପାଳ ସମର୍ଥ ବର୍ମା ଙ୍କୁ କରୋନା ଯୋଦ୍ଧା ସମ୍ମାନ

କେନ୍ଦ୍ରାପଡ଼ା,୧୮/୬ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ କରୋନା ଯୋଦ୍ଧା ଭାବେ ସମ୍ବର୍ଦ୍ଧିତ କରାଯାଇଛି । କୋଭୀଡ-୧୯ ବିଶ୍ୱ ମହାମାରୀ ସଂକ୍ରମଣର ପ୍ରତିରୋଧ ପାଇଁ ଶ୍ରୀ ବର୍ମାଙ୍କ ନେତୃତ୍ୱରେ କେନ୍ଦ୍ରାପଡା ଜିଲ୍ଲାରେ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ କୁ ଉତ୍ସର୍ଗୀକୃତ ସେବା ମନୋଭାବରେଏ ପରିଚାଳନା କରିବା ରେ ଉଲ୍ଲେଖନୀୟ ଅବଦାନ ଥିବାରୁ ଭୁବନେଶ୍ୱର ଆସ୍ଥା ଫାଉଣ୍ଡେସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ସଂଗଠନର କମକର୍ତା ମାନେ ବୁଧବାର ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ରେ ଶ୍ରୀ ବର୍ମାଙ୍କୁ ମାନପତ୍ର , ଉତରୀୟ, ଓ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ । ସଂଗଠନର ସଭାପତି ଶୁଭକାନ୍ତ ସାମଲ ଙ୍କ ସମେତ ତିର୍ଥବାସୀ ବେହେରା, ମୋହନ ସାମଲ, ପ୍ରଭାସ ଚୌଧୁରୀ, ପାପୁନି ବସନ୍ତିଆ , ପ୍ରଦିପ ମିଶ୍ର ପ୍ରମୁଖ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ମାସ୍କ ପିନ୍ଧି ନଥିବା ଅଭିଯୋଗରେ ୨୦୭ ଜଣଙ୍କ ଠାରୁ ଜୋରିମାନା ଆଦାୟ କଲା ବ୍ରହ୍ମପୁର ପୋଲିସ

ଭୁବନେଶ୍ୱର,୧୮/୬ (ନି.ପ୍ର): ବ୍ରହ୍ମପୁରରେ ମାସ୍କ ପିନ୍ଧି ନଥିବା ଅଭିଯୋଗରେ ଗତ ୨୪ ଘଂଟାରେ ୨୦୭ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି ବୋଲି ବ୍ରହ୍ମପୁର ଏସପି ଟ୍ୱିଟ କରି ସୂଚନା ଦେଇଛନ୍ତି । ସେହିପରି ଏହି ସମୟ ମଧ୍ୟରେ ୧୨୪ ଟି ବାହନରୁ ଚାଲାଣ କଟା ଯାଇଥିବା ମଧ୍ୟ ସୂଚନା ଦିଆ ଯାଇଛି ।

# ରାଜ୍ୟରେ ଗତ ୨୪ ଘଂଟାରେ ୨୯୭୧ ନମୁନାର ପରୀକ୍ଷଣ

ଭୁବନେଶ୍ୱର,୧୮/୬ (ନି.ପ୍ର): ରାଜ୍ୟରେ ଗତ ୨୪ ଘଂଟାରେ ୨୯୭୧ ନମୁନାର ପରୀକ୍ଷା କରା ଯାଇଛି । ବର୍ତମାନ ସୁଦ୍ଧା ରାଜ୍ୟରେ ୨୦୮୪୭୨ ନମୁନାର ପରୀକ୍ଷଣ କରା ଯାଇ ସରିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି । ବିଭାଗ ପକ୍ଷରୁ କୁହା ଯାଇଛି ଯେ ବର୍ତମାନ ସୁଦ୍ଧା ରାଜ୍ୟରେ ୪୩୩୮ ଟି ମାମଲା ସାମନାକୁ ଆସିଛି ।

# ୪୦୭ ଧକ୍କାରେ ବୃଦ୍ଧ ମୃତ

କୋରେଇ,୧୮/୬ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ମାଳଆନନ୍ଦପୁର ପଂଚାୟତର ମଧପୁର ଗ୍ରାମର ଦୀନବନ୍ଧୁ ସାହୁଙ୍କ ପୁଅ ପାଇଧର (୭୩)ଙ୍କର ଘଟଣାସ୍ଥଳେ ମୃତ୍ୟୁ ଘଟିଛି । ପ୍ରକାଶ ଯେ, ବୁଧବାର ସନ୍ଧ୍ୟା ୭ଟାବେଳେ ମାଧପୁର ଗ୍ରାମ କଂକ୍ରିଟ୍ ରାସ୍ତାରେ ବାଇଧର ଚାଲି ଚାଲି ଆସୁଥିବା ବେଳେ ପଛ ପଟୁ ଏକ ୪୦୭ ତାଙ୍କୁ ଧକ୍କା ଦେବା ସହ ତାଙ୍କ ଉପରେ ଚଢ଼ି ଯାଇଥିଲା । ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା । ଖବରପାଇ ଆମେ ବିପଦର ସାଥି ସଦସ୍ୟମାନେ ସେଠାରେ ପହଂଚିଥିଲେ । ଘଟଣାସ୍ଥଳରେ ପୁଲିସ ପହଂଚି ଶବ ଜବତ କରିବା ସହ ୪୦୭ (ଓଆର୦୪କେ୨୪୯୪)କୁ ମଧ୍ୟ ଜବତ କରିଥିଲା । ଏ ନେଇ ଏକ ମାମଲା ରୁଜୁ କରାଯାଇ ପଂଚନାମା କରାଯାଇଥିବା ବେଳେ ଗୁରୁବାର ଶବ ବ୍ୟବଚ୍ଛେଦ ଯାଜପୁର ଜିଲ୍ଲା ସଦର ମହକୁମା ଡାକ୍ତରଖାନରେ କରାଯିବ ବୋଲି ପୁଲିସ ସୂତ୍ରରୁ ପ୍ରକାଶ ।

# ରଥଯାତ୍ରା ହେବା ପାଇଁ ଜିଲ୍ଲାପାଳଙ୍କ ସହ ସେବକ ସଂଘର ଆଲୋଚନା

କେନ୍ଦ୍ରାପଡ଼ା,୧୮/୬ (ନି.ପ୍ର): କେନ୍ଦ୍ରାପଡାର ଆରାଧ୍ୟ ଦେବ ଶ୍ରୀ ବଳଦେବଜୀୟୁଙ୍କ ଚଳିତ ବର୍ଷ ରଥାଯାତ୍ରା ଯଥାରୀତି ପାଳନ କରିବା ପାଇଁ ମନ୍ଦିର ର ସେବାୟତ ଓ ସାଧାରଣ ଜନତାଙ୍କ ପକ୍ଷରୁ ଦାବି କରାଯାଇଛି । ଏନେଇ ସେବକ ସଂଘର ପ୍ରତିନିଧି ଓ ସ୍ଥାନୀୟ ଶ୍ରଦ୍ଧାଳୁମାନଙ୍କ ପକ୍ଷରୁ ଏକ ପ୍ରତିନିଧି ମଣ୍ଡଳୀ ବୁଧବାର ଅପରାହ୍ନରେ ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ ଭେଟି ଆଲୋଚନା କରିଥିଲେ । ମନ୍ଦିର ପରିଚାଳନା ପରିସରର ପୂର୍ବ ନିଷ୍ପତି ଅଣୁଯାଇ ଜିଲ୍ଲା ପ୍ରଶାସନର ଅନୁମତି ପାଇଁ ଦାବି ଉପସ୍ଥାପନ କରାଯାଇଛି । କରୋନା କଟକଣାର ସମସ୍ତ ନିୟମ କାନୁନ ପାଳନ କରାଯାଇ କେବଳ ସେବକ ପରିବାର ର ଯୁବ ସଦସ୍ୟ ବଳଦେବ ସେନାର ସଦସ୍ୟ, ଓ ସ୍ୱଳ୍ପ ସଂଖ୍ୟକ ଶ୍ରଦ୍ଧାଳୁ ତଥା ପୋଲିସ ପ୍ରଶାନ ସହାୟତା ରେ ରଥଟଣା ଯାଇ ପାରିବ ବୋଲି ଜିଲ୍ଲାପାଳଙ୍କ ଠାରେ ଦାବି ଉପସ୍ଥାପନ କରାଯାଇଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ଶ୍ରୀ ବର୍ମାଙ୍କ ସମେତ ଏସପି ନୀଶେଖର, ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତ, ଉପ ଜିଲ୍ଲାପାଳ ଜ୍ୟୋତିଶଙ୍କର ମହାପାତ୍ର, ପୌର ନିର୍ବାହୀ ଅଧିକାରୀ ଦେବ ପ୍ରଦସାଦ ବଳଙ୍କ ସମେତ ମନ୍ଦିର ପ୍ରଶାସନର ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, ସେବକ ଟ୍ରଷ୍ଟି ବଳରାମ ସୁଆର, ଧିନେ ସାହୁ, ସଂଜୟ କୁମାର ପତ୍ରୀ, ନୃସିଂହ ପ୍ରସାଦ ପତ୍ରୀ, ମାଧବ ଚନ୍ଦ୍ର ପତ୍ରୀ, ଟ୍ରଷ୍ଟି ଜଜାତି କେଶର ମହାନ୍ତି ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ଉପାନ୍ତ ସମାଡପଦରରେ ପ୍ରବାସୀଙ୍କୁ ଶୁଖିଲା ଖାଦ୍ୟ ବଂଟନ

ନୂଆପଡ଼ା,୧୮/୬ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆୟୁଷ୍କାମ ତରଫରୁ ୨ ଦିନ ଧରି ପ୍ରବାସୀ ମାନଙ୍କୁ ରିଲିଫ ପ୍ରଦାନ କରାଯାଇଛି । ବୋଡେନ ବ୍ଲକର ବୋଏରଗା ପଂଚାୟତରେ ୨୫୦ ଜଣ ଏବଂ ଖଡିଆଳ ବ୍ଲକର ରାଣିମୁଣ୍ଡା ପଂଚାୟତର ଉପାନ୍ତ ଅଂଚଳ ମହୁଲକୋଟ ଏବଂ ସମାଡପଦରର ଗ୍ରାମର ୧୫୦ ଜଣ ପ୍ରବାସୀ ଶ୍ରମିକ ମାନଙ୍କୁ ସୁଖିଲା ଖାଦ୍ୟ ବଂଟନ କରାଯାଇଛି । ରାଣିମୁଣ୍ଡା ପଂଚାୟତର ଉପାନ୍ତ, ଦୁର୍ଗମ ତଥା ସମୁଦ୍ର ପତନ ଠାରୁ ୧ ହଜାରରୁ ଅଧିକ ଫୁଟ ଉଚ୍ଚତା ମଧ୍ୟରେ ଘଂଚ ଜଙ୍ଗଲରେ ରହୁଥିବା ପ୍ରବାସୀ ଶ୍ରମିକ, ଏକାକୀ ମହିଳା, ଅସହାୟ, ବୃଦ୍ଧ, ବୃଦ୍ଧା ଏବଂ ଦିବ୍ୟାଙ୍ଗ ମାନଙ୍କୁ କୋଭିଡ-୧୯ ରିଲିଫ ବଂଟନ କରାଯାଇଥିଲା ଆୟୁଷ୍କାମ ଅନୁଷ୍ଠାନର କର୍ମକର୍ତା ୱାର୍ଡସଭ୍ୟା ହେତୁବତୀ ରାଉତ, ଅମ୍ବିକା ମାଝୀ ଏବଂ ସରପଂଚ ଜାନକୀ ମାଝୀଙ୍କ ନେତୃତ୍ୱରେ ରିଲିଫ ବଂଟନ କରାଯାଇଥିଲା । ରିଲିଫରେ ନିତ୍ୟ ବ୍ୟବହାର୍ଯ୍ୟ ଚାଉଳ, ଡାଲି, ତେଲ, ହଳଦୀ, ମରିଚ, ମସଲା, ଚିନି, ଚା, ସୋୟାବଡି, ଆଳୁ, ପିଆଜ, ଲୁଣ, ସାବୁନ, ଚୁଡା, ସର୍ପ ସହିତ ମାସ୍କ ପ୍ରଦାନ କରାଯାଇଥିଲା । ଏହାସହ କୋଭିଡ ମହାମାରୀ ସମ୍ପର୍କରେ ଲୋକଙ୍କୁ ସଚେତନ କରି କିପରି ରକ୍ଷା ପାଇପାରିବେ ସେସମ୍ପର୍କରେ ବୁଝାଇଥିଲେ । କାର୍ଯ୍ୟକ୍ରମକୁ ହଙ୍ଗର ପ୍ରକଳ୍ପ ନୂଆଦିଲ୍ଲୀ ସହାୟତା କରିଥିବା ବେଳେ ଆୟୁଷ୍କାମର ଜିଲ୍ଲା ସଂଯୋଜକ ସୈତନ୍ୟ ସା, ବ୍ଲକ ସଂଯୋଜକ ତରୁଣ କୁମାର ସା, ସତ୍ୟ ମେହେର, ପରେଶ ଗହୀର ପ୍ରମୁଖ ପରିଚାଳନା କରିଥିଲେ ।

# ଥୁରୁବୁରାଇ ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଶାଖାରେ ଲୁଟ୍ ଉଦ୍ୟମ ବିଫଳ

ଗଞ୍ଜାମ,୧୮/୬ (ନି.ପ୍ର): ଗଞ୍ଜାମ ଜିଲ୍ଲା ଶେରେଗଡ଼ ବ୍ଲକ୍ ଥୁରୁବୁରାଇ ସ୍ଥିତ ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଶାଖାରେ ଗତକାଲି ବିଳମ୍ବିତ ରାତିରେ କେତେକ ଦୁର୍ବୃତ ଲୁଟ୍ କରିବା ଉଦ୍ୟମ କରି ବିଫଳ ହୋଇଛନ୍ତି । ବ୍ୟାଙ୍କର ମୁଖ୍ୟ ଫାଟକ ଭାଙ୍ଗି ବ୍ୟାଙ୍କରେ ପଶିଥିଲେ ମଧ ଦୁର୍ବୃତ ମାନେ ଲକର ଭାଙ୍ଗି ପାରିନଥିଲେ । ସକାଳେ ବ୍ୟାଙ୍କ ପରିଚାଳକଙ୍କ ଠାରୁ ଅଭିଯୋଗ ପାଇ ଆସିକା ଏସଡ଼ିପିଓ ସୂର୍ଯ୍ୟମଣି ପ୍ରଧାନ ଓ ହିଞ୍ଜିଳି ଥାନା ଅଧିକାରୀ ଅଭିମନ୍ୟୁ ଦାଶ ଘଟଣାସ୍ଥଳରେ ପହଂଚି ସାଇଂଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସାହାୟତାରେ ତଦନ୍ତ ଜାରୀ ରଖିଛନ୍ତି । ଏ ସଂକ୍ରାନ୍ତରେ ହିଞ୍ଜିଳିକାଟୁ ଥାନାରେ ୨୦୫/୨୦ ରେ ଏକ ମାମଲା ରୁଜୁ ହୋଇଛି ।

# ପଡୁଆଁ ଗ୍ରାମରେ ଏକ ଦାରୁ ଉଦ୍ଧାର

ଭଦ୍ରକ, ୧୮/୬ (ହି.ସ.) - ଭଦ୍ରକ ଜିଲା ବାସୁଦେବପୁରର ବ୍ଲକ୍ ଅନ୍ତର୍ଗତ ପଡୁଆଁ ଗ୍ରାମ ମୋହନପୁର ସମୁଦ୍ର କୂଳରୁ ଏକ ଦାରୁ ଉଦ୍ଧାର ହୋଇଛି । ଆଡିଆ ଗ୍ରାମର ନନ୍ଦିଆ ମାଝୀ ନାମକ ଧୀବର ସମୁଦ୍ର ନିକଟ ବେଢରେ ମାଛ ଜାଲ ବସାଉଥିବା ସମୟରେ ଏକ କାଠଗଣ୍ଡି ଭାସୁଥିବା ଓ ଏକ ନାଲି କପଡା ବନ୍ଧା ହୋଇଥିବା ଦେଖିବାକୁ ପାଇଲା । ସେ ଆସି ଗ୍ରାମରେ କହି ସାଥୀରେ କିଛି ଯୁବକଙ୍କୁ ନେଇ ରାତିରେ ଯାଇ ଏକ ବନି ଗଛରେ ବାନ୍ଧି ଆସିଥିଲେ । ସକାଳ ସମୟରେ ସରପଞ୍ଚଙ୍କ ସହିତ ସ୍ଥାନୀୟ ଗ୍ରାମବାସୀମାନେ ଯାଇ ସେଠାରେ ପାଇନଥିଲେ । ଦୀର୍ଘ ସମୟ ଖୋଜାଖୋଜି ପରେ ପାଇ ପାଖରେ ଥିବା ଏକ ମନ୍ଦିର ନିକଟରେ ଆଣି ରଖିଛନ୍ତି । ଦାରୁଟି କେଉଁଠୁ କିପରି ଆସିଲା, ତାହା ଏବେ ଚର୍ଚ୍ଚାର ବିଷୟ ହୋଇଛି । କେହି କେହି ସମୁଦ୍ର ନିକଟରେ ତିଆରି ହେଉଥିବା ଏକ ଜଗନ୍ନାଥ ମନ୍ଦିର ପାଇଁ ଆସିଥିବାର କହୁଛନ୍ତି ।

# କରୋନା ମହାମାରୀରେ ମହାଦୁର୍ନୀତି : ଲୋକାୟୁକ୍ତଙ୍କ ଦ୍ୱାରସ୍ଥ ହେଲା କଂଗ୍ରେସ

ଭୁବନେଶ୍ୱର,୧୮/୬ (ନି.ପ୍ର): କରୋନା ମହାମାରୀରେ ମହାଦୁର୍ନୀତି ମାମଲାରେ କଂଗ୍ରେସ ଲୋକାୟୁକ୍ତଙ୍କ ପାଖରେ ମାମଲା ଦାୟର କରିଛି । କରୋନା ମହାମାରୀ ସମୟରେ ଓଡ଼ିଶା ଔଷଧ ନିଗମ ଦ୍ୱାରା ମାସ୍କ, ଟେଷ୍ଟିଂଗ କିଟ, ରିଏଲଟାଇମ ପିସିଆର, ରେପିଡ୍ ଟେଷ୍ଟିଂ ମେସିନ, ପିପିଇ, ନେବୁଲାଇଜର, ବାଇପାପ୍ ମେସିନ୍ ଇତ୍ୟାଦି କିଣାରେ ଦୁର୍ନୀତିର ତଦନ୍ତ ସହିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ବୁଧବାର ଶ୍ରୀ ସୁଦର୍ଶନ ଦାସ ଲୋକାୟୁକ୍ତଙ୍କ ପାଖରେ ଏକ ମାମଲା ଦାୟର କରିଛନ୍ତି । କଂଗ୍ରେସ ନେତା ତଥା ବିଧାୟକ ଶ୍ରୀ ସୁରେଶ କୁମାର ରାଉତରାୟ, ଶ୍ରୀ ତାରାପ୍ରସାଦ ବାହିନୀପତି, ପୂର୍ବତନ ଅର୍ଥ ମନ୍ତ୍ରୀ ପଂଚାନନ କାନୁନଗୋ, ବିଶିଷ୍ଟ ଆଇନଜୀବି ଶ୍ରୀ ଧରଣୀଧର ନାୟକ, ମନୋରଞ୍ଜନ ଦାସ ପ୍ରମୁଖଙ୍କ ଗହଣରେ ଯାଇ ଲୋକାୟୁକ୍ତଙ୍କ ପାଖରେ ଶ୍ରୀ ଦାସ ପିଟିସନ ଦାଖଲ କରିଛନ୍ତି । ଲୋକାୟୁକ୍ତ ଅଧ୍ୟକ୍ଷ ପିଟିସନଟିକୁ ଗ୍ରହଣ କରିଛନ୍ତି । ଆଇନ ଅନୁସାରେ ଯଥାବିଧି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କହିଛନ୍ତି ।

# ଘରେ କରନ୍ତୁ ପାକଶାଳା ବଗିଚା

ଆଜିକାଲି ନିଜ ବ୍ୟସ୍ତ ବହୁଳ ସମୟ ଭିତରେ ମଣିଷ ଟିକେ ବି ଖାଲି ସମୟ କାଢ଼ିବା ଅତି କଷ୍ଟକର । ସୀମିତ ସମୟ ମଧ୍ୟରେ ଏବେ ନିଜ ଘର ଚାରିପଟ ବାଡ଼ିବଗିଚାର ବି ଯତ୍ନ ନେବା ସମ୍ଭବପର ନୁହଁ । ଆଗରୁ ଏକପ୍ରକାର ସମୟ ଥିଲା ଲୋକେ ଯେତେ କାର୍ଯ୍ୟବ୍ୟସ୍ତତାରେ ରହିଲେ ବି ସକାଳୁ କିଛି ସମୟ ନିଜ ବାଡ଼ିବଗିଚା ପାଇଁ ଦେଉଥିଲେ । ସେଥିରୁ ନିଜ ଦେହ ବି ସୁସ୍ଥ ଆଉ ମନ ବି ହାଲୁକା ରହୁଥିଲା । କିନ୍ତୁ ଏବେ ସମୟ ବଦଳିଗଲାଣି । ଆଧୁନା ବାଡ଼ିବଗିଚା ଦୂର କଥା ଲୋକେ ସପିଙ୍ଗ ମଲ୍‌ରୁ ପନିପରିବା କିଣିବା ଆରମ୍ଭ କଲେଣି । ପରିବେଶବିତ୍‌ଙ୍କ ମତରେ ଆଉ କିଛି ବର୍ଷ ପରେ ନିଜ ଘର ବାଡ଼ିବଗିଚା ବୋଲି ଶବ୍ଦ ନିଶ୍ଚିହ୍ନ ହୋଇଯିବ । ତେବେ ପାକଶାଳା ବଗିଚା- ଉଦ୍ୟାନ କୃଷିର ଏକ ବାସ୍ତବ ଉପଲବ୍ଧି । ଯେଉଁଠାରେ ଘରର ପାଖ କିଛି ସ୍ଥାନରେ ଆମେ ପନିପରିବା ଲଗାଇ ନିଜ ଘରର ଆବଶ୍ୟକତାକୁ ପୂରଣ କରିପାରିବା । ବିଭିନ୍ନ ଋତୁରେ ପନିପରିବା ଲଗାଇବା ସହ ଏହା ପରିବେଶର ଭାରସାମ୍ୟ ରକ୍ଷାରେ ସାହାଯ୍ୟ କରିବ । ନିଜ ପରିବାର ଲୋକଙ୍କ କିଛି ସମୟରେ ଏହି ପାକଶାଳା ବଗିଚା ଖୁବ୍ କମ୍ ଦିନରେ ଏକ ପ୍ରକୃଷ୍ଟ କୃଷିର ମାଧ୍ୟମ ହୋଇପାରିବ, ଏଥିରେ ସନ୍ଦେହ ନାହିଁ । ସାଧାରଣତଃ ପାକଶାଳା ବଗିଚାରେ ଦେଶୀ ପରିବା ଯଥା- ମୂଳା, ଲଙ୍କା, ଶାଗ, ଟମାଟୋ ଆଦି ଲଗାଯାଇପାରିବ ।

ପାକଶାଳା ବଗିଚା ସେମିତି କିଛି ନୂତନତାର ଅନୁଭବ ନୁହେଁ । ଲୋକେ ବଜାରରୁ ବିଭିନ୍ନ ରାସାୟନିକ ପଦାର୍ଥ ମିଶା ପରିବା ଖାଇ ରୋଗରେ ପଡୁଛନ୍ତି । କିନ୍ତୁ ଯଦି ପରିବାରର ସବୁ ସଦିସ୍ୟ ଘର ପାଖରେ ସକାଳ ଓ ସନ୍ଧ୍ୟାର କିଛି ସମୟ ଦେଇ ଜୈବିକ ଉପାୟ ଅବଲମ୍ବନ କରି ପାକଶାଳା ବଗିଚାଟିଏ କରିପାରିନ୍ତେ, ତାହାଲେ ଏସବୁର ସମ୍ମୁଖୀନ ହେବାକୁ ପଡ଼ନ୍ତାନି ।

**ପାକଶାଳା ବଗିଚାର ଉପଯୋଗିତା :**

-ପୁଷ୍ଟିକର ପନିପରିବା ଉତ୍ପାଦନ କରାଯାଇପାରିବ ।

-ବଜାରରୁ ପନିପରିବା ବାବଦରେ କରୁଥିବା ଅପବ୍ୟୟକୁ ରୋକାଯାଇପାରିବ ।

-ନିଜ ଘରୀ ରୋଷେଇ ଶାଳାର ବର୍ଜ୍ୟବସ୍ତୁକୁ ଜୈବିକ ଖତ ଭାବେ ବ୍ୟବହାର କରାଯାଇପାରିବ ।

-ନିଜ ଘର ପାଖର ଖାଲି ସ୍ଥାନର ଉପଯୁକ୍ତ ସଦୁପଯୋଗ କରିହେବ ।

ସ୍ଥାନ ମନୋନୟନ :

ପାକଶାଳା ବଗିଚା ପାଇଁ ସର୍ବପ୍ରଥମେ ଆମକୁ ସ୍ଥାନ ଚିହ୍ନଟ କରିବା ଏକାନ୍ତ ଆବଶ୍ୟକ । ଏଥିପାଇଁ କେତୋଟି ପ୍ରମୁଖ ଦିଗ ଉପରେ ଧ୍ୟାନ ଦେବାକୁ ପଡ଼ିବ । ଯେପରି ଏହା ଭିତରକୁ କୌଣସି ପଶୁମାନେ ଆସିପାରୁନଥିବେ । ଜଳସେଚନ ଠିକ୍ ଭାବେ କରିହେଉଥିବ । ମୃତ୍ତିକାର ଉର୍ବରତାକୁ ଲକ୍ଷ୍ୟ କରିବା ଦରକାର । ସୂର୍ଯ୍ୟାଲୋକ ଠିକ୍ ଭାବେ ପଡ଼ିପାରୁଥିବ । ଏହିସବୁ ଦିଗରେ ଧ୍ୟାନ ଦେବା ଦରକାର ।





ଏହାଛଡ଼ା ଜଳସେଚନ କିପରି ଠିକ୍ ଭାବେ କରିହେବ, ତାହାକୁ ଲକ୍ଷ୍ୟ କରିବା ଉଚିତ । ମଲଚିଙ୍ଗ୍ ଦ୍ୱାରା ପବନ ଠାରୁ ମାଟି କ୍ଷୟ ହେବାକୁ ରୋକାଯାଇପାରିବ । ଏହା ଦ୍ୱାରା ମାଟିର ଉତ୍ପାଦନ ହାର ବଢ଼ିଥାଏ । ଜୈବିକ ଉପାୟରେ ଗଛକୁ ରୋଗପୋକ ଦାଉରୁ ରକ୍ଷା କରିବା ପାଇଁ ଜୀବାମୃତ, ପଞ୍ଚ ଗବ୍ୟ, ଅମୃତପାଣି ପ୍ରଭୃତି ବ୍ୟବହାର କରିପାରିବା । ଏହାଛଡ଼ା ଜିଆଖତକୁ ମଧ୍ୟ ବ୍ୟବହାର କରାଯାଇପାରିବ ।

ପ୍ରମୁଖତଃ ପାକଶାଳା ବଗିଚାରେ ଆମେ ବଗିଚାର ଚାରିପଟେ କେଉଁ ଗଛ ଲାଗିବ ସେଥିପ୍ରତି ଧ୍ୟାନ ଦେବା ଦରକାର । ଏହା ଏମିତିହେବା ଆବଶ୍ୟକ ଯାହା ବଗିଚା ଭିତରେ ଲାଗିଥିବା ଗଛକୁ ସୁରକ୍ଷା ଦେଇପାରୁଥିବ । ଯେପରିକି ରୋଗପୋକ ଦାଉରୁ ରକ୍ଷା, ଅନାବନା ଘାସ ଦମନ ଇତ୍ୟାଦି । ସୁତରାଂ ଏହା ଆଜି ଯୁବସମାଜ ତଥା ସମାଜର ସବୁ ବର୍ଗର ଲୋକଙ୍କ ପାଇଁ ଆହ୍ୱାନ । ଏବେ ତ ବନମହୋତ୍ସବର ସପ୍ତାହ ଗଲା । କେବଳ ଗଛଟିଏ ଲଗେଇ ଦେଲେ ହେବନି ବରଂ ଏହାର ଉପଯୁକ୍ତ ଯତ୍ନ ନେବା ଆବଶ୍ୟକ । ତେଣୁ ସମସ୍ତେ ଯଦି ନିଜ କାର୍ଯ୍ୟଭାର ଭିତରୁ ସମୟ କାଢ଼ି ନିଜ ଘରେ ପାକଶାଳା ବଗିଚାଟିଏ କରିପାରନ୍ତେ । ତେବେ ଭବିଷ୍ୟତରେ ଆମେ ସୁସ୍ଥ ପନିପରିବା ପାଇବା ସହ ଏକ ଶାନ୍ତ ଓ ନିରାମୟ ଜୀବନଯାପନ କରିପାରିବ ।

## ବ୍ରେଡ୍ ଟୋଷ୍ଟ

ବ୍ୟସ୍ତ ଜୀବନରେ ରବିବାରର ଗୁରୁତ୍ୱ ଯଥେଷ୍ଟ ଅଧିକ । ଏହି ଦିନଟିକୁ ଆଉ ଟିକେ ବିଶେଷ କରିବା ଲାଗି କିଛି ପାଟି ସୁଆଦିଆ ଖାଦ୍ୟ ପ୍ରସ୍ତୁତ କରି ଦେଖନ୍ତୁ ତ ! ଶୀତୁଆ ପାଗରେ ଗରମ ଛଣାଛଣି ଖାଇବା ଲାଗି ଖୁବ୍ ଇଚ୍ଛା ହୁଏ । ଚା' ସାଙ୍ଗକୁ ବ୍ରେଡ ପକୋଡ଼ା ଖୁବ୍ ସ୍ୱାଦିଷ୍ଟ ଲାଗେ । ତେବେ ସ୍ୱାସ୍ଥ୍ୟ ଦୃଷ୍ଟିରୁ ଅନେକ ତେଲଛଣା ଖାଇବାକୁ ପସନ୍ଦ କରୁନାହାନ୍ତି । ତାଓ୍ୱାରେ କମ୍ ତେଲରେ ବ୍ରେଡ୍ ପକୋଡ଼ା ବଦଳରେ ଟୋଷ୍ଟ ପ୍ରସ୍ତୁତ କରିପାରିବେ, ଯାହା ସ୍ୱାଦିଷ୍ଟ ଏବଂ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଉପକାରୀ ।

**ଆବଶ୍ୟକ ସାମଗ୍ରୀ:**

ପାଉଁରୁଟି-୪ଟି, ବେସନ- ୧ କପ୍, ଦହି୧/୨ କପ୍, ଛୋଟ ଛୋଟ କଟାଯାଇଥିବା ଗୋଟିଏ ଶିମଳା ଲଙ୍କା, ଗୋଟିଏ ଟମାଟୋ, ଦୁଇଟି କଞ୍ଚାଲଙ୍କା ଏବଂ କିଛି ଧନିଆପତ୍ର, ଚିମୁଟାଏ ବେକିଂସୋଡ଼ା, ତେଲ-୨ରୁ ୩ ବଡ଼ ଚାମଚ, ଛୋଟ ଚାମଚରେ ଚାରିଭାଗରୁ ଭାଗେ ଲଙ୍କାଗୁଣ୍ଡ, ହଳଦିଗୁଣ୍ଡ ଏବଂ ୧ ଚାମଚ ଧନିଆ ଗୁଣ୍ଡ, ସ୍ୱାଦାନୁସାରେ ଲୁଣ ।



**ପ୍ରସ୍ତୁତି:**

ବେସନ ଏକ ପାତ୍ରରେ ବାହାର କରି ସେଥିରେ ଦହି ଗୋଳାଇ ଦିଅନ୍ତୁ । ଏହା ସହିତ ଅଳ୍ପ ପାଣି ଦେଇ ପିଠଉ ପ୍ରସ୍ତୁତ କରିନେବେ ଯାହା ବେଶୀ ପତଳା କି ବହଳିଆ ନହେବା ଉଚିତ । ୨-୩ ମିନିଟ୍ ଏହି ମିଶ୍ରଣକୁ ଭଲଭାବେ ଫେଣ୍ଟି ସେଥିରେ ଲୁଣର, ଧନିଆଗୁଣ୍ଡ, ଲଙ୍କାଗୁଣ୍ଡ, ହଳଦିଗୁଣ୍ଡ, କଟା କଞ୍ଚାଲଙ୍କା, ବେକିଂସୋଡ଼ା ଆଦି ପକାଇ ଭଲଭାବେ ଗୋଳାଇଦେବେ । ଏହାପରେ କଟା ଟମାଟୋ, ଶିମଳା ଲଙ୍କା, ଧନିଆପତ୍ର ମିଶାଇ ଦିଅନ୍ତୁ । ଏବେ ବ୍ରେଡ ଟୋଷ୍ଟ ପ୍ରସ୍ତୁତ କରିବା ଲାଗି ଏକ ପାଉଁରୁଟି ଉପରେର ଅଳ୍ପ ବେସନ ମିଶ୍ରଣ ଲଗାଇ ଭଲଭାବେ ଖେଳାଇ ଦିଅନ୍ତୁ । ଚୁଲିରେ ତାଓ୍ୱା ବସାଇ ସେଥିରେ ୨-୩ ଚାମଚ ତେଲ ଦେବେ । ଗରମ ହୋଇଗଲେ ବେସନ ଲଗାଇଥିବା ପାର୍ଶ୍ୱ ତାଓ୍ୱାରେ ରଖି ସେକିବା ପାଇଁ ରଖିଦିଅନ୍ତୁ । ଏବେ ଉପରେ ମଧ୍ୟ କିଛି ମିଶ୍ରଣ ଲଗାଇଦେବେ । ତାଓ୍ୱାରେ ଯେତୋଟି ଜାଗା ହେବ, ସେତିକିଟି ପାଉଁରୁଟି ଏପରି ଭାବେ ରଖି ଘୋଡ଼ାଇ ଦିଅନ୍ତୁ । ହାଲ୍‌କା ଆଞ୍ଚରେ ୨-୩ ମିନିଟ୍ ଏହାକୁ ବସାଇବେ । ତଳପଟୁ ପାଉଁରୁଟି ସୁନେଲି ରଙ୍ଗର ହୋଇ ଭଲଭାବେ ସେକି ହୋଇଯାଇଥିଲେ ଏବେ ଉପରପଟେ ଟିକେ ତେଲ ଦେଇ ଏହାକୁ ଓଲଟାଇ ଦିଅନ୍ତୁ ଏବଂ ଆଉ ୩ ମିନିଟ୍ ସେହିପରି ଘୋଡ଼ାଇ ସେକନ୍ତୁ । ଏହାପରେ ଯଦି କମ୍ ସେକି ହୋଇଥିବାର ଦେଖାଯାଏ, ତେବେ ପୁଣି ଓଲଟାଇ ଖୋଲାରେ ୧ରୁ ଦେଢ଼ ମିନିଟ୍ ପର୍ଯ୍ୟନ୍ତ ସେକିଦେବେ । ବ୍ରେଡ୍ ଟୋଷ୍ଟ ପ୍ରସ୍ତୁତ । ଏହାକୁ କୋଣାକାର ଭାବେ କାଟି ଧନିଆପତ୍ର ଚଟଣି, ଟମାଟୋ ସସ୍ କିମ୍ୱା ଚିଲି ସସ୍ ସହିତ ଗରମ ଗରମ ପରଷି ଦିଅନ୍ତୁ ।

## ଉଚ୍ଚମାନର ରାସ୍ତା

ବ୍ରିଟେନ୍ ଗବେଷକ ଦଳ ଗ୍ରେଫିନ୍ ତତ୍ତ୍ୱର ବ୍ୟବହାର କରି ଏକ ପଦାର୍ଥ ତିଆରି କରିଛନ୍ତି, ଯାହାକୁ ସଡ଼କ ତିଆରିରେ ବ୍ୟବହାର କରାଯିବ । ଗବେଷକଙ୍କ ମତରେ ଏଇ ପଦାର୍ଥ ବ୍ୟବହାର କରି ସଡ଼କ ତିଆରି କରାଗଲେ, ଅନ୍ତତଃ ୧୦୦ ବର୍ଷ ପର୍ଯ୍ୟନ୍ତ ସଡ଼କ ସୁରକ୍ଷିତ ରହିବ । ଆଜିର ସମୟରେ ଉଚ୍ଚମାନର ରାସ୍ତା ତିଆରି କରାଯିବା ସତ୍ତ୍ୱେ ଅଳ୍ପ କିଛି ବର୍ଷ ପରେ




ସେଗୁଡ଼ିକ ଭାଙ୍ଗିଯାଇଥାଏ । ଖାଲଖମା ହେବା ସହ ବର୍ଷାଦିନରେ ପାଣି ଜମି ରହି ଗାଡ଼ି, ମଟର ଦୁର୍ଘଟଣା ମଧ୍ୟ ହୁଏ । ତେବେ ଏହି ଗ୍ରେଫିନ୍‌ଯୁକ୍ତ ତତ୍ତ୍ୱ ରାସ୍ତା ତିଆର ହେଲେ, ସେଥିନିମନ୍ତେ ୨୦ ଗୁଣ ଅଧିକ ଖର୍ଚ୍ଚ ହେବ ବୋଲି ବିଶେଷଜ୍ଞ ଦଳ ପ୍ରକାଶ କରିଛନ୍ତି । ମାତ୍ର ୧୦ ଦିନରେ ରାସ୍ତ ତିଆରି ହୋଇଯିବା ବେଳେ ରାସ୍ତା ଭାଙ୍ଗିବାର ଭୟ ମଧ୍ୟ ନାହିଁ । ପ୍ରତି ୩୦ ବର୍ଷରେ ଥରେ ରାସ୍ତାରେ ପୁନଃ ଗ୍ରେଫିନ୍ ତତ୍ତ୍ୱ ମିଶ୍ରଣ କରାଗଲେ, ରାସ୍ତା ଅଧିକ ଦୀର୍ଘସ୍ଥାୟୀ ହେବ ।

## ଦୁବାଇର ରାସ୍ତା ସ୍ଥିତି

ଧନିକ ରାଷ୍ଟ୍ର ଭାବେ ଦୁବାଇ ପରିଚିତ । ସେଠାକାର ଶେଖ୍‌ମାନେ ସ୍ୱର୍ଣ୍ଣଖଚିତ କାର୍‌ରେ ବୁଲିବା ସହ ବାଘ ପରି ପ୍ରାଣୀରୀକୁ ପୋଷାଜନ୍ତୁ ଭାବେ ଘରେ ରଖନ୍ତି । ବିଳାସବ୍ୟସନରେ ରହିବା ସେମାନଙ୍କ ମୁଖ୍ୟ ସଉକ୍ କହିଲେ ଭୁଲ ହେବନାହିଁ । ଶେଖ୍‌ଙ୍କ ପିଲାମାନେ ହେଲିକପ୍ଟରରେ ବିଦ୍ୟାଳୟ ଯାଇଥାନ୍ତି । ୨୦୧୯ ଜାନୁଆରୀରେର ଦୁବାଇର ରାସ୍ତାଘାଟ ନେଇ ଏକ ଅନୁଧ୍ୟାନ ହୋଇଥିଲା । ବ୍ରିଟେନ୍‌ର ଏକ ସଂସ୍ଥା ଏହି ସର୍ବେକ୍ଷଣ କରିଥିବାର ପ୍ରକାଶ । ଦୁବାଇ ସଡ଼କରେ ଦୈନିକ ସଂଖ୍ୟାଧିକ କାର୍ ଯାତାୟତ କରୁଥିବାବେଳେ କାଁଭାଁ ମଟରସାଇକଲ୍‌ରେ ଲୋକେ ଯାତାୟତ କରିଥାନ୍ତି । ୮୭% କାର୍ ବହୁ ମୂଲ୍ୟର ବୋଲି ଜଣାପଡ଼ିଛି । ଅନ୍ୟପାଖେ କେବଳ ଖାଦ୍ୟ ଡେଲିଭରୀ କରୁଥିବା ଲୋକ ଓ ଖବରକାଗଜ ଘରେ ଘରେ ପକାଉଥିବା ହକର୍ ହିଁ ମଟରସାଇକଲ୍ ଚଳାଇଥାନ୍ତି । ଗୋଟିଏ ଦିନରେ ସେଠାକାର ରାସ୍ତାରେର ୧୦ ଜଣରୁ କମ୍ ଲୋକ ସାଇକଲ ଚଳାଉଥିବାର ଜଣାପଡ଼ିଛି ।

# ରଙ୍ଗିନ୍ ସହର ଗ୍ୟାଙ୍ଗଟକ୍

**ତୁଷାରାଚ୍ଛନ୍ନ ଗିରିଶୃଙ୍ଗ, ସବୁଜିମାଭରା ପରିବେଶ, ଅଙ୍କାବଙ୍କା ପାହାଡ଼ି ନଈ, ରଙ୍ଗିନ ପ୍ରଜାପତି ଓ ଅର୍କିଡ୍‌ର ସହର ହେଲା ଗ୍ୟାଙ୍ଗଟକ୍ । କେଉଁ ଅଜଣା ଚିତ୍ରକରର ଯାଦୁକରୀ ସ୍ପର୍ଶରେ ଅପରୂପା ଶୋଭାଧାରଣା କରିଛି ଏହି ଶୈଳମଣ୍ଡିତ ସହର । ଅନନ୍ୟ ଏହା ପ୍ରାକୃତିକ ଶୋଭା ।**



କେବେ ଯିବେ:

ଗ୍ୟାଙ୍ଗଟକ୍ ଭ୍ରମଣ କରିବାର ସମୟ ହେଉଛି ମାର୍ଚ୍ଚରୁ ଜୁନ୍ ଏବଂ ଅକ୍ଟୋବରରୁ ଡିସେମ୍ବର । ତେବେ ଏପ୍ରିଲରୁ ମେ ମାସରେ ଏହି ରାଜ୍ୟକୁ ସର୍ବାଧିକ ପର୍ଯ୍ୟଟକ ଆସିଥାନ୍ତି । ଅକ୍ଟୋବର ମାସରେ ମଧ୍ୟ ନୂଆ କରି ଫୁଲ ଫୁଟିଥାଏ । ନଭେମ୍ବର ମାସରେ ଆକାଶ ମେଘମୁକ୍ତ ରହୁଥିବାରୁ ପ୍ରକୃତିର ନୈସର୍ଗିକ ଶୋଭା ଉପଭୋଗ କରିହୁଏ । ଏଠାକାର ଅଧିବାସୀମାନେ ମଧ୍ୟ ବେଶ ସରଳ ଓ ନିରାଡମ୍ବର ଜୀବନ ଯାପନ କରନ୍ତି ।



କେମିତି ଯିବେ, କେଉଁଠି ରହିବେ:

ଗ୍ୟାଙ୍ଗଟକ୍ ଯିବା ପାଇଁ ରେଳପଥର ସୁଯୋଗ ନାହିଁ । ନିଉଜଲପାଇଗୁଡ଼ି କିମ୍ୱା ଦାର୍ଜିଲିଂରୁ କଣ୍ଡକଟେଡ୍ ଟୁର୍‌ରେ ବସ କିମ୍ୱା ଘରୋଇ ଗାଡ଼ି ଯୋଗେ ଗ୍ୟାଙ୍ଗଟକ୍ ଭ୍ରମଣ ରେ ଯାଇପାରିବେ । ଏଠାରେ ରହିବା ପାଇଁ ଛୋଟବଡ଼ ଅନେକ ହୋଟେଲ ରହିଛି ।

ପୂର୍ବ ହିମାଳୟର 'ବିଉଟି ସ୍ପଟ' ସିକିମ, ଦେଶର ଦ୍ୱିତୀୟ କ୍ଷୁଦ୍ରତମ ରାଜ୍ୟ । ତୁଷାରାଚ୍ଛାଦିତ କାଞ୍ଚନଜଙ୍ଘାର ବିଚ୍ଛୁରିତ ଜ୍ୟୋତିର୍ମୟ ଆଲୋକରେର ଦୀପ୍ତମାନ ଏହି ରାଜ୍ୟ । ମୋଟ ଚାରିଟି ଜିଲ୍‌ଲାକୁ ନେଇ ଗଢ଼ି ଉଠିଥିବା ଏହି ଛୋଟ ରାଜ୍ୟର ଅର୍ଥନୀତି ମୁଖ୍ୟତଃ ପର୍ଯ୍ୟଟନ ଉପରେ ନିର୍ଭରଶୀଳ । ଅଧିକାଂଶ ଅଧିବାସୀ ବୌଦ୍ଧଧର୍ମାଲମ୍ବୀ । ଏହାର ଇତିହାସ, ସଂସ୍କୃତି ଓ ଆଧ୍ୟାତ୍ମିକ ଦର୍ଶନ ତିବ୍ବତ ଦ୍ୱାରା ପ୍ରଭାବିତ । ଗ୍ୟାଙ୍ଗଟକ ଏହାର ରାଜଧାନୀ । ନାନ୍ଦନିକ ସୌନ୍ଦର୍ଯ୍ୟରେ ଭରପୂର ଏହି ଛୋଟ ସହରକୁ ଦେଖିଲେ ମନେ ହୁଏ, ସତେ ଯେମିତି କାନ୍‌ଭାସ୍‌ରେ ଅଙ୍କା ଛବିଟିଏ । ମାତ୍ର ତିନି ଘଣ୍ଟାରେ ଏହି ସହରଟିକୁ ତନ୍ନତନ୍ନ କରି ବୁଲି ଦେଖିହେବ । ଏହାର ମୁଖ୍ୟ ଆକର୍ଷଣ ହେଲା ଏଠାକାର ପ୍ରାକୃତିକ ଶୋଭାଭଳି ଯାହାର କୌଣସି ପଟାନ୍ତର ନାହିଁ । ଗ୍ୟାଙ୍ଗଟକ୍‌ରୁ ପଶ୍ଚିମ ଦିଗରେ ଟିକେ ଆଗକୁ ଗଲେ କାଞ୍ଚନଜଙ୍ଘା ଅପୂର୍ବ ଛଟା ଦୃଶ୍ୟମାନ ହୋଇଥାଏ । ସହରର ବିଭିନ୍ନ ସ୍ଥାନରେ ସ୍ଥାପତ୍ୟ କଳାର ଅପୂର୍ବ ଦୃଷ୍ଟାନ୍ତ ଦେଖିବାକୁ ମିଳେ ।



କ'ଣ ଦେଖିବେ:

ଗ୍ୟାଙ୍ଗଟକ୍‌ରେ ଦେଖିବା ଭଳି ଅନେକ ଜାଗା ଅଛି । ପହଞ୍ଚିବା ମାତ୍ରେ ଦେଖିପାରିବେ 'ଏନ୍‌ଚେ ମନାଷ୍ଟ୍ରି' । ଚୀନ ପାଗୋଡ଼ା ଅନୁକରଣରେର ତିଆରି ହୋଇଛି ଏହି ବୌଦ୍ଧପୀଠ । ଏଠାରେ ବହୁ ଦେବାଦେବୀଙ୍କ ପ୍ରତିକୃତି । ଜାତୀୟ ରାଜପଥରୁ ମନାଷ୍ଟ୍ରିକୁ ୮ କିମି ଆଗକୁ ଗଲେ ପଡ଼ିବ 'ତାଶି ଭିଉ ପଏଣ୍ଟ' । ଏହି ସ୍ଥାନରୁ କାଞ୍ଚନଜଙ୍ଘାର ନୈସର୍ଗିକ ସୌନ୍ଦର୍ଯ୍ୟ ଅତୀବ ମନୋରମ । ଏହି ସ୍ଥାନରେ ସୂର୍ଯ୍ୟୋଦୟର ଦୃଶ୍ୟ ମଧ୍ୟ ମନୋମୁଗ୍ଧକର ।

ଗ୍ୟାଙ୍ଗଟକ୍‌ର ଆଉ ଏକ ଆକର୍ଷଣ ହେଲା ଏଠାକାର ପ୍ରଜାପତି ପାର୍କ । ଏହା ଆମ ଦେଶର ଏକମାତ୍ର ପ୍ରଜାପତି ପାର୍କ । ଏହି ପାର୍କରେ ୪୦୦ରୁ ଅଧିକ ପ୍ରଜାତିର ରଙ୍ଗିନ ପ୍ରଜାପତି ଦେଖିବାକୁ ମିଳନ୍ତି । ଫୁଲରୁ ଫୁଲକୁ ଉଡ଼ି ମହୁ ସଂଗ୍ରହ କରୁଥିବା ଏହି ରଙ୍ଗୀନ ପ୍ରଜାପତିଙ୍କୁ ଏବେ ସଂଖ୍ୟାରେ ଭାରତର ଆଉ କେଉଁ ସ୍ଥାନରେ ଦେଖିବାକୁ ମିଳେ ନାହିଁ । ଗ୍ୟାଙ୍ଗଟକରୁ ୧୫ କିମି ଦୂରରେ ଅବସ୍ଥିତ 'ମାର୍ତମଖୋଲା ଟାଓ୍ୱାର ପାର୍କ' ମଧ୍ୟ ବୁଲି ଦେଖିପାରିବେ । ଗ୍ୟାଙ୍ଗଟକ୍‌ରେ 'ରୋପ୍ ଓ୍ୱେ'ରେ ମଜା ମଧ୍ୟ ବେଶ ନିଆରା । ଏଥିରେ ବସି ସହରର ନୈସର୍ଗିକ ସୌନ୍ଦର୍ଯ୍ୟ ଉପଭୋଗ କରିବାର ସ୍ମୃତି ସାରା ଜୀବନ ଭୁଲିପାରିବେ ନାହିଁ । ଗ୍ୟାଙ୍ଗଟକ୍ ଯାଇଥିଲେ 'ଅର୍କିଡ ଫାର୍ମ' ଭ୍ରମଣ କରିବାକୁ ଭୁଲିବେ ନାହିଁ । ଗ୍ୟାଙ୍ଗଟକ୍‌ରେ ବହୁ ଅର୍କିଡ ଫାର୍ମ ଅଛି । ରଙ୍ଗବେରଙ୍ଗୀ ଅର୍କିଡ ଫୁଲର ସୌନ୍ଦର୍ଯ୍ୟ ଜଣକୁ କିଛି ସମୟ ପାଇଁ ମନ୍ତ୍ରମୁଗ୍ଧ କରିଦେଇଥାଏ । ଗ୍ୟାଙ୍ଗଟକ୍‌ରେ ଅଛି 'ହିମାଳୟାନ ଜୁଲଜିକାଲ ପାର୍କ' । ଏଠାରେ ଲାଲ ପାଣ୍ଡା, କଳା ଭାଲୁ, ନୀଳ ମେଣ୍ଢା ସମେତ ଆହୁରି ଅନେକ ଜୀବଜନ୍ତୁ ଦେଖିବାକୁ ମିଳନ୍ତି ।

## ଦେହକୁ ହିତ କଲରା

ଆୟୁର୍ବେଦରେ କଲରାର ବହୁ ହିତକାରୀ ଗୁଣର ବର୍ଣ୍ଣନା ରହିଛି । ଏହାର ସ୍ୱାଦ ପିତା, ମାତ୍ର ଗୁଣ ଅନେକ । ଫାଇଦା ଦୃଷ୍ଟିରୁ ଖୁବ୍ କମ୍ ପରିବା ଏହାର ତୁଳନୀୟ । ଆୟୁର୍ବେଦ ଚିକିତ୍ସାରେ ଏହାକୁ ଏକାଧିକ ରୋଗର ନିଦାନ ଭାବରେ ବ୍ୟବହାର କରାଯାଏ । ଏହା ମଧ୍ୟ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରେ ।

**ଗୁଣ ଓ ଫାଇଦା:**

୧. ମଧୁମେହ ରୋଗୀଙ୍କ ପାଇଁ କଲରା ବରଦାନ ସ୍ୱରୂପ । ସେଥିପାଇଁ କବିରାଜମାନେ ନିୟମିତତ କଲରା ଖାଇବା ପାଇଁ ମଧୁମେହ ରୋଗୀଙ୍କୁ ପରାମର୍ଶ ଦିଅନ୍ତି ।

୨. ଏଥିରେ ପ୍ରଚୁର ପରିମାଣରେ ଥିବା ଫସ୍‌ଫରସ୍ ବଦ୍‌ହଜମି ଓ କୋଷ୍ଠକାଠିନ୍ୟ ପରି ପେଟ ସମସ୍ୟା ଦୂର କରେ ।

୩. ଶ୍ୱାସରୋଗୀଙ୍କ ପାଇଁ କଲରା ଅତ୍ୟନ୍ତ ହିତକର । ବିନା ମସଲାରେ ନିୟମିତ ଖାଇଲେ ଶ୍ୱାସ କଷ୍ଟରୁ ମୁକ୍ତି ମିଳେ ।

୫.ପେଟରେ ଗ୍ୟାସ ହେଉଥିଲେ ନିୟମିତ କଲରା ଖାଆନ୍ତୁ ।

୬. କଲରା ଯକୃତ ପାଇଁ ଅମୃତ ସ୍ୱରୂପ । ଏହା ଯକୃତ୍‌କୁ ସୁସ୍ଥ ରଖେ ।

୭. ଏହାର ପତ୍ର ମଧ୍ୟ ଉପକାରୀ । କଲରା ପତ୍ର ସିଝା ପାଣି ପିଇଲେ ସଂକ୍ରାମକ ରୋଗରୁ ମୁକ୍ତି ମିଳେ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଯେସାକୁ ତେସା..

ଦୀର୍ଘ ୪୫ ବର୍ଷର ଛାତି ବାଡ଼ିଆ ଏବଂ ଆହ୍ୱାନ-ପ୍ରତିଆହ୍ୱାନ ପରେ ସୀମାନ୍ତର ଭାରତ ଓ ଚୀନ୍ ସୈନ୍ୟଙ୍କ ମଧ୍ୟରେ ମାର୍‌ପିଟ ହୋଇ ବିନା ଗୁଳିରେ ଉଭୟ ପକ୍ଷର ବହୁ ଯବାନ୍ ମୃତାହତ ହୋଇଛନ୍ତି । ଏଥିରେ ଭାରତ ଜଣେ କର୍ଣ୍ଣେଲଙ୍କ ସମେତ ୨୦ ଜଣ ଯବାନଙ୍କୁ ହରାଇଛି ଓ ଚୀନ୍‌ର ୪୩ ସୈନ୍ୟ ନିହତ ହୋଇଥିବା କୁହାଯାଇଛି । ଦୀର୍ଘଦିନର ଉତ୍ତେଜନା ପରେ ଲଦାଖର ଗଲଓ୍ୱାନ୍ ଉପତ୍ୟଗାରେ ଘଟିଥିବା ଏହି ଘଟଣା ପରେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ତିକ୍ତ ହେବା ସହ ଏହା ଆନ୍ତର୍ଜାତିକ ସ୍ତରରେ ଚର୍ଚ୍ଚାର ବିଷୟବସ୍ତୁ ପାଲଟିଛି । ଲଢ଼େଇ ଓ ଗଣ୍ଡଗୋଳରେ ଆକ୍ରମଣକାରୀ ନିଜକୁ ଦୋଷୀ ବୋଲି ମାନେ ନାହିଁ ଏବଂ ଅପରପକ୍ଷକୁ ପରିଣତି ପାଇଁ ଦାୟୀ କରେ । ଏବେ ଚୀନ ସେହି ନୀତିରେ ଭାରତକୁ ଦୋଷ ଦେଇଛି । ତେବେ ପୂର୍ବ ଲଦାଖର ଆକସାଇ ଚୀନ ଅଞ୍ଚଳରେ ଥିବା ନିୟନ୍ତ୍ରଣ ରେଖା ଜଣାପଡୁଥିଲା । ଭାରତୀୟ ଅଞ୍ଚଳ ଆକ୍‌ସାଇ ଚୀନ୍‌କୁ ବେଜିଂ ସରକାର ବଳପୂର୍ବକ ନିଜ ଅକ୍ତିଆରରେ ରଖିଛି । ଏଥିସହିତ ଉତ୍ତର-ପୂର୍ବାଞ୍ଚଳରେ କିଛି ଭାରତୀୟ ଇଲାକା ଉପରେ କବ୍‌ଜା କରି ଅରୁଣାଚଳ ପ୍ରଦେଶକୁ ନିଜର ବୋଲି ଦାବି କରିଆସୁଛି । ମୋଟାମୋଟି ଭାରତ ସହ ଥିବା ନିଜର ସୀମା ଘେନି ଚୀନ ସନ୍ତୁଷ୍ଟ ନୁହେଁ ଏବଂ ବିଭିନ୍ନ ଆଳ ଦେଖାଇ ମଝିରେ ମଝିରେ ସୀମାରେ ଅନୁପ୍ରବେଶ କରି ଗୋଳମାଳ ଭିଆଇ ଆସୁଛି । ଗଲଓ୍ୱାନ୍ ଘଟଣା ତାହାର ଆଉ ଏକ ସଂସ୍କରଣ । ସୀମା ବିବାଦର ସ୍ଥାୟୀ ସମାଧାନରେ କଥାବାର୍ତ୍ତା, ବୁଝାମଣା ଏବଂ ଦେବାନେବାରେ ଭାବ ବିଶେଷ ଗୁରୁତ୍ୱ ବହନ କରେ । ଏ ସମସ୍ତ କଥା କୂଟନୈତିକ ପ୍ରୟାସର ଅଂଶବିଶେଷ । ଭାରତର ନିରନ୍ତର ପ୍ରୟାସ ସତ୍ତ୍ୱେ ଚୀନ ଏ କ୍ଷେତ୍ରରେ ଦୋମୁହାଁ ନୀତି ଆଚରଣରର କରି ଆସୁଥିଲା । ଏହାର ଶାସକଙ୍କ ବିସ୍ତାରବାଦୀ ନୀତି ଓ ଜିଦ୍‌ଖୋର ମନୋଭାବ ଏହା ଯେ ପରିପ୍ରକାଶ ତାହା କହିଲେ ଭୁଲ ହେବ ନାହିଁ ।

ଗଲଓ୍ୱାନ୍ ଉପତ୍ୟକାରେ ଏବେ ଯେଉଁ ଘଟଣା ଘଟିଛି ତାହାରର ସମୟ ଚୀନର ରଣନୀତିର ଏକ ଅଂଶ ବିଶେଷ । କରୋନା ସହ ଏକ ବଡ଼ ଲଢ଼େଇ ଭାରତ ଲଢୁଥିବାବେଳେ ଏତିକିବେଳେ ଆକ୍ରମଣ ଓ ଅନୁପ୍ରବେଶ କରି ଚୀନ ତାହାର ଲକ୍ଷ୍ୟ ହାସଲ କରିବାକୁ ଚାହୁଁଛି । ଆହୁରି ମଧ୍ୟ ଏହା ସହିତ ୧୯୬୨ ଯୁଦ୍ଧର ଭାରତୀୟ ଦୁର୍ବଳତାକୁ ସ୍ମରଣ କରାଇ ଦେବାକୁ ବାର୍ତ୍ତା ଦେଉଛି । କୋଭିଡ ସଂକ୍ରମଣ ପାଇଁ ଏବେ ଆମେରିକା ସହ ପ୍ରାୟ ସବୁଦେଶ ଚୀନ୍‌କୁ ଦାୟୀ କରୁଛନ୍ତି । ଏହାର ତଦନ୍ତ କରିବା ପାଇଁ ଏକ ସ୍ୱାଧୀନ ଆନ୍ତର୍ଜାତିକ ଟିମ୍ ଗଠନ ସମ୍ପର୍କରେ ଯେଉଁ ଦାବି ଉଠୁଛି ସେ ଘେନି ଚୀନ ବିବ୍ରତ । ଭାରତ ଏହି ଦାବି ସହ ସ୍ୱର ନ ମିଳାଉ ଏବଂ ଘଟଣାରେ ନୀରବ ରହୁ, ଏହା ବେଜିଂ ଚାହୁଁଛି । ତେଣୁ ଏତିକିବେଳେ ସୀମାରେ ଉତ୍ତେଜନା ସୃଷ୍ଟି କରି ଚୀନ ଭାରତକୁ ଚୁପ୍ ରହିବାକୁ ପ୍ରକାରାନ୍ତରେ ଚାପ ପକାଉଛି । ଏହା ସହିତ ଏସିଆର ସବୁ ଦେଶକୁ ଚୀନ ଏକ ବାର୍ତ୍ତା ଦେବାକୁ ଚାହୁଁଛି ଯେ ତା' ସହିତ ନ' ରହିଲେ ପରିଣତି ଗୁରୁତର ହୋଇପାରେ । ଚୀନ ବୋଧହୁଏ ଭୁଲିଯାଉଛି ଯେ ଭାରତ ଏବେ ୧୯୬୨ର ଭାରତ ହୋଇ ରହିନାହିଁ । ଏହ ଅସ୍ତ୍ରଶସ୍ତ୍ର ଓ ଶକ୍ତିରେ ଚୀନର ମୁକାବିଲା କରି ନିଜର ଆଞ୍ଚଳିକ ଅଖଣ୍ଡତା ରକ୍ଷା କରିବାକୁ ସମର୍ଥ । ଦ୍ୱିତୀୟରେ ଲଦାଖ ଏକ କେନ୍ଦ୍ରଶାସିତ ଅଞ୍ଚଳ ଘୋଷିତ ହେବା ପରେ ନିୟନ୍ତ୍ରଣରେଖା ନିକଟ ଦେଇ ଚୀନ୍ ପାକିସ୍ତାନ ସହ ସଡ଼କ ପଥ ନିର୍ମାଣ କରିବାକୁ ଯେଉଁ ବୃହତ୍ତର ଯୋଜନା ରଖିଛି ସେଥିପ୍ରତି ଆଶଙ୍କା ସୃଷ୍ଟି ହୋଇଛି । ସେ ଅଞ୍ଚଳରେ ଭାରତୀୟ ସାମରିକ ସୁରକ୍ଷା ବୃଦ୍ଧି ଚୀନର ଚିନ୍ତା ବଢ଼ାଇଛି । ଏହା ଫଳରେ ନିୟନ୍ତ୍ରଣରେଖା ନିକଟରେ ଭାରତୀୟ ଅଞ୍ଚଳକୁ କବ୍‌ଜା କରିବା ଆଉ ସହଜ ହେଉନାହିଁ ।

ଘାସ କଅଁଳୁ ନଥିବା ଓ କେହି ରହୁନଥିବା ଏକ ଅଞ୍ଚଳ ଉପରେ ଚୀନ୍ କବ୍‌ଜା କରିବା ପଛରେ ଏହାର 'ଜିଓ ଷ୍ଟ୍ରାଟେଜିକ' ଲକ୍ଷ ନିହିତ । ଏହି ବାଟ ଦେଇ ପାକିସ୍ତାନକୁ 'ଚୀନ ବେଲଟ୍ ଆଣ୍ଡ ରୋଡ୍' ଯୋଜନାରେ ଯେଉଁ ପ୍ରକଳ୍ପ ନିର୍ମାଣ କରୁଛି ସେଥିପାଇଁ ଇତିମଧ୍ୟରେ ୬୦ ବିଲିୟନ ଡଲାର ଖର୍ଚ୍ଚ କରିସାରିଲାଣି । ଭାରତ ସେ ପ୍ରକଳ୍ପରେ ଅଂଶୀଦାର ନୁହେଁ ଏବଂ ବିବାଦୀୟ ଅଞ୍ଚଳ ମଧ୍ୟରେ ଏହା ତିଆରି ହେଉଥିବାରୁ ଏହାର ବିରୋଧ କରୁଛି । ତେଣୁ ସେହି ରାଗରେ ଚୀନ ରକ୍ତଚାଉଳ ଚୋବାଉଛି । ସର୍ବୋପରି ଭାରତର ପ୍ରଗତି ଓ ଉତ୍‌ଥାନରେ ଚୀନ ଈର୍ଷାନ୍ୱିତ ହୋଇଛି । ଶିକ୍ଷ, ବାଣିଜ୍ୟ ଓ ଅର୍ଥନୈତିକ କାର୍ଯ୍ୟକଳାପରେ ଭାରତତ ଏକ ସୁଯୋଗ୍ୟ ପ୍ରତିଦ୍ୱନ୍ଦ୍ୱୀ ଭାବେ ଉଭା ହୋଇଥିବାରୁ ଚୀନ ସରକାର ଏବେ ଚିନ୍ତିତ । ତେଣୁ ଭାରତକୁ ଏକ ଘଡ଼ିସନ୍ଧି କ୍ଷଣରେ ଆଘାତ ଦେଇ ନିଜର ଅଭୀଷ୍ଟ ପୂରଣ ପାଇଁ ଚୀନର ଏହା ଏକ କୂଟନୈତିକ ଚକ୍ରାନ୍ତ । ଦେଶ ଉପରେ ଆକ୍ରମଣ ହେଲେ ବା ସଶସ୍ତ୍ର ଅନୁପ୍ରବେଶ ଘଟିଲେ ଜାତୀୟତାବାଦର ସ୍ୱର ଏବଂ ରଣହୁଙ୍କାର ତୀବ୍ର ହୁଏ । ଚୀନ୍‌ର ଏଭଳି କାର୍ଯ୍ୟ ଯୋଗୁଁ ଭାରତରେ ଏବେ ଶତ୍ରୁକୁ ମୁହଁତୋଡ଼ ଜବାବ ଦେବାର ସ୍ୱର ଜୋର ଶୁଭିଲାଣି । ଚୀନ୍‌ରେ ମଧ୍ୟ ଅନୁରୂପ ଆବାଜ ଶୁଣାଯାଉଛି । ଏକ ପ୍ରକାର ଯୁଦ୍ଧର ପ୍ରାକ୍ ପ୍ରସ୍ତୁତି । ରଣଦୁନ୍ଦୁଭି ସତେ ଯେପରି ନେତୃତ୍ୱର ନିର୍ଦ୍ଦେଶକୁ ଅପେକ୍ଷା କରିଛି । ଏସିଆର ଦୁଇ ଶକ୍ତିଶାଳୀ ତଥା ଆଣବିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ଦୁଇ ରାଷ୍ଟ୍ର ଯୁଦ୍ଧ କଲେ ଏଥିରେ କେହି ବିଜୟୀ ହୋଇପାରିବେ ନାହିଁ, ଏହା ଏକମାତ୍ର ସତ୍ୟ । ଏକଥା ଜାଣି ମଧ୍ୟ ଚୀନ ଯେଉଁ ବଦ୍‌ମାସୀ କରୁଛି ତା' ପଛରେ ତା'ର ମନ୍ଦବୁଦ୍ଧି ନିହିତ । ତେଣୁ ଭାରତ ତା'ର ଜବାବ ଦେବାକୁ ବାଧ । ନିଜର ସମସ୍ତ ଶକ୍ତି ଓ ସାମର୍ଥ୍ୟ ଖଟାଇ ଚୀନ୍‌କୁ ମୁହଁତୋଡ଼ ଜବାବ ଦେବାକୁ ପଡ଼ିବ । ତାକୁ ଅର୍ଥନୈତିକ ସ୍ତରରେ ବାସନ୍ଦ କରିବାକୁ ହେବ ।

ଏହି ଘଟଣାରେ ଭାରତର କୂଟନୈତିକ ପ୍ରୟାସ ବିଫଳ ହୋଇଛି ବୋଲି କୁହାଯାଇ ନପାରେ । ସକଳ ଉଦ୍ୟମ ସତ୍ତ୍ୱେ ଜିଦ୍‌ଖୋର ଓ ଅବିଶ୍ୱାସୀ ଚୀନ୍ ମାନୁନାହିଁ । ନେପାଳ ଓ ପାକିସ୍ତାନକୁ ଉସୁକାଇ ଭାରତ ବିରୋଧରେର ପ୍ରୟୋଗ କରୁଛି । ଏବେ ମଧ୍ୟ ଚୀନ୍ ଦୁଇଦେଶ ମଧ୍ୟରେ ଥିବା ସୀମାରେଖା ମ୍ୟାକ୍‌ମୋହନ ଲାଇନ୍‌କୁ ମାନ୍ୟତା ଦେଉନାହିଁ । ବର୍ଡର ଅଫ୍ ହାବିଟ ବା ସୀମାନ୍ତରେ ଥିବା ଲୋକଙ୍କ ଅଭ୍ୟାସ ଓ ସମ୍ପର୍କ ଆଧାରରେ ଚୀନ ନୂଆ ସୀମାରେଖା ନିର୍ଦ୍ଧାରଣ କରିବାକୁ ଚାହୁଁଛି । ନିଜ ମର୍ଜିରେ ଯେକୌଣସି ତ ତାହାର ସିକିମ୍ ପ୍ରଜା ବା କରଦ ରାଜ୍ୟ ନୁହେଁ । ତେଣୁ ଏ ଧମକାଣ ଓ ରକ୍ତ ଚକ୍ଷୁ ଦେଖାଇବାର ଉଦ୍ଦେଶ୍ୟ ପଛରେ ବେଜିଂର ମତଲବ୍ ସ୍ପଷ୍ଟ । ଆମ ବିଚାରରେ ଏହି ପ୍ରକରଣରେ କୂଟନୀତିକ ପ୍ରୟାସ ସରି ନାହିଁ ।




## ନେପୋଲିଅନ

**ସୁଧାଂଶ ଶେଖର ଦ୍ୱିବେଦୀ**

ଶିକ୍ଷକ ପଚାରିଲେ,
ପିଲାଏ,
ନେପୋଲିଅନଙ୍କ
ଜନ୍ମକେବେ ହୋଇଥିଲା ?
ପିଲାମାନେ କହିଲେ,
-ହଜାରେ ବର୍ଷ ଆଗରୁ,
-ଶହେ ବର୍ଷ ଆଗରୁ,
-ଗତବର୍ଷ,
ଅବଶିଷ୍ଟ ଜାଣିନଥିଲେ ।

ପିଲାଏ,
ନେପୋଲିଅନ
କଣ କରିଥିଲେ ?
-ଯୁଦ୍ଧରେ ଜିତିଥିଲେ,
-ଯୁଦ୍ଧରେ ହାରିଥିଲେ,
ଅଧିକାଂଶଙ୍କୁ ଜଣାନଥିଲା ।

ପିଲାଙ୍କ ମଧ୍ୟରୁ
ଜଣେ କହିଲା,
ସାର, ଆମ ଘରେ
ଗୋଟେ କୁକୁର ଥିଲା
ତା ନାଁ ନେପୋଲିଅନ
ପଅର ଦିନ ମରିଗଲା ।

ପିଲାମାନେ ଓ ଶିକ୍ଷକ
ଦୁଃଖରେ ଚ ଚ କରୁଥିଲେ ।

+ ବିସି-୭୪, ସେକ୍ଟର-୧, ସଲଟ ଲେକ
କଲକତା
ମୋ:୬୨୯୧୩୪୨୨୫୯/
୯୬୮୧୩୭୩୫୧୨

# ଏଇ ତ ଜୀବନ !

**ଦୀନବନ୍ଧୁ ନାୟକ**

ଅବ୍ୟକ୍ତାଦୀନି ଭୂତାନି ବ୍ୟକ୍ତମଧ୍ୟାନି ଭାରତ। ଅବ୍ୟକ୍ତନିଧନାନ୍ୟେବ ତତ୍ର କା ପରିବେଦନା ॥ ୨/୨୮ ଶ୍ରୀଗୀତା

ଜନ୍ମରୁ ଆରମ୍ଭ କରି ମୃତ୍ୟୁ ପର୍ଯ୍ୟନ୍ତ ଅବଧିକୁ ଜୀବନ ବୋଲି କୁହାଯାଏ । ଏଇ କାଳଖଣ୍ଡ ହିଁ ପ୍ରତ୍ୟେକଙ୍କର ଜୀବନ, ସେ ମନୁଷ୍ୟ ହେଉ ବା ପଶୁ, ସରିସୃପ ହେଉ ବା ଉଦ୍‌ଭିଦ । କ୍ଷିତି, ଅପ୍, ତେଜ, ମରୁତ, ବ୍ୟୋମ - ଏଇ ପଂଚମହାଭୂତଙ୍କ ପ୍ରପଂଚିକରଣରେ ହିଁ ପ୍ରତ୍ୟେକଙ୍କର ଶରୀର ଗଠିତ ହୋଇଛି । ତାହା ମଧ୍ୟରେ ଚେତନ ଅଂଶ ହିଁ ଶରୀରର ସାର ସତା । ସତାବିହୁନେ ଶରୀର ଜୀବନ୍ତ ରହି ପାରେନା, ତାହା ଶବରେ ପରିଣତ ହୋଇଯାଏ । ସତା ବା ଚେତନ ନିରାକାର, ଶରୀର ସାକାର । ନିରାକାର ସାକାରରେ ରହିବାରୁ ଜୀବନ ସୃଷ୍ଟି ହୁଏ । ଏହି ତତ୍ୱ ଆମର ଭାରତୀୟ ଆଧାତ୍ମିକ ସାହିତ୍ୟରେ ବହୁଳଭାବେ ବର୍ଣ୍ଣିତ ହୋଇଅଛି । ଆରମ୍ଭରୁ ଆଜି ପର୍ଯ୍ୟନ୍ତ ମାନବ ସମାଜର ଶ୍ରେଷ୍ଠ ବ୍ୟକ୍ତିଗଣ, ଯେଉଁମାନଙ୍କୁ ଆମେ ଋଷି, ଦ୍ରଷ୍ଟା, କବି, ପ୍ରାଜ୍ଞ, ମନୀଷୀ ଇତ୍ୟାଦି କହି ଆଦର, ଶ୍ରଦ୍ଧା, ସମ୍ମାନ କରିଆସିଛନ୍ତି, ସେହି ମହାନ୍ ପୁରୁଷମାନେ ଏଇ ଜଡଚେତନ ବନ୍ଧନକୁ ନେଇ ବହୁ ତତ୍ୱ, ତଥ୍ୟ ଲିପିବଦ୍ଧ କରିଯାଇଛନ୍ତି। ନିରାକାରଙ୍କୁ ଯିଏ ଯେଉଁପରି ଅନୁଭବ କରିଛନ୍ତି, ସେ ନିଜସ୍ୱ ଢଙ୍ଗରେ ତାହା ସମାଜରେ ପରିବେଷଣ କରିଛନ୍ତି । କେତେକ ସ୍ଥଳରେ ସେମାନଙ୍କ ଦୃଷ୍ଟିଭଙ୍ଗୀ ପରସ୍ପରର ବିରୋଧାଭାସର ସଂକେତ ମଧ୍ୟ ଦିଏ । ଆମର କ୍ଷୁଦ୍ର ମନ ସେମାନଙ୍କର ଦର୍ଶନ ବୁଝିବାକୁ ବେଳେ ବେଳେ ଅକ୍ଷମ ବି ହୁଏ । ପରନ୍ତୁ, ପ୍ରତ୍ୟେକ ନିଜର ଦର୍ଶନକୁ ନିଷ୍ଠା ସହକାରେ ପ୍ରକାଶ କରିଛନ୍ତି । 'ଏକଂ ସତ୍ ବିପ୍ରାଃ ବହୁଧା ବଦନ୍ତି ।'

ଭାରତୀୟ ଦର୍ଶନଗୁଡିକର ସାରସଂଗ୍ରହ ଶ୍ରୀମଦ୍‌ଭଗବତଗୀତାରେ ସଂକଳିତ ହୋଇଅଛି । ଏହାକୁ ସ୍ୱୟଂ ଶ୍ରୀଭଗବାନ ଶ୍ରୀମୁଖରେ କହିଛନ୍ତି । ଉଲ୍ଲିଖିତ ଶ୍ଳୋକରୁ ବୁଝାଯାଏ ଯେ, ଯେ କୌଣସି ଶରୀର ଜନ୍ମ ପୂର୍ବରୁ ଅବ୍ୟକ୍ତ ଥିଲା, ପୁଣି ମୃତ୍ୟୁ ପରେ ଅବ୍ୟକ୍ତ ହୋଇଯିବ। ତେଣୁ ଜନ୍ମମୃତ୍ୟୁର ମଧ୍ୟରେ ଥିବା ବ୍ୟକ୍ତ ଶରୀର ପାଇଁ ହେ ଅର୍ଜୁନ! ଏତେ ପରିବେଦନା କାହିଁକି? ଜୀବନ ନଦୀର ଦୁଇଟି କୂଳ ହେଉଛି ଜନ୍ମ ଓ ମୃତ୍ୟୁ । ତେଣୁ, ଆମେ ଜୀଉଥିବା ଜୀବନଟି ଯେଉଁ ଅବ୍ୟକ୍ତରୁ ଆସିଛି, ସେଇଠାକୁ ଫେରିଯିବ ନିଶ୍ଚୟ । କାରଣ, 'ଜାତସ୍ୟ ହି ଧ୍ରୁବୋ ମୃତ୍ୟୁଃ ଧ୍ରୁବଂ ଜନ୍ମମୃତସ୍ୟଚ ।'

ଚାର୍ବାଚ ଋଷି କହିଲେ - ଭସ୍ମୀଭୂତ ହୋଇଯାଇଥିବା ଶରୀରର ପୁନରାଗମନ କିପରି ହେବ? ଏଇ ଜୀବନ ହିଁ ସବୁ କିଛି। ତେଣୁ, ଋଣ କରି ଘିଅ ଖାଅ, ଯେତେଦିନ ବଂଚୁଛ ଆନନ୍ଦରେ, ସୁଖରେ, ମଉଜମଜଲିସ୍‌ରେ ବଂଚ। କନ୍ତୁ, ଭାରତୀୟ ଜନମାନସ ଏହାକୁ ଗ୍ରହଣ କଲା ନାହିଁ ।

ଆମର ପ୍ରଧାନ ଦୁଇଟି ମହାନ୍ ଗ୍ରନ୍ଥ ରାମାୟଣ ଓ ମହାଭାରତରୁ ପାଉଁ ଯେ - ଜଣେ ମରିକରି ପୁଣି ଜନ୍ମ ହୋଇ ତା'ର ବାକୀ ଥିବା କାମ, ପ୍ରତିଜ୍ଞା, ଇଚ୍ଛାଗୁଡିକୁ ପୂରଣ କରିପାରେ । ଯେପରି ତ୍ରେତୟା ଯୁଗରେ ଶ୍ରୀରାମ ବାଳୀକୁ ବଧ କରିଥିବାରୁ, ତା'ର ପୁତ୍ର ଅଙ୍ଗଦ ଦ୍ୱାପର ଯୁଗରେ ଜରାଶବର ରୂପେ ଜନ୍ମ ହୋଇ ଶ୍ରୀକୃଷ୍ଣଙ୍କ ମୃତ୍ୟୁ ଘଟାଇ ଥିଲା । ଏକ ହିଁ ଭଗବାନ ତ୍ରେତୟାରେ ରାମ ଓ ଦ୍ୱାପରରେ କୃଷ୍ଣ ହୋଇ ଜନ୍ମ ହୋଇଥିଲେ। ତ୍ରେତୟାର ସୂର୍ପଣଖା ଦ୍ୱାପରର କୁବ୍‌ଜୀ ବୋଲି ବର୍ଣ୍ଣନା କରାଯାଇଛି । ଏହିପରି ଅନେକ ଉଦାହରଣ ରହିଛି । ଯେଉଁମାନେ ଈଶ୍ୱରବିଶ୍ୱାସୀ, ପୁରାଣଶାସ୍ତ୍ର ଉପରେ ଆସ୍ଥା ରଖନ୍ତି, ସେମାନଙ୍କ ନିମନ୍ତେ ଏହା ସତ୍ୟ । ଅପରପକ୍ଷେ, ଯେଉଁମାନେ ସେପରି ନୁହଁନ୍ତି, ସେମାନଙ୍କ ପାଇଁ ଏହା ସୁବିନ୍ୟସ୍ତ, ସୁସଂଯୋଜିତ କାହାଣୀ ମାତ୍ର

ପରନ୍ତୁ, ଶାସ୍ତ୍ରପୁରାଣକୁ ବାଦ୍ ଦେଲେ ଆମ ଯୁଗରେ ମଧ୍ୟ ଏପରି ପ୍ରମାଣ ପାଉଛୁଁ ଯେ ଜୀବନ ଗୋଟିଏ ଜନ୍ମରେ ଶେଷ ହୁଏ ନାହିଁ । ବିଭିନ୍ନ ପୁସ୍ତକ, ପତ୍ରପତ୍ରିକାରେ ଏପରି ଖବର ଦେଖିବାକୁ ମିଳେ । ଛୋଟ ପିଲାଟିଏ, ଗାଁ ଛାଡି ବାହାରକୁ ଯାଇନି; ଅଥଚ ଗତ ଜନ୍ମରେ ସେ କିଏ ଥିଲା, ତା'ର ନାମ, ଘର, ପରିବାରର ଠିକଣା ଠିକ୍ ଠିକ୍ ବତାଇ ପାରୁଛି। ଏମାନଙ୍କୁ 'ଜାତିସ୍ମର' କୁହାଯାଏ । ଅବଶ୍ୟ, ଏପରି ଘଟଣା ଅତି ବିରଳ । ପ୍ରାଗୈତିହାସିକ କାଳର ଜଡ ଭରତ କାହାଣୀ, ବୁଦ୍ଧଦେବଙ୍କ ବିଷୟରେ 'ବୁଦ୍ଧ ଜାତକ' ଗଳ୍ପଗୁଡିକ ପୁନର୍ଜନ୍ମକୁ ସିଦ୍ଧ କରନ୍ତି । ସୌଭାଗ୍ୟବଶତଃ, ମହାନ୍ ସନ୍ଥ ଆତ୍ମନିଷ୍ଠ ସ୍ୱାମୀ ଶ୍ରୀଗୈବାନନ୍ଦଜୀ ମହାରାଜ ପରମହଂସ ଦେବଙ୍କୁ ଦର୍ଶନ କରିଛି । ସେ ତାଙ୍କର ସୁଯୋଗ୍ୟା ଶିଷ୍ୟା ପରମହଂସୀ ପୂର୍ଣ୍ଣା ମାତାଜୀଙ୍କୁ କହିଥିଲେ,- ଗତଜନ୍ମରେ ସେ ଜଣେ ଜୈନମୁନି ଥିଲେ । ତାଙ୍କର ମଠ ବା ଠା'ଠିକଣା ନ ଥିଲା । ମୁଁ ମୋର ଅତ୍ୟନ୍ତ ପ୍ରିୟ ବୁଢାବା' ସହିତ ପ୍ଲାନସେଟ୍ ସହାୟ୍ୟରେ ପ୍ରଶ୍ନୋତର କରିଛି । ମୁଁ ଅନୁଭବ କରିଛି ଯେ ମରଣ ପରେ ଆତ୍ମା ରହିଛନ୍ତି । ପ୍ରାରବ୍ଧ ଅନୁସାରେ କର୍ମଫଳ ଭୋଗ କରିବା ନିମନ୍ତେ ପ୍ରତ୍ୟେକ ଜୀବାତ୍ମାଙ୍କୁ ବିଭିନ୍ନ ଶରୀର ଧାରଣ କରିବାକୁ ପଡେ । ଅବଶ୍ୟ ଯେଉଁ ଶୁଦ୍ଧାତ୍ମାମାନେ ସାଧନା କରି ପରମାତ୍ମାଙ୍କୁ ପ୍ରାପ୍ତ ହୋଇଛନ୍ତି ବା ତାଙ୍କଠାରେ ଲୀନ ହୋଇଯାଇଛନ୍ତି, ସେମାନେ ଜନ୍ମମୃତ୍ୟୁ ଚକ୍ରରୁ ମୁକ୍ତ ହୋଇଯାଇଛନ୍ତି ।

ପୁରାଣଶାସ୍ତ୍ର ତଥ୍ୟକୁ ବାଦ୍ ଦେଇ ଯଦି ଅତିସାଧାରଣ ମଣିଷର ଜୀବନକୁ ଲକ୍ଷ୍ୟ କରାଯାଏ ତେବେ ଜାଣି ହେବ ଯେ ମଣିଷ ଜନ୍ମ ହୁଏ ଯେଉଁପରି ବାପମା' ପାଇଥାଏ, ସେମାନଙ୍କ ସାମାଜିକ, ଆର୍ଥିକ, ବୌଦ୍ଧିକ ସ୍ଥିତି, ପରିବେଶ-ବିଶେଷକରି ଭୌଗଳିକ ପରିବେଶ, ପରମ୍ପରା, ରୀତିନୀତି, ବିଶ୍ୱାସ (ଅନ୍ଧବିଶ୍ୱାସ ଓ କୁସଂସ୍କାର ସହିତ) ଅନୁସାରେ ହିଁ ପାଳିତ ହୁଏ, ବଢେ, ଶିକ୍ଷାଦୀକ୍ଷା ଲାଭ କରେ । ସେମାନଙ୍କ ମଧ୍ୟରୁ କେହି କେହି ସମାଜର ଶୀର୍ଷ ସ୍ଥାନକୁ ଉନ୍ନୀତ ହୋଇ ବୈଜ୍ଞାନୀକ, ଅଧ୍ୟାପକ, ପ୍ରଶାସକ, ସମାଜ ସୁଧାରକ, ଦେଶ ସେବକ, ଦାର୍ଶନିକ ଇତ୍ୟାଦି ହୋଇପାରନ୍ତି; କେହି କେହି ବା ବାଣିଜ୍ୟ ଇତ୍ୟାଦି ଦ୍ୱାରା ପ୍ରଭୂତ ସଂପତିର ମାଲିକ ହୋଇପାରନ୍ତି; କେହି କେହି ବା ନିଜ ଦୋଷରୁ ହେଉ ବା କୁସଂଗଦୋଷରୁ ହେଉ ପଥଭ୍ରଷ୍ଟ ହୋଇ ଦୁରାଚାରୀ, ଅତ୍ୟାଚାରୀ, ଚୋର, ଡାକୁ, ଖଟ ଇତ୍ୟାଦି ହୋଇପାରନ୍ତି; କେହି କେହି ବା ଖଟିବା-ଖାଇବା, ସନ୍ତାନ ଉତ୍ପତି କରିବାକୁ ହିଁ ଜୀବନ ବୋଲି ଜାଣନ୍ତି । ଆୟୁ ଶେଷରେ ଅଜଣା, ଅଲୋଡା ହୋଇ ଏ ସଂସାରରୁ ବିଦା ହୋଇଯାଆନ୍ତି । ମାନବ ସମାଜର ବହୁଳାଂଶ ଏଇ ଗଡ୍‌ଡାଳିକା ପ୍ରବାହରେ ଭାସି ଚାଲିଛନ୍ତି । ସୁଅ ମୁହଁରେ ପତର ପରି କେତେବେଳେ ବୁଡୁଛନ୍ତି, କେତେବେଳେ ଉଠୁଛନ୍ତି, ତା'ର ଠା'ଠିକଣା ନାହିଁ । ଏଇଟା ହିଁ ତାଙ୍କର ଜୀବନ । ତାଙ୍କ ବାପାମାନେ, ବାପାମାନଙ୍କ ବାପାମାନେ ଏଇପରି ଜୀବନ ବଂଚି ଆସିଛନ୍ତି, ସେମାନେ ବଂଚୁଛନ୍ତି । ଏଇଥିରେ ସେମାନେ ସନ୍ତୁଷ୍ଟ । ଜୀବନରେ କିଛି ମହଦାକାଙ୍କ୍ଷା, ଉଚ୍ଚାଶା, ଗୁଳା ବଦଳାଇବାର ପ୍ରଚେଷ୍ଟା ଏମାନଙ୍କର ନାହିଁ । ଯେମିତି ଚାଲୁଛି, ସେମିତି ଚାଲୁଥାଉ । କୌଉସି ନୂଆ ଚିନ୍ତା, ଭାବନା, ଉଦ୍ୟମ ଏମାନଙ୍କର ନାହିଁ । ଏମାନେ ବି ମଣିଷ, ବିଶ୍ୱ ମାନବସମୁଦାୟରେ ଅଂଗ ।

ତା'ହେଲେ, ଏଇ କ'ଣ ଜୀବନ! ଜନ୍ମ-ବୃଦ୍ଧି-ସ୍ଥିତି-କ୍ଷୟ-ବିନାଶ! ଏହା ତ ପଶୁମାନଙ୍କର ଜୀବନ, ସରିସୃପ, ଉଦ୍‌ଭିଦ ଜଗତର ଜୀବନ । ଖୁବ୍ ଅଳ୍ପକାଳ ହେଲେ ମଧ୍ୟ କୃମୀକୀଟଙ୍କ ଜୀବନ! ଡାରଓ୍ୱିନ୍‌ଙ୍କ ବିବର୍ତନବାଦ ଅନୁସାରେ ବର୍ତମାନର ମଣିଷ ବିବର୍ତନର ଶୀର୍ଷ ଦେଶରେ ଅବସ୍ଥିତ । ପୁରାଣଶାସ୍ତ୍ରମାନେ ତ ମାନବ ଜନ୍ମ ଦୁର୍ଲଭ ବୋଲି ଘୋଷଣା କରିଛନ୍ତି। ବଙ୍ଗଳାର ମାତୃଭକ୍ତ ରାମପ୍ରସାଦ ଗାଇଛଁ - 'ମନରେ! କ୍ରିଷି କାଜ୍ ଜାନୋ ନା । ଏମନ୍ ମାନବ ଜମୀନ୍ ରଇଲ ପତିତ, ଆବଦ କରଲେ ଫଲତୋ ସୋନା ।'

ସାଧାରଣ ମାନବ ସମାଜ ମଧ୍ୟରେ ଏପରି ଜୀବନମାନ ଅଛନ୍ତି, ଯେଉଁମାନଙ୍କୁ ସମାଜ ସେମାନଙ୍କ ଜୀବନକାଳରେ କେବଳ ନୁହେଁ, ସେମାନଙ୍କ ଅବର୍ତମାନରେ ବି ପୂଜା କରେ, ସମ୍ମାନ କରେ, ଶ୍ରଦ୍ଧା କରେ, ଆଦର କରେ, ଭକ୍ତି କରେ । ସମାଜ ନତମସ୍ତକ ହୋଇ ସେମାନଙ୍କ ମହିମା, ଗୁଣଗାନ କରେ । ସେମାନେ ଏଇ ସମାଜରୁ ହିଁ ବାହାରିଛଁ, ଏଇ ସମାଜରେ ବଢିଛନ୍ତି । ପରନ୍ତୁ, ସେମାନଙ୍କ କର୍ମ, ନୀତିନିଷ୍ଠା, ପ୍ରେମ,- କେବଳ ନିଜର ଗୋଷ୍ଠୀ ପ୍ରେମ ନୁହେଁ, ସମଗ୍ର ମାନବ ସମାଜର ପ୍ରେମ - ଦୈନନ୍ଦିନ ଜୀବନଚର୍ଯ୍ୟା, ଆଦର୍ଶ ବିଚାର, ସିଦ୍ଧାନ୍ତ, ବିଶ୍ୱାସ, ଧାରଣା ସେମାନଙ୍କୁ ଏପରି ଶୀର୍ଷ ଦେଶରେ ପହଂଚାଇ ପାରିଛି । ବହୁ ପୁରାକାଳରୁ ଆଧୁନିକ ଯୁଗ ପର୍ଯ୍ୟନ୍ତ ଏମାନଙ୍କ ନାମତାଲିକା ବହୁତ ଲମ୍ବା । ଏବେ ମଧ୍ୟ ଆମ ସମାଜରେ ଏପରି ବ୍ୟକ୍ତିତ୍ୱ ଅଛନ୍ତି, ଯେଉଁମାନେ ପୂର୍ବସୂରୀମାନଙ୍କ ପଦାଙ୍କ ଅନୁସରଣ କରି ନିଜ ଜୀବନରେ ତାହା ରୂପାୟିତ କରିଚାଲିଛନ୍ତି । ସେମାନଙ୍କୁ ମହାପୁରୁଷ, ମହାତ୍ମା, ନିଷ୍କାମ କର୍ମଯୋଗୀ ବୋଲି ନାମିତ କରିଛନ୍ତି। ଜ୍ଞାନ, କର୍ମ, ଭକ୍ତିର ତ୍ରିବେଣୀ ସଙ୍ଗମରେ ସେମାନଙ୍କ ଜୀବନ ଧନ୍ୟ ହୋଇଯାଇଛି । ସେମାନେ ପ୍ରାତଃ ସ୍ମରଣୀୟ ହୋଇଯାଇଛନ୍ତି, ଯାଉଛନ୍ତି, ଯାଉଥିବେ । ଆମ ଓଡିଶାର ଭୀମ ଭୋଇଙ୍କ ଜୀବନକୁ ଲକ୍ଷ୍ୟ କରନ୍ତୁ । ଜାତିରେ କନ୍ଧ, ଆଖିରେ ଅନ୍ଧ । କିନ୍ତୁ ତାଙ୍କର କରୁଣାମୟ ବିଶାଳ ହୃଦୟର ଗଭୀରତା ଅଥଳ । 'ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁଁ ଦେଖୁଁ କେ' ବା ସହୁ । ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ ।' ଏପରି ଆବେଗଭରା ବିଶାଳ କରୁଣାସାଗର ହୃଦୟକୁ କଦାପି ସାଧାରଣ ମଣିଷର ବୋଲି କହି ପାରିବା ନାହିଁ । ଏଇମାନେ ହିଁ ମହାପୁରୁଷ, ମହାନ୍ ଆତ୍ମା ।

ଏହା ମଧ୍ୟ ସତ୍ୟ ଯେ ସେମାନଙ୍କ ପରି ସାରା ସମାଜ କେବେହେଲେ ହୋଇ ପାରିବ ନାହିଁ, ସମସ୍ତେ ହୋଇପାରିବେ ନାହିଁ । କିନ୍ତୁ ସେହିମାନେ ହିଁ ସମାଜର ଆଦର୍ଶ, ଗୁରୁ, ପଥପ୍ରଦର୍ଶକ, ଆଲୋକବାହକ । ସେହିମାନଙ୍କୁ ଅନୁସରଣ କରିବା, ସେମାନଙ୍କ ପଥରେ ପଥିକ ହେବା ପ୍ରତ୍ୟେକ ମାନବର ଲକ୍ଷ୍ୟ ହେବା ଉଚିତ୍। କିନ୍ତୁ ସେମାନଙ୍କ ଅବିକଳ ନକଲ କରିବା 'ହନୁକରଣ' ହୋଇ ଯାଇପାରେ । ଉଦାହରଣ ସ୍ୱରୂପ, ମୁଁ ଦେଖିଥିବା ଏକ ଘଟଣା ବର୍ଣ୍ଣନା କରୁଛି । ମୋ ଜୀବନରେ ଦର୍ଶନ କରିଥିବା ସର୍ବଶ୍ରେଷ୍ଠ ଆଧାତ୍ମିକ ମହାତ୍ମା, ଚରମରେ ପହଂଚି ସାରିଥିବା ମହାନ୍ ସନ୍ଥ ହେଉଛନ୍ତି ଆତ୍ମନିଷ୍ଠ ସ୍ୱାମୀ ଶ୍ରୀଗୈବାନନ୍ଦଜୀ ମହାରାଜ ପରମହଂସ ଦେବ । ତାଙ୍କ ଜୀବନକାଳର ଶେଷଆଡକୁ ମନରେ ଏକ ଭାବନା ଆସିଲା - 'ଦୁଧ ହେଉଛି ବାଛୁରୀର ହକ୍ । ସୃଷ୍ଟିକର୍ତା ତା' ପାଇଁ ହିଁ ତା' ମା' ପହ୍ନାରେ ଦୁଧ ଭରି ଦେଇଛନ୍ତି । କୌଣସି କାରଣ ଦର୍ଶାଇ ତାହା ଦୁହିଁ ଆଣିବା ଅନ୍ୟାୟ ।' ତେଣୁ ସେ ଦୁଧ ଛାଡି ଦେଲେ । ତାଙ୍କର ଶିଷ୍ୟମାନେ କଂଚା ଚିନାବାଦାମକୁ ବାଟି ପାଣିମିଶାଇ ଚା'ରେ ଦୁଧର କାମ ତୁଲାଉଥିଲେ। ଆହୁରି ଏକ ଭାବନା ଆସିଲା - 'ବଳଦକୁ କଷ୍ଟ ଦେଇ ଧାନ ଉତ୍ପାଦନ କରାଯାଉଛି ।' ତେଣୁ ସେ ବଳଦଦ୍ୱାରା ଚାଷ କରାଯାଉଥିବା ଧାନର ଭାତ ଖାଇବା ଛାଡି ଦେଲେ । ମୟୂରଭ ଜିଲ୍ଲା ବଡଡାଳିମା ଆଶ୍ରମରେ, ତାଙ୍କର ନିଷ୍ଠାପର ଭକ୍ତ କପିଳି ଗ୍ରାମର ବେଦପ୍ରକାଶ ନାଏକ ନିଜେ ବଳଦବିନା ଶକ୍ତ କାଠଖୁଂଟା ସାହାଯ୍ୟରେ ନିଜ ଜମିରେ ଧାନ ରୋଇ ଫଳାଉଥିଲେ ଏବଂ ସେହି ଧାନର ଚାଉଳରେ ଶ୍ରୀବାବାଙ୍କ ପ୍ରସାଦ ପ୍ରସ୍ତୁତ ହେଉଥିଲା । ଏହା ସନ୍ଥମାନଙ୍କର ଅତ୍ୟୁଚ୍ଚ ଦରଦୀ ହୃଦୟର ଭାବନା । କିନ୍ତୁ ଏହା ସମାଜ ପାଇଁ ଗ୍ରହଣୀୟ ହୋଇପାରିବ ନାହିଁ । ତେଣୁ, ସେମାନଙ୍କର ସୂକ୍ଷ୍ମ ଭାବନାକୁ ପ୍ରଣାମ କରିବାକୁ ହୁଏ ।

ପ୍ରତ୍ୟେକ ମାନବକୁ ସମାଜ ବହୁତ ଦାନ କରିଛି । ଜନ୍ମ ପୂର୍ବରୁ ମାତୃଗର୍ଭରେ ଥିବା ସମୟରୁ ସମାଜ ତା' ପାଇଁ ତା'ର ସୁରକ୍ଷା ଓ ଉଚିତ୍ ବର୍ଦ୍ଧନ ନିମନ୍ତେ ଚେଷ୍ଟା କରିଆସିଛି । ପ୍ରତ୍ୟେକ ମଣିଷ ପରିବେଶ, ପରିସ୍ଥିତି ଅନୁଯାୟୀ ପରିବାର, ଗ୍ରାମ, ଦେଶ ଜନ୍ମ ମାତ୍ରେ ପାଇଛି । ଅବୋଧ ଶିଶୁକୁ ପୂର୍ଣ୍ଣମାନବ କରିବା ନିମନ୍ତେ ସମାଜ ସ୍ୱାସ୍ଥ୍ୟ, ଶିକ୍ଷା, ସୁରକ୍ଷାର ସୁବନ୍ଦୋବସ୍ତ କରିଛି । ସ୍ନେହ, ସରାଗ, ଶ୍ରଦ୍ଧା, ପ୍ରେମ ଅକାତରେ ଦାନ କରିଛି । ଏଥିନିମନ୍ତେ ପ୍ରତ୍ୟେକ ମାନବ ସମାଜ ନିକଟରେ ଋଣୀ । ଏହି ଋଣରୁ ମୁକ୍ତ ହେବା ପ୍ରତ୍ୟେକ ମନୁଷ୍ୟର ପରମ କର୍ତବ୍ୟ । ଅସହାୟ ଅବସ୍ଥାରେ ସମାଜ ଯାହା ଦାନ କରିଛି, ମାନବ ଶିଶୁ ସବଳ ହେଲେ ତା'ର ଦଶଗୁଣ ସମାଜକୁ ଫେରାଇ ଦେବା ଉଚିତ୍ । ନିଜ ଶକ୍ତି ଅନୁସାରେ ଋଣମୁକ୍ତ ହେବାକୁ ଚେଷ୍ଟା କରିବା ଉଚିତ୍ । ଏହା ସତ ଯେ, ସମସ୍ତଙ୍କ ନିକଟରେ ସମାନ ସୁବିଧା ସୁଯୋଗ ନ ଥାଏ । ତଥାପି, ଯେତେ ଦୂର ସମ୍ଭବ, ଏ ଦିଗରେ ଅଗ୍ରସର ହେବା ଉଚିତ୍ । ଅତି କମ୍‌ରେ, ପ୍ରତ୍ୟେକ ଭାବିବା ଉଚିତ୍ ଯେ, 'ମୁଁ ମୋ ଶକ୍ତି ଅନୁସାରେ ସାମଜକୁ ଆଗକୁ ବଢିବାକୁ ସହଯୋଗ କରିବି । ଯଦି କୌଣସି ଅକ୍ଷମତା କାରଣରୁ ସାମଜର ଉପକାର କରି ପାରୁନି, ତେବେ କଦାପି ସମାଜର ଅପକାର କରିବି ନାହିଁ ।' ଉକ୍ତ ସକାରାତ୍ମକ ଚିନ୍ତା ଏବଂ ସରଳ ଜୀବନ ଯାପନ ସହିତ ସମାଜକୁ ଅଗ୍ରଗାମୀ ହେବାରେ ସହଯୋଗ କରିବା ହିଁ ଉତ୍ତମ ଜୀବନ ଅଟେ ।

+ ସା : ତରାପୁର,
ପୋ : ଲକ୍ଷ୍ମୀନଗର,
ଜି - ଯାଜପୁର
ମୋ : ୯୯୩୭୫୯୩୪୯୩

# ଚୀନକୁ ପ୍ରତିହ୍ୱତ କରିବାରେ ସଫଳ ହେବ କି ମୋଦିଙ୍କ କୂଟନୀତି ?

**ସୀତାରାମ ପାତ୍ର**

(ପୂର୍ବପ୍ରକାଶିତ ଉତ୍ତାରୁ...)

ଏହି ଆଧାରରେ ଏବଂ ଦେଶରେ କେତେକ ସଂସ୍ଥାଗୁଡ଼ିକର ଆର୍ଥିକ ଦୁର୍ବଳତାର ସୁଯୋଗ ନେଇ ଚୀନ ଭାରତରେ ବହୁ ସଂସ୍ଥାକୁ କରାୟତ କରିସାରିଛି କହିଲେ ଭୁଲ ହେବନାହିଁ। ପ୍ରକାଶଯୋଗ୍ୟଯେ, ବିଗତ ୫ବର୍ଷ ମଧ୍ୟରେ ଚୀନର ପୁଞ୍ଜିନିବେଶକାରୀମାନେ ଦେଶରେ ବହୁ ଗୁରୁତ୍ୱପୂର୍ଣ୍ଣ ଉଦ୍ୟୋଗରେ ୨୬ ବିଲିୟନ ଡଲାରରୁ ଅଧିକ ପୁଞ୍ଜି ଖଟାଇ ସାରିଛନ୍ତି। ତଥ୍ୟ ଅନୁସାରେ ମହାରାଷ୍ଟ୍ରରେ ଥିବା 'ଜେନେରାଲ୍ ମୋଟର୍ସ'ର ପ୍ଲାଂଟକୁ ଚୀନର 'ଗ୍ରେଟ୍ ୱାଲ୍ ମୋଟର୍ସ' ଅଧିଗ୍ରହଣକରି, ତାର ନିଜ ଗାଡ଼ି ଉତ୍ପାଦନ କରିବା ପାଇଁ କାର୍ଯ୍ୟ ଆରମ୍ଭ କରିସାରିଥିବା ବେଳେ ଚୀନ୍‌ର 'ସାଉଥ ଇଣ୍ଡଷ୍ଟ୍ରି' ଗ୍ରୁପ୍‌ର 'ଚଙ୍ଗନ ଅଟୋମୋବାଇଲ', ହରୟାଣାର ଗୁଡ଼ଗାଓଁରେ କାର୍ଯ୍ୟାଳୟ ଖୋଲି ତାମିଲାଡୁ, ଆନ୍ଧ୍ରପ୍ରଦେଶ, ଗୁଜରାଟରେ ପ୍ଲାଣ୍ଟ ପ୍ରତିଷ୍ଠା କରିବା ପାଇଁ ଉଦ୍ୟମ ଆରମ୍ଭ କରିସାରିଛି। ସେହିପରି ଚୀନର ଭାରୀଯାନ ନିର୍ମାଣ କମ୍ପାନୀ 'ବିଓ୍ୱାଇଡି' ଓ 'ଫୋଟେନ' ଭାରତରେ ଭାରୀଯାନ ଓ ବିଦ୍ୟୁତ୍ ଚାଳିତ ଯାନ ନିର୍ମାଣ କରିବାପାଇଁ ଯୋଜନା କରିଛି। ଏହାବ୍ୟତୀତ ଭାରତରେ କେତେକ ଇ-କମର୍ସ ସଂସ୍ଥା, ଫାର୍ମାସ୍ୟୁଟିକାଲ କମ୍ପାନୀ, କେମିକାଲ କମ୍ପାନୀରେ ମଧ୍ୟ ଚୀନର ପୁଞ୍ଜି ରହିଛି। ଫ୍ଲିପ୍‌କାର୍ଟ, ମେକ୍ ମାଇଁ ଟ୍ରିପ୍, ବିଗ୍ ବାସ୍କେଟ, ପେଟିଏମ୍, ବାଇଜୁସ୍, ଓଲା ପ୍ରଭୃତିରେ ଚୀନର ଟେନସନ, ଆଲିବାବା ଓ ବାଇଟ୍‌ଡ୍ୟାନ୍‌ସ ଭଳି କମ୍ପାନୀର ହାତ ରହିଥିବା ବେଳେ ଭାରତର ଅନେକ ଷ୍ଟାର୍ଟଅପ୍ ପଛରେ ଚୀନ କମ୍ପାନୀର ପୁଞ୍ଜି ରହିଛି। କେବଳ ଏତିକ ନୁହେଁ ବିଶ୍ୱର ଯେକୌଣସି ରାଷ୍ଟ୍ରର ଉଦ୍ୟୋଗକୁ ପୁଞ୍ଜି ଓ ଜ୍ଞାନକୌଶଳ ଯୋଗାଇବାକୁ ଚୀନ୍ ପ୍ରସ୍ତୁତ। କାରଣ - ଯେକୌଣସି ଦେଶରେ ପୁଞ୍ଜିନିବେଶକରି ପ୍ରଭାବ ବିସ୍ତାର କରିବା ପରେ ଶେଷରେ ବଜାରକୁ ଦଖଲ କରିବା ହିଁ ଚୀନ୍‌ର ମୁଖ୍ୟ ଉଦ୍ଦେଶ୍ୟ/ଲକ୍ଷ। ଚୀନର 'ପିପୁଲ୍‌ସ ବ୍ୟାଙ୍କ ଅଫ ଚୀନ'ର ଭାରତର ଏଚଡିଏଫସି ବ୍ୟାଙ୍କରେ ଥିବା ୦.୦୮% ଅଂଶଧନକୁ କରୋନା ସଂକ୍ରମଣ ସମୟରେ ୧%କୁ ବୃଦ୍ଧି କରିବାରୁ କେନ୍ଦ୍ରର ମୋଦି ସରକାର ସତର୍କ ହୋଇଥିଲେ ଏବଂ ନୂଆ ଆଇନ୍ ଆଣିଥିଲେ। ଯାହାକୁ କେନ୍ଦ୍ର କରି ଚୀନ୍ କ୍ଷୁବ୍‌ଧ।

ଚୀନର ପ୍ରତିପତି ହ୍ରାସ କରିବା ଦିଗରେ ମୋଦି ଆଉ ଏକ ପଦକ୍ଷେପ ଗ୍ରହଣ କରିଛନ୍ତି। ତାହାହେଲା ବିଦ୍ୟୁତ୍ କୂଟନୀତି। ଏହାକୁ 'ରିଅଲ୍ ଟାଇମ୍ ମାର୍କେଟ' ବ୍ୟବସ୍ଥା କୁହାଯାଏ। ଏହି ବ୍ୟବସ୍ଥା ଅନୁସାରେ ସେୟାର ଓ ବିଭିନ୍ନ ସାମଗ୍ରୀ ଭଳି ଏକ୍ସଚେଞ୍ଜରେ ବିଦ୍ୟୁତ୍ କାରବାର ହେବ। କମ୍ପାନୀଗୁଡ଼ିକ ଏକ୍ସଚେଞ୍ଜ ନିଲାମ ପ୍ରକ୍ରିୟାରେ ଭାଗନେଇ ବିଦ୍ୟୁତ୍ କିଣିପାରିବେ ଏବଂ କିଣିବାର ଘଣ୍ଟ ।ଏ ମଧ୍ୟରେ ବିଦ୍ୟୁତ୍ ପାଇପାରିବେ। ଏହି ପ୍ରକ୍ରିୟା ଦ୍ୱାରା ଡିସ୍‌କମ ସଂସ୍ଥା ଓ ନିଜସ୍ୱ ବ୍ୟବହାର ପାଇଁ ବିଜୁଳି କିଣୁଥିବା ସଂସ୍ଥାଗୁଡ଼ିକ ଲାଭବାନ ହୋଇପାରିବେ। ପୂର୍ବ ବ୍ୟବସ୍ଥା ଅନୁସାରେ ଡିସ୍‌କମ ସଂସ୍ଥା ଦୀର୍ଘ ମିଆଦୀ ଚୁକ୍ତିରେ ନିର୍ଦ୍ଦିଷ୍ଟ ସଂସ୍ଥା ଠାରୁ ବିଜୁଳି କିଣୁଥିଲେ, ଯଦିଓ ସେହି ସମୟରେ ଅନ୍ୟତ୍ର ସୁଲଭ ମୂଲ୍ୟରେ ବିଜୁଳି ଉପଲବ୍‌ଧ ଥାଇ ମଧ୍ୟ ତାହା ସେମାନେ କିଣିପାରୁ ନଥିଲେ । ଏହି ବ୍ୟବସ୍ଥା ଅନୁସାରେ ପ୍ରତିଦିନ ୪୮ଟି ଅଧିବେଶନର ଆୟୋଜନ ହେବ ଏବଂ ପ୍ରତି ୧୫ ମିନିଟ୍‌ରେ ଗୋଟିଏ ଲେଖାଏଁ ଅଧିବେଶନ ଆୟୋଜିତ ହେବ। ଚଳିତ ମାସ ୩ତାରିଖରେ ଏହି ବ୍ୟବସ୍ଥାର ଉଦ୍‌ଘାଟନ କରିଛନ୍ତି କେନ୍ଦ୍ର ଶକ୍ତି ରାଷ୍ଟ୍ରମନ୍ତ୍ରୀ ଆର.କେ ସିଂ। ବିଦ୍ୟୁତ୍ କାରବାର ଭାରତୀୟ ଶକ୍ତି ଏକ୍ସଚେଞ୍ଜ ଓ ପାଓ୍ୱାର ଏକ୍ସଚେଞ୍ଜ ଅଫ ଇଣ୍ଡିଆ ଲିମିଟେଡରେ ହେବ ବୋଲି ଜାଣିବାକୁ ମିଳିଛି।

ରିଅଲ ଟାଇମ ମାର୍କେଟ ବ୍ୟବସ୍ଥା, ଭାରତ ସରକାରଙ୍କର ବୃହତ୍ ଶକ୍ତି କୂଟନୈତିକ ପଦକ୍ଷେପର ଏକ ଅଂଶ। ବିଦ୍ୟୁତ୍ କାରବାର ଜରିଆରେ ପଡ଼ୋଶୀ ଦେଶଗୁଡ଼ିକ ସହିତ ସମ୍ପର୍କ ବୃଦ୍ଧି କରିବା ସହିତ ଏହିସବୁ ଦେଶରେ ଚୀନର ପତିଆରା ହ୍ରାସ କରିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଲକ୍ଷ ଓ ଉଦ୍ଦେଶ୍ୟ। ମିଆଁମାର, ଶ୍ରୀଲଙ୍କା, ନେପାଳ, ଭୁଟାନ ଓ ବଂଲାଦେଶ ପ୍ରଭୃତି ପଡ଼ୋଶୀ ଦେଶକୁ ଏହି ବ୍ୟବସ୍ଥାରେ ସଂଯୋଗ କରିବାକୁ ଲକ୍ଷ ରଖାଯାଇଥିବା ବେଳେ ସେଥିପାଇଁ 'ଆଂଚଳିକ ପାଓ୍ୱାରଗ୍ରିଡ' ସ୍ଥାପନ କରାଯାଇ, ସେହି ଗ୍ରିଡରେ ପଡ଼ୋଶୀ ଦେଶଗୁଡ଼ିକୁ ଯୋଡ଼ାଯିବ। ଏହାବ୍ୟତୀତ ସମଗ୍ର ବିଶ୍ୱ ସହିତ ବିଜୁଳି କାରବାର କରିବାକୁ ମଧ୍ୟ ଯୋଜନା ରଖିଛନ୍ତି କେନ୍ଦ୍ର ସରକାର। ସେଥିପାଇଁ ବିଶ୍ୱସ୍ତରୀୟ ଗ୍ରିଡ ସ୍ଥାପନକରିବା ସହିତ ୩ଟି ପର୍ଯ୍ୟାୟରେ ତାହାକୁ କାର୍ଯ୍ୟକାରୀ କରିବାର ଲକ୍ଷ ରଖିଛନ୍ତି ସରକାର। ପ୍ରଥମ ପର୍ଯ୍ୟାୟରେ ମଧ୍ୟ ପ୍ରାଚ୍ୟ, ଦକ୍ଷିଣ ଏସିଆ, ଦକ୍ଷିଣ ପୂର୍ବ ଏସିଆକୁ ଏହି ଯୋଜନାରେ ସଂଯୋଗ କରାଯିବା ସଂଗେସଂଗେ ଦ୍ୱିତୀୟ ପର୍ଯ୍ୟାୟରେ ଏହି ଗ୍ରିଡକୁ ଆଫ୍ରିକା ସହିତ ଓ ଶେଷ ପର୍ଯ୍ୟାୟରେ ବିଶ୍ୱ ସ୍ତରରେ ସଂଯୋଗ କରାଯିବାର ଲକ୍ଷ ରଖାଯାଇଛି। କେବଳ ବିଜୁଳି ନୁହେଁ ପେଟ୍ରୋଲିୟମ ଉତ୍ପାଦକୁ ମଧ୍ୟ ସାମିଲ କରିବା ଲକ୍ଷରେ ରହିଛନ୍ତି ସରକାର।

ସାମରିକ ଶକ୍ତିକୁ ବାଦ ଦେଇ କୂଟନୈତିକ ସ୍ତରରେ ଚୀନ୍‌ର ପତିଆରାକୁ ହ୍ରାସ କରିବା ଲକ୍ଷରେ ଗୋଟିଏ ପରେ ପାଦ ସତର୍କତାର ସହିତ ପକାଇ ଚାଲିଛନ୍ତି ମୋଦି। କରୋନା ଦୁର୍ଦ୍ଦିନ ସମୟରେ ଚୀନ ବିଶ୍ୱକୁ କବଳିତ କରିବାକୁ ଯୋଜନା ପ୍ରସ୍ତୁତ କରୁଥିବା ବେଳେ ଭାରତ ବିଭିନ୍ନ ଦେଶକୁ କୋଭିଡ-୧୯ ପାଇଁ ଔଷଧ ଯୋଗାଇ ବହୁ ରାଷ୍ଟ୍ରର ପ୍ରିୟ ଭାଜନ ହୋଇ ପାରିଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଅଧକ୍ଷ ପଦବୀ ହେଉ କିମ୍ବା ଜି-୭ ସମ୍ମିଳନୀକୁ ଭାରତକୁ ନିମନ୍ତ୍ରଣ, ତାହାର ଗୋଟିଏ ଗୋଟିଏ ନିଦର୍ଶନ। ବିଶ୍ୱ ସ୍ତରରେ ଭାରତର ପ୍ରଭାବ ବୃଦ୍ଧି ସହିତ, ଭାରତରେ ପଡ଼ୋଶୀ ରାଷ୍ଟ୍ରର (ବିଶେଷକରି ଚୀନର) ପୁଞ୍ଜିନିବେଶକୁ ନିୟନ୍ତ୍ରଣ କରିବା ପାଇଁ ମୋଦିଙ୍କ ନୂଆ ନିୟମ ପାଇଁ କ୍ଷୁବ୍‌ଧ ଚୀନ, ଲଦାଖ ସୀମାରେ ଉତେଜନା ବୃଦ୍ଧି କରି ଚାଲିଛି। ଚୀନ୍‌କୁ ସଠିକ୍ ରାସ୍ତାକୁ ଆଣିବା ପାଇଁ ମୋଦିଙ୍କର ଏହିସବୁ କୂଟନୈତିକ ପ୍ରୟାସ କେତେଦୂର ସଫଳ ହେବ ତାହା ଭବିଷ୍ୟତ ହିଁ କହିବ।(ସମାପ୍ତ)

+ ସାମ୍ବାଦିକ ବାଲେଶ୍ୱର, ମୋ: ୯୪୩୭୩୪୦୫୮୦

# ଗୋଲାପର ସୁଗନ୍ଧ ଦିଏ ସ୍ମୃତିଶକ୍ତି, ସୁଖନିଦ୍ରା



ଫୁଲର ବାସ୍ନା କାହାକୁ ବା ଭଲ ନ ଲାଗେ । ଏହାକୁ ଦେଖିଦେଲେ ମନରେ ଏକ ସ୍ଫୂର୍ତ୍ତି ଆସିଯାଏ । ହେଲେ ଗୋଲାପ ଫୁଲକୁ ନେଇ ଏବେ ଏକ ନୂତନ ତଥ୍ୟ ସାମ୍ନାକୁ ଆସିଛି । ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ଗୋଲାପର ସୁଗନ୍ଧ ପାଠପଢ଼ାରେ ଅଧିକ ଆଗ୍ରହ ସୃଷ୍ଟି କରିବା ସହ ସୁଖନିଦ୍ରାରେ ମଧ୍ୟ ସହାୟକ ହୋଇଥାଏ । ଓପନ୍ ଆକ୍ସେସ୍ ଜର୍ନାଲ୍‌ରେ ସଦ୍ୟ ପ୍ରକାଶିତ ଏକ ରିପୋର୍ଟରୁ ଏହା ସ୍ପଷ୍ଟ ହୋଇଛି । ଏଥିରେ ଦୁଇଟି ଶ୍ରେଣୀରେ ପିଲାଙ୍କ ନେଇ ଏକ ଗବେଷଣା କରାଯାଇଥିଲା । ପିଲାମାନେ ଇଂଲିଶ ଶିଶ୍ ଭୋକାବୁଲାରି ପଢୁଥିବା ସମୟରେ ଗୋଟିଏ ଶ୍ରେଣୀର ପିଲାଙ୍କ ନିକଟରେ ଗୋଲାପ ଫୁଲର ସୁଗନ୍ଧ ଥିବା କାଠି ରଖାଯାଇଥିଲା ଏବଂ ଅନ୍ୟ ଶ୍ରେଣୀର ପିଲାମାନେ ବିନା ସୁଗନ୍ଧରେ ପଢ଼ିଥିଲେ । ଶେଷରେ ଏହା ସ୍ପଷ୍ଟ ହୋଇଥିଲା, ଯେ ସୁଗନ୍ଧିତ ପରିବେଶରେ ପାଠ ପଢ଼ିଥିବା ପିଲାମାନେ ଅନ୍ୟ ଶ୍ରେଣୀ ତୁଳନାରେ ଭୋକାବୁଲାରିକୁ ଅଧିକ ମନେ ରଖିଥିଲେ । ସୁଗନ୍ଧ ତଥା ବାସ୍ନା ଦୈନନ୍ଦିନ ଜୀବନରେ ଏକ ସକାରାତ୍ମକ ପ୍ରଭାବ ପକାଇଥାଏ, ଏହା ଏହି ସର୍ଭେରୁ ସ୍ପଷ୍ଟ ହୋଇଥିବା ମୁଖ୍ୟ ଗବେଷକ ଡ. ଜର୍ଜେନ୍ କର୍ନମାୟର୍ ପ୍ରକାଶ କରିଛନ୍ତି । ସର୍ଭେରେ ୫୪ ଛାତ୍ରୀଛାତ୍ରୀଙ୍କୁ ବିଭିନ୍ନ ପର୍ଯ୍ୟାୟରେ ପରୀକ୍ଷା କରାଯାଇଥିଲା । ପିଲାଙ୍କୁ ଭୋକାବୁଲାରି ପଢ଼ିବା ସମୟରେ, ଶୋଇବା ସମୟରେ ଏବଂ ପରୀକ୍ଷା ସମୟରେ ନିଜ ଡେସ୍କ ନିକଟରେ ସୁଗନ୍ଧିତ ଗୋଲାପ କାଠି ରଖିବା ପାଇଁ କୁହାଯାଇଥିଲା । ସୁଗନ୍ଧିତ କାଠି ରଖାଯାଇଥିବା ପିଲାଙ୍କ ପଢ଼ାରେ ୩୦% ଉନ୍ନତି ଘଟିଥିବା ସର୍ଭେ ଟିମ୍‌ର ଫ୍ରାନ୍‌ଜିସ୍କା ନିଉମାନ୍ କହିଛନ୍ତି । ଗୋଲାପର ସୁଗନ୍ଧ ପିଲାଙ୍କ ପରୀକ୍ଷା ସମୟରେ ବ୍ୟବହାର କରିବା ଦ୍ୱାରା ସ୍ମୃତିଶକ୍ତି ବଢ଼ାଇବାରେ ସହାୟକ ହୋଇପାରିବ ବୋଲି ଏଥିରେ ପରାମର୍ଶ ଦିଆଯାଇଛି ।

# ସୁଆଦିଆ ସେଓ ଖିରି

**ପର୍ବପର୍ବାଣି ହେଉ କିମ୍ବା ବ୍ରତ, ବିବାହ ଏସବୁ ଦିନରେ ପ୍ରସ୍ତୁତ ବିଭିନ୍ନ ପ୍ରକାର ବ୍ୟଞ୍ଜନ ମଧ୍ୟରୁ ଖିରିର ସ୍ଥାନ ସ୍ୱତନ୍ତ୍ର । ଖିରିର ସ୍ୱାଦ ସମସ୍ତଙ୍କର ପ୍ରିୟ । ଅନେକ ରକମର ଖିରି ମଧ୍ୟରୁ 'ସେଓ ଖିରି' ଅନ୍ୟତମ ।**

ଅଳ୍ପ ସମୟରେ ପ୍ରସ୍ତୁତ ହୋଇପାରୁଥିବା ଏହି ଖିରି ନିମନ୍ତେ ଆବଶ୍ୟକ ସାମଗ୍ରୀମାନ: ୨ଟି ସେଓ, ଦେଢ଼ ଲିଟର କ୍ଷୀର, ୩ ବଡ଼ ଚାମଚ ଚିନି, ୧ ଛୋଟ ଚାମଚ ଗୁଜୁରାତି ଗୁଣ୍ଡ, ୧ ଚାମଚ କିଶ୍ମିଶ୍, ୧ ଚାମଚ ଜାଜୁ, ୧ ବଡ଼ ଚାମଚ ଘିଅ ।



**ପ୍ରସ୍ତୁତି:** ପ୍ରଥମେ ସେଓକୁ ଭଲଭାବେ ଧୋଇ ଚୋପା ଛଡ଼ାଇ ଚୂନାଚୂନା କାଟିନେବେ । ଏହା ପରେ ଗୋଟିଏ ପାତ୍ରରେ କଡ଼େଇ ବସାଇ ଘିଅ ପକାନ୍ତୁ । ସେଥିରେ ସେଓକୁ ହାଲକା ଭାବେ ଭାଜିବେ । ସେଥିରୁ ସମସ୍ତ ପାଣି ନ ବାହାରିଲା ପର୍ଯ୍ୟନ୍ତ ଭାଜି ରଖନ୍ତୁ । ଏବେ ଅନ୍ୟ ଏକ ପାତ୍ରକୁ ଚୁଲାରେ ବସାଇ କ୍ଷୀର ଗରମ କରିବେ । କ୍ଷୀର ସାମାନ୍ୟ ଗାଢ଼ ହେବା ପରେ ଚିନି, ଗୁଜୁରାତି ଗୁଣ୍ଡ ପକାଇ ୫ ମିନିଟ୍ ଫୁଟାନ୍ତୁ । କ୍ଷୀର ଅଧିକ ଗାଢ଼ ହେବା ପରେ ସେଥିରେ କାଜୁ, କିଶ୍ମିଶ୍ ପକାଇ ଚୁଲା ବନ୍ଦ କରିନେବେ । ଏବେ ଭଜା ହୋଇଥିବା ସେଓକୁ ଏହି ଖିରିରେ ମିଶାଇନିଅନ୍ତୁ । ଖିରି ସାମାନ୍ୟ ଥଣ୍ଡା ହେବା ପରେ ପାତ୍ରକୁ ଫ୍ରିଜ୍‌ରେ ୧ ଘଣ୍ଟା ପାଇଁ ରଖିବେ । ପରେ ଏହାକୁ ବାହାର କରି ସପରିବାର 'ସେଓ ଖିରି' ଖାଇବାର ମଜା ନିଅନ୍ତୁ ।



# ଭଲ ନିଦର ଉପାୟ



**ରାତିର ୭-୮ ଘଣ୍ଟା ନିଦ ସୁସ୍ଥ ଜୀବନଶୈଳୀ ନିମନ୍ତେ ନିତାନ୍ତ ଜରୁରୀ । ଯୁବପିଢ଼ିଙ୍କ ସହ ଅବସରପ୍ରାପ୍ତ ଲୋକଙ୍କ ମୁଖ୍ୟ ସମସ୍ୟା ହେଉଛି ରାତିର ଭଲ ନିଦ ହେଉନି ।**

-ନିଦ ପାଇଁ ପ୍ରଥମ କଥା ହେଲା ଆପଣ ଦିନବେଳା ଶୋଇବା ଅଭ୍ୟାସ ବନ୍ଦ କରିବା ଉଚିତ । ଏହା ସହ ରାତିଭୋଜନ ପରେ ଚା' କିମ୍ବା କଫି ପିଉଥିଲେ, ତାହା ଠାରୁ ଦୂରେଇ ଯିବା ଜରୁରୀ । ଏସବୁ ପାନୀୟରେ ଥିବା ତତ୍ତ୍ୱ ନିଦ୍ରାହୀନତା ସମସ୍ୟା ସୃଷ୍ଟି କରେ ।


-ଶେଯକୁ ଯିବା ପରେ ପତ୍ରିକାଟିଏ ଧରି ପଢ଼ନ୍ତୁ, କିନ୍ତୁ ମୋବାଇଲ୍ ଅଭ୍ୟାସ ବନ୍ଦ କରନ୍ତୁ । ଏଇ ସମୟରେ କାହାସହ ବାର୍ତ୍ତାଳାପ ଓ ଇଣ୍ଟରନେଟ୍‌ରେ ବ୍ୟସ୍ତ ନ ରହି ବରଂ ଶୋଇବାକୁ ଗୁରୁତ୍ୱ ଦେବା ଉଚିତ ।

-ଦିନରେ ୩୦ ମିନିଟ୍ କସରତ କରିବା ସହ କିଛି ସମୟ ଧ୍ୟାନ କରନ୍ତୁ । ଏହା ଦ୍ୱାରା ଆପଣଙ୍କର ଭଲ ନିଦ ହେବ ।

-ରାତିରେ ଗରିଷ୍ଠ ଭୋଜନ କଲେ ମଧ୍ୟ ତାହା କାରଣରୁ ନିଦ୍ରାହୀନତା ସମସ୍ୟା ଉପୁଜିଥାଏ ।

-ଖାଦ୍ୟ ବିଶେଷଜ୍ଞଙ୍କ ମତ ଯେ ଶୋଇବାର ୩୦ ମିନିଟ୍ ପୂର୍ବରୁ ୧ ଗିଲାସ ନଖ ଉଷୁମ କ୍ଷୀର ପିଇଲେ ଭଲ ନିଦ ହୋଇଥାଏ ।

# ତରଭୁଜ ଖାଇବାର ଆବଶ୍ୟକତା



ଶରୀରକୁ ଥଣ୍ଡା ରଖୁଥିବା ଖାଦ୍ୟପାନୀୟ ଗ୍ରୀଷ୍ମଦିନେ ଖାଇବା ସ୍ୱାସ୍ଥ୍ୟ ପାଇଁ ଭଲ । ଖାଦ୍ୟ ବିଶେଷଜ୍ଞଙ୍କ ମତରେ ତରଭୁଜ ରସ ନିୟମିତ ଏଇ ଋତୁରେ ପିଇବା ହିତକାରୀ ।

- ସକାଳୁ ଉଠି ଖାଲିପେଟରେ ତରଭୁଜ ରସରେ ଚିମୁଟାଏ କଳା ଲୁଣ ମିଶାଇ ପିଇଲେ ତାହା ରକ୍ତଚାପ ନିୟନ୍ତ୍ରଣ ସହ ଖାଦ୍ୟ ହଜମରେ ମଧ୍ୟ ସାହାଯ୍ୟ କରେ । ସୁଆଦିଆ ଏହି ପାନୀୟ ପିଇଲେ ଓଜନ ନିୟନ୍ତ୍ରଣରେ ରହିବା ସହ ଭୋକ ମଧ୍ୟ ଶୀଘ୍ର ଲାଗେନାହିଁ ।

-ଏହି ଫଳ ଖାଇଲେ ଶରୀରର ରୋଗପ୍ରତିରୋଧକ ଶକ୍ତି ବଢ଼ିବା ସହ ପେଟ ଥଣ୍ଡା ରଖିବାରେ ସହାୟକ ହୋଇଥାଏ ।

-ଶରୀରରୁ ବିଭିନ୍ନ ପ୍ରକାର ଟକ୍ସିନ୍ ଦୂର କରିବାରେ ସାହାଯ୍ୟ କରୁଥିବା ତରଭୁଜ ରସ ତ୍ୱଚାରେ ବୟସର ଛାପ ମଧ୍ୟ କମ୍ କରୁଥିବାର ବିଶେଷଜ୍ଞଙ୍କ ମତ ।

-ତେବେ ଏହି ଫଳ ଖାଇବା ପୂର୍ବରୁ କେତୋଟି ଜରୁରୀ କଥା ଜାଣି ରଖନ୍ତୁ । ହୃଦ୍‌ରୋଗୀ ଓ ବୃକକ୍ ରୋଗୀ ଡାକ୍ତରଙ୍କ ପରାମର୍ଶରେ ତରଭୁଜ ଖାଇବା ଉଚିତ ।

-ରାତିବେଳା ତରଭୁଜ ନ ଖାଇବା ଉଚିତ । ଏଥିରେ ଥିବା ଶର୍କରା ପରିମାଣ ଓଜନ ବଢ଼ାଇଥାଏ ।

-ଏହା ସହ ୯୦% ଏହି ଫଳରେ ଜଳୀୟ ଅଂଶ ଥିବାରୁ ରାତିବେଳା ଖାଇଲେ ବାରମ୍ବାର ପରିସ୍ରା ଲାଗେ ସ ନିଦରେ ବ୍ୟାଘାତ ହୋଇଥାଏ ।

# ଫାର୍ମ ହାଉସ୍‌ରେ ସମୟ ବିତାଉଛନ୍ତି ସଲମାନ

ନିଜର ୧୫୦ ଏକରର ଫାର୍ମ ହାଉସରେ ସମୟ ବିତାଉଛନ୍ତି ସଲମାନ ଖାନ୍ । ଲକ୍‌ଡାଉନ୍‌ରେ ଅନେକ କିଛି ବନ୍ଦ ହୋଇଥିଲେ ବି ସଲମାନଙ୍କର କୌଣସି କଷ୍ଟ ନାହିଁ । ବରଂ ସେ ନିଜ ପରିବାର ଓ ସାଙ୍ଗସାଥୀଙ୍କ ମେଳରେ ଲକଡାଉନ୍‌କୁ ଉପଭୋଗ କରୁଛନ୍ତି । କ'ଣ ନାହିଁ ସଲ୍ଲୁ ମିଆଁଙ୍କର ସେହି ଫାର୍ମ ହାଉସରେ । ସ୍ୱିମିଂ ପୁଲ୍, ଜିମନାସିୟମରୁ ନେଇ ଟ୍ରେକିଂର ସୁବିଧା । ମନୋରଞ୍ଜନର ସବୁ ଉପାଦାନ ଭରପୂର ହୋଇ ରହିଛି ସଲମାନଙ୍କ ସେହି ଫାର୍ମ ହାଉସରେ । ମହାରାଷ୍ଟ୍ରର ପାନଭେଲରେ ୧୫୦ ଏକର ଅଞ୍ଚଳ ପରିବ୍ୟାପ୍ତ ସଲମାନଙ୍କ ଏହି ଫାର୍ମ ହାଉସ୍ । ଅବସର ବିନୋଦନ ପାଇଁ ତିଆରି କରିଥିବା ଏହି ଫାର୍ମ ହାଉସର ନାଁ ଭଉଣୀ ଅର୍ପିତା ନାଁରେ ରଖିଛନ୍ତି । ଖାନ ପରିବାରର ସଦସ୍ୟମାନଙ୍କ ବ୍ୟତୀତ ଏହି ଫାର୍ମ ହାଉସରେ ସଲ୍ଲୁ ମିଆଁଙ୍କର ଘନିଷ୍ଠ ବନ୍ଧୁବାନ୍ଧବମାନେ ମଧ୍ୟ ସମୟ କାଟୁଛନ୍ତି ।




# ତ୍ୱଚାର ସୁରକ୍ଷା କରିବ ଗ୍ରୀନ୍-ଟି

**ନିୟମିତ ଗ୍ରୀନ୍-ଟି ପିଇବା ତ୍ୱଚା ଓ ସ୍ୱାସ୍ଥ୍ୟ ନିମନ୍ତେ ଖୁବ୍ ଉପକାରୀ । ଏହି ଗ୍ରୀନ୍-ଟିକୁ ପ୍ୟାକ୍ ଭାବେ ନିୟମିତ ତ୍ୱଚାରେ ଲଗାଇଲେ ଲାଭ ମିଳିଥାଏ ବୋଲି ସୌନ୍ଦର୍ଯ୍ୟ ବିଶେଷଜ୍ଞଙ୍କ ମତ ।**

-ରଙ୍ଗ ସଫା ପାଇଁ ୧ ଛୋଟ ଚାମଚ ହଳଦୀ ଗୁଣ୍ଡ, ୨ ଚାମଚ ଗ୍ରୀନ୍ ଟି, ୧ ଚାମଚ ମହୁ, ୧ ଚାମଚ କମଳା ଚୋପା ଗୁଣ୍ଡକୁ ଭଲଭାବେ ମିଶାଇ ତ୍ୱଚାରେ ଲଗାଇବେ । ୧୫-୨୦ ମିନିଟ୍ ପାଇଁ ପ୍ୟାକ୍‌କୁ ତ୍ୱଚାରେ ଲଗାଇ ପରେ ଧୋଇନେବେ । ସପ୍ତାହରେ ଥରେ କିମ୍ବା ଦୁଇଥର ପ୍ୟାକ୍ ଲଗାଇଲେ ଲାଭ ମିଳେ ।

-ଗ୍ରୀନ୍ ଟିରେ ଚାଉଳ ଗୁଣ୍ଡ ଓ ଗୋଲାପ ଜଳ ମିଶାଇ ପ୍ୟାକ୍ ପ୍ରସ୍ତୁତ କରିବେ । ତ୍ୱଚାରେ ଲଗାଇ କିଛି ସମୟ ପରେ ଉଷୁମ ପାଣିରେ ଧୋଇନେବେ । ବ୍ରଣ ହେଉଥିଲେ କମିବା ସହ ତ୍ୱଚାରୁ ସମସ୍ତ ଦାଗ ମଧ୍ୟ ଏହି ପ୍ୟାକ୍ ଜରିଆରେ ଦୂର ହେଉଥିବାର ଜଣାପଡ଼ିଛି ।

-ଲେମ୍ବୁ ଓ ଗ୍ରୀନ୍ ଟି ପ୍ୟାକ୍‌କୁ ତ୍ୱଚାରେ ଲଗାଇ ୩୦ ମିନିଟ୍ ପରେ ଥଣ୍ଡା ପାଣିରେ ତ୍ୱଚା ଧୋଇଲେ ସନ୍-ଟ୍ୟାନ୍ ଦୂର ହୋଇଥାଏ ।




# ଆମାଜନରୁ ବ୍ୟାପିପାରେ ବଡ଼ ମହାମାରୀ



ପୃଥିବୀର ଫୁସ୍‌ଫୁସ୍ ବୋଲାଉଥିବା ଆମାଜନ ଜଙ୍ଗଲ ବିଶ୍ୱକୁ ୨୦% ଅମ୍ଳଜାନ ଯୋଗାଇଥାଏ । ସେହିଭଳି ୫% ଅଙ୍ଗାରକାମ୍ଳ ଏହା ଶୋଷିନେଇଥାଏ । ତେଣୁ ପରିବେଶକୁ ସୁସ୍ଥ ଓ ସୁନ୍ଦର ରଖିବାରେ ଏହାର ଭୂମିକା ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ । କିନ୍ତୁ ଏହା ଯେଉଁଭଳି ଭାବେ ନଷ୍ଟ ହେଉଛି, ଖୁବ୍‌ଶୀଘ୍ର ଏହାର କୁପରିଣତି ବିଶ୍ୱବାସୀଙ୍କୁ ଭୋଗିବାକୁ ପଡ଼ିବ । ବ୍ରାଜିଲର ପରିବେଶବିତ୍ ଡେଭିଡ୍ ଲାପୋଲା କହିଛନ୍ତି, ଆମାଜନ ଜଙ୍ଗଲ ଦ୍ରୁତ ବେଗରେ ନଷ୍ଟ ହେବାରେ ଲାଗିଛି । ଗୋଟିଏ ପଟେ ନିଆଁ ଲାଗି ଜଙ୍ଗଲ ଧ୍ୱଂସ ହେଉଥିବା ବେଳେ ମଣିଷ ବି ଏହାକୁ ନଷ୍ଟ କରିବାରେ ଲାଗିଛି । ଏହାଦ୍ୱାରା ଜଙ୍ଗଲର ଜୈବବିବିଧତା ଲୋପ ପାଉଛି । ପୃଥିବୀକୁ ସୁରକ୍ଷା ଦେଉଥିବା କୋଟି କୋଟି ଜୀବଜନ୍ତୁ ସମ୍ପୂର୍ଣ୍ଣ ଭାବେ ନିଃଶେଷ ହେବାରେ ଲାଗିଛି । ତେରୁ ପରବର୍ତ୍ତୀ ମହାମାରୀ ଆମାଜନ ଜଙ୍ଗଲରୁ ବ୍ୟାପିବା ଅସମ୍ଭବ ନୁହେଁ । ଲାପୋଲା କହିଛନ୍ତି, ଆମାଜନ ଜଙ୍ଗଲରେ ବିପୁଳ ମାତ୍ରାରେ ଭୂତାଣୁ ଗଚ୍ଛିତ ହୋଇ ରହିଛି । ଭବିଷ୍ୟତରେ ଏଗୁଡ଼ିକ ମଣିଷ ସମାଜ ଆଡ଼କୁ ବ୍ୟାପିବା ଆଶଙ୍କା ରହିଛି । ବିଶ୍ୱର ଏହି ସର୍ବବୃହତ ଜଙ୍ଗଲ ଖୁବ୍‌ଶୀଘ୍ର ଲୋପ ପାଇବ । ଚଳିତବର୍ଷ ଜାନୁଆରୀରୁ ଏପ୍ରିଲ ମଧ୍ୟରେ ବ୍ରାଜିଲରେ ଥିବା ଆମାଜନ ଜଙ୍ଗଲର ୧,୨୦୨ ବର୍ଗ କିଲୋମିଟର ଧ୍ୱଂସ ହୋଇଯାଇଛି । ସେହିଭଳି ୨୦୨୦ ପ୍ରଥମ ତିନିମାସରେ ଆମାଜନ ଜଙ୍ଗଲ ନଷ୍ଟ ମାତ୍ର ୫୦%ରୁ ଅଧିକ ବୃଦ୍ଧି ପାଇଛି । ଗତ ବର୍ଷ ଏଠାରେ ନିଆଁ ୩୦% ବଢ଼ିଛି । ଶୀଘ୍ର ଏହି ଜଙ୍ଗଲ ନଷ୍ଟ ହୋଇଯିବାକୁ ବସିଥିବାରୁ ଏଠାରୁ ହିଁ ପରବର୍ତ୍ତୀ ମହାମାରୀ ବ୍ୟାପିବ ଏବଂ ଏହା ଘାତକ ଭୂତାଣୁର ହଟ୍‌ସ୍ପଟ୍ ପାଲଟିବ ବୋଲି ଲାପୋଲା ଆଶଙ୍କା ବ୍ୟକ୍ତ କରିଛନ୍ତି ।

# ଲକ୍‌ଡାଉନ୍ ବଢ଼ାଇଛି ଆବର୍ଜନା



କୋଭିଡ ଲକ୍‌ଡାଉନ୍ ଯୋଗୁ ବିଶ୍ୱରେ ଆବର୍ଜନା ମାତ୍ରା ସାଂଘାତିକ ହାରରେ ବୃଦ୍ଧି ପାଇଛି । ପୁନଃ ବ୍ୟବହାର ହେବାକୁ ନଥିବା ଆବର୍ଜନା ମାତ୍ରା ବଢ଼ିଛି । କୃଷି ଏବଂ ମତ୍ସ୍ୟ ରପ୍ତାନି ହ୍ରାସ ପାଇବାରୁ ଭାରତରେ ଜୈବିକ ଆବର୍ଜନା ମଧ୍ୟ ଅହେତୁକ ଭାବେ ବୃଦ୍ଧି ପାଇଛି । ପ୍ରାକୃତିକ ସଂସ୍ଥାନର ରକ୍ଷଣାବେକ୍ଷଣ ଏବଂ ପରିଚାଳନା ଅସ୍ଥାୟୀ ଭାବେ ପ୍ରଭାବିତ ହୋଇଛି । କିନ୍ତୁ ପର୍ଯ୍ୟଟନ କାର୍ଯ୍ୟକଳାପ ବନ୍ଦ ଥିବାରୁ ଆବର୍ଜନା ମାତ୍ରା ହ୍ରାସ ପାଇଛି । କରୋନା ମହାମାରୀ ପୂର୍ବରୁ ପୌରପାଳିକାଗୁଡ଼ିକରେ ରିସାଇକ୍ଲିଙ୍ଗ କାର୍ଯ୍ୟକଳାପ ଜୋର୍‌ଦାର ଚାଲିଥିଲା । କିନ୍ତୁ ଏବେ ଏହା ସମ୍ପୂର୍ଣ୍ଣ ଠପ୍ ହୋଇପଡ଼ିଛି । ସାଇକ୍ଲିଙ୍ଗ ସେଣ୍ଟରରେ ସଂକ୍ରମଣ ବୃଦ୍ଧି ଆଶଙ୍କରେ ଏହାକୁ ବନ୍ଦ କରାଯାଇଛି । ଫଳରେ ଆବର୍ଜନା ପରିଚାଳନା ପ୍ରଭାବିତ ହୋଇଛି । ଫୁଡ୍ ରିଟେଲରମାନେ ମଧ୍ୟ ସଂକ୍ରମଣରୁ ବର୍ତ୍ତିବା ପାଇଁ ପୁନଃ ବ୍ୟବହାରଯୋଗ୍ୟ ବ୍ୟାଗ୍ ପରିବର୍ତ୍ତେ ପ୍ଲାଷ୍ଟିକ ଥଳି ବ୍ୟବହାର କରୁଛନ୍ତି । ସରକାରଙ୍କ 'ଷ୍ଟେ ହୋମ୍ (ଘରେ ରୁହନ୍ତୁ)' ନୀତି ଯୋଗୁ ଲୋକମାନେ ଘରେ ରହିବାକୁ ବାଧ ହେଉଛନ୍ତି । ଘରେ ରହିବାରୁ ସେମାନେ ବିଭିନ୍ନ ସାମଗ୍ରୀ ବ୍ୟବହାର ବୃଦ୍ଧି କରିଛନ୍ତି । ବିଶେଷକରି ଖାଦ୍ୟ ପରିମାଣ ବୃଦ୍ଧି ପାଇଛି । ଅନ୍‌ଲାଇନ୍‌ରେ ଖାଦ୍ୟ ମଗାଇ ଘରେ ଆବର୍ଜନା ମାତ୍ରା ବୃଦ୍ଧି କରିଛନ୍ତି । ଏ ସବୁ ଦ୍ୱାରା ଆବର୍ଜନା ପରିଚାଳନା ଶିଳ୍ପ ପାଇଁ ବିରାଟ ଆହ୍ୱାନ ସୃଷ୍ଟି ହୋଇଛି । ରପ୍ତାନୀ ବନ୍ଦ ରହିଥିବାରୁ ଘରୋଇ ବଜାରରେ ପର୍ଯ୍ୟାପ୍ତ ସାମଗ୍ରୀ ଉପଲବ୍ଧ ହେବାରେ ଲାଗିଛି । ସେହି ଅନୁସାରେ ଆବର୍ଜନା ମାତ୍ରା ବଢ଼ିଛି ।

# ଦୋମୁହାଁ ବିଲେଇ

ମଣିଷର ସ୍ୱାଭାବ ଦେଖି ଅନେକ ସମୟରେ ଦୋମୁହାଁ ବୋଲି ଆକ୍ଷେପ କରାଯାଇଥାଏ । ହେଲେ, ବିଲେଇକୁ ଏପରି କୁହାଯିବାର କାରଣ କ'ଣ ? ଏହି ବିଲେଇର ଦୁଇଟି ମୁଣ୍ଡ ବି ନାହିଁ । ଅସଲରେ, ବିଲେଇ ଶରୀରରେ ରଙ୍ଗିନ ଲୋମର ଏପରି ସଂରଚନା ଯେ ଏହାର ମୁହଁ ସମାନ ଦୁଇଭାଗରେ ଦୁଇଟି ରଙ୍ଗର ଦେଖାଯାଉଛି । ଗୋଟିଏ ଫାଳ ମାଟିଆ ଏବଂ ଆଉ ଗୋଟିଏ ଫାଳ କଳାରଙ୍ଗର ଲୋମ ରହିଛି । ବିଲେଇର ଆଖି ଦୁଇଟି ମଧ୍ୟ ଦୁଇଟି ରଙ୍ଗ । ଆର୍ଜେଣ୍ଟିନାର କ୍ୱିମେରା ନାମକ ଏହି ବିଲେଇ ଏବେ ଇଣ୍ଟରନେଟ୍‌ରେ ଖୁବ୍ ଚର୍ଚ୍ଚିତ । ଏପରି ବିବିଧ ରଙ୍ଗ ହେବାକୁ କାଇମେରିଜ୍ମ୍ କୁହାଯାଏ । ଇନ୍‌ଷ୍ଟାଗ୍ରାମରେ ଗାତାକ୍ୱିମେରା ନାମରେ ତା'ର ଏକ ପେଜ୍ ମଧ୍ୟ ରହିଛି ।



# ଚୁଇଙ୍ଗମ୍ ଖାଇବା ମନା

ଥାଇଲାଣ୍ଡ୍‌ରେ ରହିଛି ଏକ ଅଜବ ନିୟମ । ଯାହା ଶୁଣିଲେ ଆପଣ ବିଶ୍ୱାସ କରିବେ ନାହିଁ । ସବୁ ଦେଶରେ ଚୁଇଙ୍ଗମ୍ ଖାଇବା ପାଇଁ କୌଣସି ବାରଣ ନଥାଏ । ତେବେ ଥାଇଲାଣ୍ଡ୍‌ରେ ଏହା ଖାଇବା ପାଇଁ ହେଲେ କିଛି ନିୟମ ପାଳନ କରିବାକୁ ପଡ଼ିଥାଏ । ଏହା ସହ ଜେଲ୍ ମଧ୍ୟ ଯିବାକୁ ପଡ଼ିଥାଏ । ଥାଇଲାଣ୍ଡ୍ ଭଳି ସିଙ୍ଗାପୁରରେ ମଧ୍ୟ ଚୁଇଙ୍ଗମ୍ ଖାଇବା ନେଇ କେତେକ କଟକଣା ରହିଛି ।



# ଆଦିବାସୀଙ୍କ ଶାଳମଞ୍ଜି ବିକିବାକୁ ସରକାର ବ୍ୟବସ୍ଥା କରନ୍ତୁ : ନିରଂଜନ ପଟ୍ଟନାୟକ

ଭୁବନେଶ୍ୱର,୧୮/୬ (ନି.ପ୍ର): ଏବେ କରୋନା ପାଇଁ ପାହାଡ ଜଙ୍ଗଲରେ ଯେଉଁ ଆଦିବାସୀ ଭାଇମାନେ ରୁହନ୍ତି ଏହି ଖରାଦିନେ ତାଙ୍କର ଗୋଟେ ଉପାର୍ଜନ ହୁଏ ବିଭିନ୍ନ ପ୍ରକାର ମଞ୍ଜି ସଂଗ୍ରହ କରି ବିଶେଷ କରି ଶାଳ ମଞ୍ଜି ସଂଗ୍ରହ କରନ୍ତି। ସେହି ଅନୁସାରେ ସରକାର ନିଷ୍ପତି କରିଛନ୍ତି ଯେ ତାଙ୍କଠୁ କେଜି ପିଛା ୨୦ ଟଙ୍କାରେ ନିଆଯିବ ବୋଲି। କିନ୍ତୁ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଯେଉଁଠି ଜଙ୍ଗଲ ଅଛି ସେଠି ବର୍ତମାନ ବେପାରିମାନେ ୮ଟଙ୍କାରୁ ୧୦ଟଙ୍କା ଭିତରେ କିଣି ପ୍ରାୟ ରାୟପୁରକୁ ସବୁ ମାଲ ପଠାଉଛନ୍ତି। କିନ୍ତୁ ସରକାର ନିରବଦ୍ରଷ୍ଟା ରହିଛନ୍ତି। ଯଦି ଆଦିବାସୀମାନଙ୍କ ପ୍ରତି ସରକାରଙ୍କ ଦରଦ ଅଛି ତାହାଲେ ତୁରନ୍ତ ପଦକ୍ଷେପ ନେଇ ସରକାର ନିର୍ଣ୍ଣୟ କରିଥିବା ନିର୍ଦ୍ଧାରିତ ମୂଲ୍ୟରେ ସେମାନେ ଯେପରି ବିକିବେ ତାର ସୁ ବ୍ୟବସ୍ଥା କରନ୍ତୁ ବୋଲି ପିସିସି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ ଦାବି କରିଛନ୍ତି।

# ରଥଯାତ୍ରା ପ୍ରସଙ୍ଗରେ ହିନ୍ଦୁ ଜାଗରଣ ସାମ୍ମୁଖ୍ୟ , ଭିଏଚ୍‌ପି ତରଫରୁ ରାଜ୍ୟପାଳଙ୍କୁ ସ୍ମାରକ ପତ୍ର ପ୍ରଦାନ

ଭୁବନେଶ୍ୱର,୧୮/୬ (ନି.ପ୍ର): ଚଳିତ ବର୍ଷ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ବିଷୟରେ ଜନସାଧାରଣଙ୍କୁ ଅନ୍ଧାରରେ ରଖାନଯାଉ, କୋଭିଡ-୧୯ର ସଂକ୍ରମଣତା ବଢୁଥିବାରୁ ରଥଯାତ୍ରା ସମ୍ବନ୍ଧରେ ପରମପୂଜ୍ୟ ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ଠାରୁ ପରାମର୍ଶ ନିଆଯାଉ । ଏହା କୋଟି କୋଟି ହିନ୍ଦୁଙ୍କର ଭାବାବେଗର କଥା । ତେଣୁ ତୁରନ୍ତ ଏ ବିଷୟରେ ସକାରାତ୍ମକ ପଦକ୍ଷେପ ନିଆଯାଉ ବୋଲି ଆଜି ଓଡିଶାର ରାଜ୍ୟପାଳ ପ୍ରଫେସର ଶ୍ରୀ ଗଣେଶୀ ଲାଲ୍ ଙ୍କୁ ବିଶ୍ୱହିନ୍ଦୁ ପରିଷଦ ଓ ହିନ୍ଦୁ ଜାଗରଣ ସାମ୍ମୁଖ୍ୟର ପ୍ରତିନିଧି ଦଳ ଭେଟି ସ୍ମାରକ ପତ୍ର ପ୍ରଦାନ କରିଛନ୍ତି । ରାଜ୍ୟପାଳ ଏହି ବିଷୟରେ ଗମ୍ଭୀରତା ପ୍ରକାଶ କରିବା ସହିତ ସରକାରଙ୍କ ସହ ଆଲୋଚନା କରିବା ପାଇଁ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି । ବିଶ୍ୱହିନ୍ଦୁ ପରିଷଦର ପ୍ରାନ୍ତ ସଂଗଠନ ମନ୍ତ୍ରୀ ଶ୍ରୀ ଆନନ୍ଦଜଜୀ ପାଣ୍ଡେ, ବିଭାଗ ସଂପାଦକ ଶ୍ରୀ ଉମାଶଙ୍କର ଆଚାର୍ଯ୍ୟ ଓ ହିନ୍ଦୁଜାଗରଣ ସାମ୍ମୁଖ୍ୟର ପ୍ରାନ୍ତ ଅଧକ୍ଷ ଶ୍ରୀ ଅଜିତ୍ କୁମାର ପଟ୍ଟନାୟକ ରାଜଭବନକୁ ଯାଇ ମହାମହିମ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି ।

# ଚୀନ୍ ବିରୁଦ୍ଧରେ ବିକ୍ଷୋଭ ପ୍ରଦର୍ଶନ କଲେ ସାଧାରଣ ଜନତା ଏବଂ ପ୍ରାଇଭେଟ୍ ସ୍କୁଲ ଆସୋସିଏସନ

ଭୁବନେଶ୍ୱର,୧୮/୬ (ନି.ପ୍ର): ଭାରତୀୟ ସୀମା ଭିତରେ ପ୍ରବେଶକୁ ବିରୋଧ କରିବା ବେଳେ ଚୀନ ସେନା ଯେଉଁଭଳି ଭାବେ ଭାରତୀୟ ସୈନ୍ୟ ମାନଙ୍କ ଉପରେ ଆକ୍ରମଣ କଲେ ତାହା ନିନ୍ଦନୀୟ । ଚୀନ ଭାରତ ପ୍ରତି ବିଶ୍ୱାସଘାତକତା କରିଛି । ଏହାର ପ୍ରତିବାଦରେ ଆଜି ରାଜଧାନୀସ୍ଥିତ ୧୨୦ ଇନଫାନଟାରୀ ବାଟାଲିୟନ ସମ୍ମୁଖରେ ଶାସ୍ତ୍ରୀ ନଗରର ସାଧାରଣ ଜନତା ଏବଂ ପ୍ରାଇଭେଟ୍ ସ୍କୁଲ ଆସୋସିଏସନ ପୃଥକ ପୃଥକ ଭାବେ ଚୀନ୍ ବିରୁଦ୍ଧରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଭାରତମାତା ସ୍ଲୋଗାନ ଦେଇଥିଲେ । ବନ୍ଦେ ମାତରଂ କହିଥିଲେ । ଭାରତକୁ ଆସୁଥିବା ଚୀନର ସମସ୍ତ ସାମଗ୍ରୀକୁ ବର୍ଜନ କରିବା ପାଇଁ ଓଡ଼ିଶାବାସୀଙ୍କୁ ଆହ୍ୱାନ ଦେଇଥିଲେ ।

# ଶହୀଦ ଯବାନମାନଙ୍କୁ ମହମବତୀ ଶୋଭାଯାତ୍ରା ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଜଣାଇଲା ଯୁବ କଂଗ୍ରେସ

ଭୁବନେଶ୍ୱର,୧୮/୬ (ନି.ପ୍ର): ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ଶ୍ରୀ ଲୋକନାଥ ମହାରଥିଙ୍କ ନେତୃତ୍ୱରେ ଏକ ମହମବତୀ ଶୋଭାଯାତ୍ରା କଂଗ୍ରେସ ଭବନଠାରୁ ବାହାରି ମାଷ୍ଟର କ୍ୟାଂଟିନ ଛକଠାରେ ଇଣ୍ଡୋ ଚାଇନା ସୀମାରେ ସହୀଦ ହୋଇଥିବା ସମସ୍ତ ବୀର ଭାରତୀୟ ସୈନିକମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହିତ ତାଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରାଯାଇଥିଲା । ଉପରୋକ୍ତ ଶୋଭାଯାତ୍ରାରେ ପୂର୍ବତନ ମନ୍ତ୍ରୀ ତଥା ବର୍ତମାନର ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଶହୀଦ ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ରାଜ୍ୟ ଯୁବ କଂଗ୍ରେସ ସଭାପତି ଶ୍ରୀ ମହାରଥୀ ଏହି କଠିନ ସମୟରେ ସମଗ୍ର ଭାରତବର୍ଷ ଦଳମତ ନିର୍ବିଶେଷରେ ଦେଶର ସେନାବାହିନୀ ସହିତ ଛିଡା ହୋଇଅଛି କହିବା ସହିତ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ କାଳବିଳମ୍ବ ନକରି ତତ୍‌କ୍ଷଣାତ ଚାଇନା ବିରୁଦ୍ଧରେ ସାମରୀକ ପଦକ୍ଷେପ ନେବାପାଇଁ ସେନାବାହିନୀକୁ ସଂପୂର୍ଣ୍ଣ କ୍ଷମତା ଦେବାପାଇଁ ଆହ୍ୱାନ ଦେଇଥିଲେ । ଉପରୋକ୍ତ କାର୍ଯ୍ୟକ୍ରମରେ ରଞ୍ଜିତ ପାତ୍ର, ସଂକୁନା କହଁର, ଦେବାଶିଷ ମହାପାତ୍ର, ସ୍ୱାଗତ କର, ମନୋରଞ୍ଜନ ଦାଶ, ଦୀପକ ମହାପାତ୍ର, ଶୁଭ୍ରଜିତ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳା ଙ୍କୁ ଦିଆଯିବ ଆହାର କେନ୍ଦ୍ର ଦାୟିତ୍ୱ

କେନ୍ଦ୍ରାପଡ଼ା,୧୮/୬ (ନି.ପ୍ର): କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟ ପରିସର ରେ ଥିବା ଆହାର କେନ୍ଦ୍ରର ପରିଚାଳନା ଦାୟିତ୍ୱ ପରିବର୍ତନ କରାଯିବ । ଏ ନେଇ ପୌର ପରିଷଦ ପକ୍ଷରୁ ନିଷ୍ପତି ନିଆଯାଇଛି । ଦୈନିକ ମଧ୍ୟାହ୍ନରେ ୫୦୦ ଓ ରାତ୍ରୀରେ ୨୦୦ ଲୋକଙ୍କ ପାଇଁ ଆହାର ପ୍ରସ୍ତୁତ କରି ବଣ୍ଟନ କରୁଥିବା ସଂସ୍ଥା ଠିକ ଭାବେ କାର୍ଯ୍ୟ ତୁଲାଇ ପାରୁନାହିଁ ବୋଲି ଅଭିଯୋଗ ହୋଇ ଆସୁଥିଲା । ସମୟ ପୂର୍ବରୁ ଖାଦ୍ୟ ସରିଯିବା ଓ ଲୋକମାନେ ଫେରୁଥିବା ଅଭିଯୋଗ ହେବାପରେ ପୌର ପ୍ରଶାସନ ପକ୍ଷରୁ ଏହାର ପରିଚାଳନା ଦାୟିତ୍ୱ ପରିବର୍ତନ ପାଇଁ ନିଷ୍ପତି ନିଆଯାଇଛି । ଜୁଲାଇ ୧ ତାରିଖ ଠାରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଏହାର ଦାୟିତ୍ୱ ଦିଆଯିବ । ଆହାର ପ୍ରସ୍ତୁତ କରିବା ଓ ବଣ୍ଟନ କରିବା ମହିଳା ସଦସ୍ୟା ମାନଙ୍କ ମାଧ୍ୟମରେ କରାଯିବ ବୋଲି ପୌରସଂସ୍ଥା ନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳ ସୂଚନା ଦେଇଛନ୍ତି ।

# ଗତ ୨୪ଘଂଟାରେ ଦେଶରେ କୋରୋନା କାରଣରୁ ୨୦୦୩ ମୃତ୍ୟୁ

ନୂଆଦିଲ୍ଲୀ,୧୮/୬ (ନି.ପ୍ର): ଗତ ୨୪ଘଂଟାରେ ଦେଶରେ କୋରୋନା କାରଣରୁ ମୋଟ ୨୦୦୩ ମୃତ୍ୟୁ ଘଟିଛି । ଅହି ସମୟ ମଧ୍ୟରେ ୧୦୯୭୪ ନୂଆ ମାମଲା ସାମନାକୁ ଆସିଛି ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆ ଯାଇଛି । ଜୁନ୍ ୧୭ ତାରିଖ ସକାଳ ୮ଟା ସୁଦ୍ଧା ସମଗ୍ର ଦେଶରେ ୩୫୪୦୬୫ ଜଣ କରୋନାଭାଇରସ୍ ଦ୍ୱାରା ଆକ୍ରାନ୍ତ ହୋଇଥିବା କଥା କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରାଳୟ ତରଫରୁ ସୂଚନା ଦିଆଯାଇଛି । ଆକ୍ରାନ୍ତଙ୍କ ମଧ୍ୟରୁ ୧୫୫୨୨୭ ଜଣ ସୁସ୍ଥ ହୋଇଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ଜଣେ ଦେଶାନ୍ତର ଯାତ୍ରା କରିଛନ୍ତି । ବାକି ୧୧୯୦୩ ଜଣ ଆକ୍ରାନ୍ତ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି । ସମ୍ପ୍ରତି ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ୧୫୫୨୨୭ ରହିଛି ।

# କନ୍ଧମାଳରେ ଘରେ ବସିବେ ନାହିଁ ପ୍ରବାସୀ ଓଡିଆ : ମନରେଗା ଯୋଜନାରେ ମିଳିବ କାମ

କନ୍ଧମାଳ,୧୮/୬ (ନି.ପ୍ର): ଲକଡାଉନ୍ ପାଇଁ କାମଧନ୍ଦା ନପାଇ ଗାଁକୁ ଫେରି ଆସିଥିବା ପ୍ରବାସୀ ଘରେ ବସିରହିବେ ନାହିଁ । ରୋଜଗାର କରିବେ, ପରିବାର ସହ ଖୁସିରେ ରହିବେ । ତେଣୁ, ସେମାନଙ୍କୁ ମନରେଗା ସହ ବିଭିନ୍ନ ଯୋଜନାରେ କାମ ଯୋଗାଇ ଦିଆଯିବ ବୋଲି ରାଜ୍ୟ ସରକାର ନିଷ୍ପତି ନେଇଛନ୍ତି । ଏନେଇ ବ୍ୟବସ୍ଥାକୁ ସଠିକ୍ ଢଙ୍ଗରେ ପରିଚାଳନା କରିବାକୁ ମୁଖ୍ୟମନ୍ତ୍ରୀ ସବୁ ଜିଲ୍ଲାର ଜିଲ୍ଲାପାଳ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ନିର୍ଦ୍ଦେଶ ପ୍ରକାରେ କନ୍ଧମାଳ ଜିଲ୍ଲାରେ ବାହାର ରାଜ୍ୟରୁ ଫେରନ୍ତା ଓ ଆସିବାକୁ ଥିବା ସବୁ ପ୍ରବାସୀଙ୍କୁ ମନରେଗା ସହ ବିଭିନ୍ନ ଯୋଜନାରେ ପର୍ଯ୍ୟାପ୍ତ କାମ ଯୋଗାଇ ଦେବାଲାଗି ଜିଲ୍ଲା ପ୍ରଶାସନ ଅଂଟା ଭିଡିଛି । ଏଥିନିମନ୍ତେ ଜିଲ୍ଲାର ସବୁ ବିଧାୟକଙ୍କ ସହଯୋଗ କାମନା କରିଛି ଜିଲ୍ଲା ପ୍ରଶାସନ । କନ୍ଧମାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ଗୃହ ଠାରେ ଏ ସଂପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଡା.ବୃନ୍ଦା ଡି. ସବୁ ପ୍ରବାସୀଙ୍କୁ କାମ ଯୋଗାଇ ଦେବା ଉପରେ ଗୁରୁତ୍ୱ ଦେଇଛନ୍ତି । ମନରେଗା ଯୋଜନାରେ ଉଦ୍ୟାନ ବିଭାଗ ପକ୍ଷରୁ ୧ ହଜାର ୪୦୦ ହେକ୍ଟର ଜମିରେ ଫଳଚାଷ କରାଯାଇ ୫ ଲକ୍ଷ ଶ୍ରମ ଦିବସ ସୃଷ୍ଟି କରାଯିବ । ପନିପରୀବା ଚାଷ ପାଇଁ ୟୁନିଟ୍ ପିଛା ୧୨ ହଜାର ୬୭୫ ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରାଯିବ । ଫୁଲ ଚାଷ ପାଇଁ ୟୁନିଟ ପିଛା ୬ ହଜାର ଟଙ୍କା ଲେଖାଏଁ ଏବଂ ଛତୁ ଚାଷ ପାଇଁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯିବାର ବ୍ୟବସ୍ଥା ହୋଇଛି ବୋଲି ଉଦ୍ୟାନ ବିଭାଗ କୃଷି ଉପନିର୍ଦ୍ଦେଶକ ମନୋଜ କୁମାର ଦାସ କହିଥିଲେ । ଲ୍ୟାମ୍ପ ଓ ବେସରକାରୀ ସଂସ୍ଥା ମାଧ୍ୟମରେ ରିହାତି ମୂଲ୍ୟରେ ବିହନ ଓ ସାର ଯୋଗାଇ ଦିଆଯିବ । ସେମାନଙ୍କ ଜରିଆରେ ସାର ମଧ ଯୋଗାଇ ଦେବାର ବ୍ୟବସ୍ଥା କରାଯାଉଛି । ଆତ୍ମା, ପାରମ୍ପରିକ କୃଷି ବିକାଶ ଯୋଜନା ଓ ପ୍ରଧାନମନ୍ତ୍ରୀ ବୀମା ଯୋଜନାକୁ ଅଧିକ ଗୁରୁତ୍ୱ ଦିଆଯିବ ବୋଲି ଜିଲ୍ଲା କୃଷି ଅଧିକାରୀ ରବିନାରାୟଣ ନାୟକ କହିଥିଲେ । ସେହିଭଳି କୁକୁଡା, ଛେଳି ଓ ମେଣ୍ଢା ପାଳନ ସହ ଘାସଚାଷକୁ ଗୁରୁତ୍ୱ ଦିଆଯିବ । ଭ୍ରାମ୍ୟମାଣ ଗାଡି ଯୋଗେ ଘର ପାଖରେ ସେବା ଯୋଜନା ଦିଆଯିବ । ମତ୍ସ୍ୟ ପୋଖରୀ ଯୋଜନା ଓ ମତ୍ସ୍ୟ ଉନ୍ନୟନ ଯୋଜନା କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ ବୋଲି ବିଭାଗୀୟ ଅଧିକାରୀ ମାନେ କହିଥିଲେ । ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ଓ ବାଲିଗୁଡା ବିଧାୟକ ଚକ୍ରମଣି କହଁର ପ୍ରମୁଖ ଉପସ୍ଥିତ ରହି ପ୍ରବାସୀଙ୍କ କର୍ମସଂସ୍ଥାନ ପାଇଁ ସେମାନଙ୍କୁ ବର୍ଷ ତମାମ୍ ଜୀବିକା ଯୋଗାଇ ଦେବା ଉପରେ ଗୁରୁତ୍ୱ ଦେଇଥିଲେ ।

# ଦେଶ ପାଇଁ ଶହୀଦ ହୋଇଛନ୍ତି ମୟୂରଭଞ୍ଜ ମାଟିର ବୀର ଯବାନ ନନ୍ଦୁରାମ

## କାନ୍ଦ ବୋବାଳିରେ ଫାଟି ପଡ଼ିଛି ବଡ଼ଚମ୍ପାଉଦା ଗ୍ରାମ : ଶହୀଦ ପରିବାରକୁ ସମବେଦନା ଜଣାଇବାକୁ ନେତାଙ୍କ ଭିଡ଼

ବାରିପଦା,୧୮/୬ (ନି.ପ୍ର): ଭାରତର ଉତର ଭାଗରେ ଦଣ୍ଡାୟମାନ ଗିରିରାଜ ହିମାଳୟ ପୂର୍ବ-ପଶ୍ଚିମକୁ ଲମ୍ବି ଦେଉଛି ସୁରକ୍ଷା । ତଥାପି ବର୍ହିଶତ୍ରୁ ଆକ୍ରମଣରୁ ଦେଶ ବଂଚିତ ହୋଇନି । ଏବେ ଲଦାଖର ଗଲୱାନା ଘାଟିରେ ଭାରତ-ଚୀନ ସୈନ୍ୟ ମୁହାଁମୁହିଁ ହୋଇଛନ୍ତି । ଗତ ସୋମବାର ବିଳମ୍ବିତ ରାତିରେ ଉଭୟ ରାଷ୍ଟ୍ରର ସୈନ୍ୟଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା । ଏଥିରେ ଭାରତର ଜଣେ କର୍ଣ୍ଣେଲଙ୍କ ସମେତ ୨୦ ଜଣ ସୈନ୍ୟ ସହିଦ ହୋଇଛନ୍ତି । ସହିଦ ହୋଇଥିବା ୧୬ ବିହାର ରେଜିମେଣ୍ଟର ସୈନ୍ୟମାନଙ୍କ ମଧ୍ୟରେ ଦୁଇ ଜଣ ଓଡ଼ିଆ ରହିଥିବା ବେଳେ ଜଣେ କନ୍ଧମାଳ ଜିଲ୍ଲା ରାଇକିଆ ଗ୍ରାମର ଚନ୍ଦ୍ରକାନ୍ତ ପ୍ରଧାନ ଓ ଅନ୍ୟ ଜଣେ ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଗ୍ରାମାଂଚଳ ଥାନା ଅନ୍ତର୍ଗତ ବଡ଼ଚମ୍ପାଉଦା ଗ୍ରାମର ନନ୍ଦୁରାମ ସୋରେନ(୪୨) ରହିଛନ୍ତି । ନନ୍ଦୁରାମ ସହିଦ ହୋଇଥିବା ଖବର ଆଜି ରାଇରଙ୍ଗପୁର ଥାନାରେ ପହଂଚିବା ତାଙ୍କ ପରିବାରକୁ ଜଣାଇ ଦିଆଯାଇଥିଲା । ଏହାପରେ ବଡ଼ଚମ୍ପାଉଦା ଗ୍ରାମରେ ଖେଳେଇ ଯାଇଥିଲା ଶୋକର ଛାୟା । ସେହିପରି ଇଚିଣ୍ଡା ଗ୍ରାମରେ ଭଡ଼ା ଘରେ ରହୁଥିବା ସହିଦ ବୀର ଯବାନଙ୍କ ପରିବାରରେ କାନ୍ଦ ବୋବାଳି ପଡ଼ିଯାଇଥିଲା । ସ୍ତ୍ରୀ ଲକ୍ଷ୍ମୀ ସୋରେନ କାନ୍ଦି କାନ୍ଦି ସଂଜ୍ଞା ହରାଇ ବସିଥିବା ବେଳେ ବାପ ଛେଉଣ୍ଡ ହୋଇଥିବା ୩ ଝିଅର ଭବିଷ୍ୟତକୁ ନେଇ ବାହୁନିବାରେ ଲାଗିଥିଲେ । ଦେଶମାତୃକାର ସେବା ପାଇଁ ନିଜର ପ୍ରାଣବଳି ଦେଇ ସହୀଦର ରୂପେ କାଳକାଳକୁ କୀର୍ତି ରଖିଯାଇଥିବା ନନ୍ଦୁରାମ ସୋରେନଙ୍କ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସଙ୍ଗେସଙ୍ଗେ ଦୁଃଖରେ ସାମିଲ ହେବା ନିମନ୍ତେ ବିଭିନ୍ନ ରାଜନୈତିକ ଦଳର ନେତାମାନେ ପହଂଚିଥିଲେ ଇଚିଣ୍ଡା ଗ୍ରାମରେ । ଏମାନଙ୍କ ମଧ୍ୟରେ ବିଜେଡ଼ିର ଓଡ଼ିଶା କୃଷି ଶିଳ୍ପ ନିଗମର ଅଧ୍ୟକ୍ଷ ଦେବାଶିଷ ମହାନ୍ତି, ମୟୂରଭଞ୍ଜ ପଶ୍ଚିମ ଜିଲ୍ଲା ସଙ୍ଗଠନ ସଭାପତି କାଶିନାଥ ହେମ୍ବ୍ରମ, ପୂର୍ବତନ ବିଧାୟକ ସାଇବା ସୁଶୀଳ ହାଁସଦାଃ, ରତିକାନ୍ତ ପରିଛା, ବିଜେଡ଼ି ଜିଲ୍ଲା ପର୍ଯ୍ୟବେକ୍ଷକ ପ୍ରଣବ ପ୍ରକାଶ ଦାସଙ୍କ ପ୍ରତିନିଧି ପ୍ରକାଶ ମହାନ୍ତି ଓ ସୁବ୍ରତ ଛାଟୋଇ, ଗଣେଶ ମିଶ୍ର ପ୍ରମୁଖ ସହୀଦଙ୍କ ଧର୍ମପତ୍ନୀ ଓ ୩ କନ୍ୟାକୁ ସାକ୍ଷାତ କରି ସମବେଦନା ଜଣାଇଥିଲେ । ସେହିପରି ରାଇରଙ୍ଗପୁର ବିଧାୟକ ନବ ଚରଣ ମାଝି, ବିଜେପି ରାଜ୍ୟ ସମ୍ପାଦକ ନବୀନ ରାମ ପ୍ରମୁଖ ରହିଛନ୍ତି । ସହୀଦ ନନ୍ଦୁରାମ ସୋରେନଙ୍କ ବେଷ୍ଟ ଫ୍ରେଣ୍ଡ ତଥା ବାଲ୍ୟବନ୍ଧୁ ବଡ଼ଚମ୍ପାଉଦା ଗ୍ରାମର ମନୋରଞ୍ଜନ ହାଁସଦାଃଙ୍କ କହିବା ଅନୁସାରେ ନନ୍ଦୁରାମ ହେଉଛନ୍ତି ଙ୍କର ସାନ ପୁଅ । ଗତ ଫେବୃଆରୀ ମାସରେ ନନ୍ଦୁ ଫେବୃଆରୀ ୧୬ରେ ତାଙ୍କର ଦ୍ୱିତୀୟ ଭାଇଙ୍କ ଶୁଦ୍ଧିକ୍ରିୟାରେ ଯୋଗ ଦେବାକୁ ଆସି ମାର୍ଚ୍ଚ ୨ରେ ଫେରିଯାଇଥିଲେ । ବାପା କାହ୍ନୁ ମାଝି ଓ ମାଙ୍କର ପୂର୍ବରୁ ଦେହାନ୍ତ ହୋଇସାରିଥିଲା । ପରିବାରରେ ସ୍ୱଳ୍ପ ପରିମାଣରେ ଚାଷ ଜମି ରହିଛି । ପରିବାରର ଅନ୍ୟ ଦୁଇ ଭାଇଙ୍କ ପରିବାର ସହିତ ନିଜ ସ୍ତ୍ରୀ ଲକ୍ଷ୍ମୀ ଓ ୩ ଝିଅ ସମସ୍ତ ଦାୟିତ୍ୱ ଉଠାଇ ଆସୁଥିଲେ । ଇଚିଣ୍ଡା ପବ୍ଲିକ ସ୍କୁଲରେ ନନ୍ଦୁଙ୍କ ବଡ଼ ଝିଅ ଜ୍ଞାନେଶ୍ୱରୀ ନବମ, ମଝିଆ ଝିଅ ମାନସୀ ଷଷ୍ଠ ଓ ସାନ ଝିଅ ସୁନାଲୀ ପ୍ରଥମ ଶ୍ରେଣୀରେ ଅଧ୍ୟନ କରୁଥିବା କାରଣରୁ ଇଚିଣ୍ଡାରେ ଏକ ଭଡ଼ା ଘର ନେବାକୁ ବାଧ ହୋଇଥିଲେ । ତାଙ୍କର କୌଣସି ପୁଅ ନଥିବାରୁ ଝିଅକୁ ଭଲ ଭାବେ ପାଠ ପଢ଼ାଇ ବଡ଼ ମଣିଷ କରିବା ଏକ ମାତ୍ର ଲକ୍ଷ ରହିଥିଲା । ନନ୍ଦୁ ରାଇରଙ୍ଗପୁର ବିଦ୍ୟାଳୟରେ ସ୍କୁଲ ଶିକ୍ଷା ଶେଷ କରିବା ପରେ ରାଇରଙ୍ଗପୁର ମହାବିଦ୍ୟାଳୟରୁ + ୨ ପାଶ କରି ୧୯୯୭ରେ ୧୬- ବିହାର ରେଜିମେଣ୍ଟରେ ନିଯୁକ୍ତି ପାଇଥିଲେ ଏବଂ ଲେଫ୍ଟନାଂଟ ସୁବେଦାର ହୋଇଥିଲେ । ନନ୍ଦୁ ଖେଳକୁଦକୁ ବହୁତ ଭଲ ପାଉଥିଲେ । ସେ ୨୦୦୩ରେ ବାଦଡ଼ା ଗ୍ରାମରୁ ବିବାହ କରିଥିଲେ । ସେ ସହୀଦ ହେବା ଖବରରେ ଯେତିକି ଗର୍ବ ଅନୁଭବ କରୁଛି ସେହି ପରି ଜଣେ ଭଲ ବନ୍ଧୁଙ୍କୁ ହରାଇଥିବାରୁ ମଧ୍ୟ ଦୁଃଖ ଲାଗୁଛି ବୋଲି ବାଲ୍ୟବନ୍ଧୁ ବଡ଼ଚମ୍ପାଉଦା ଗ୍ରାମର ମନୋରଞ୍ଜନ ହାଁସଦାଃ କହିଥିଲେ । ସେହିପରି ସହୀଦ ନନ୍ଦୁ ସୋମବାର ସକାଳ ସମୟରେ ସ୍ତ୍ରୀ ଲକ୍ଷ୍ମୀଙ୍କ ସହିତ ଶେଷ ଥର ବାର୍ତାଳାପ କରିଥିବାର ଜଣାପଡ଼ିଛି ।

# ପ୍ରବାସୀ ମହିଳା ଶ୍ରମିକଙ୍କ ଆତ୍ମହତ୍ୟା

ନୂଆପଡ଼ା,୧୮/୬ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ମାଣ୍ଡୋସିଲ ପଂଚାୟତ ମାଲପଡା କ୍ୱାରେଣ୍ଟାଇନ କେନ୍ଦ୍ରର ଜଣେ ପ୍ରବାସୀ ମହିଳା ଶ୍ରମିକ ଆତ୍ମହତ୍ୟା କରିଥିବା ନେଇ ଅଭିଯୋଗ ହେଉଛି । ମହିଳା ଜଣକ ମାଲପଡା କ୍ୱାରେଂଟାଇନ କେନ୍ଦ୍ର ନିକଟସ୍ଥ ଏକ ନିମ୍ବ ଗଛରେ ନିଜ ଶାଢିକୁ ବେକରେ ଲଗାଇ ଆତ୍ମହତ୍ୟା କରିଛନ୍ତି । ଏହି ମହିଳା ଜଣକ ଗତ ୪ ତାରିଖରୁ ମାଲପଡା କ୍ୱାରେଂଟାଇନ କେନ୍ଦ୍ରରେ ରହୁଥିଲେ । ମୃତ ମହିଳା ଜଣକ ଖଡିଆଳ ବ୍ଲକର ଦାବ୍ରୀ ଗ୍ରାମର କାହ୍ନୁ ମାଝୀଙ୍କ ପତ୍ନୀ ସୁବର୍ଣ୍ଣ ମାଝୀ(୩୨)ବୋଲି ଜଣାପଡିଛି । ଖଡିଆଳ ପୁଲିସ ଖବର ପାଇ ଘଟଣାସ୍ଥଳକୁ ପହଂଚି ମୃତ ଦେହକୁ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇ ଘଟଣାର ତଦନ୍ତ ଚଳାଇଥିବା ଜଣାପଡିଛି । ଆତ୍ମହତ୍ୟାର କାରଣ ଏପର୍ଯ୍ୟନ୍ତ ଜଣାପଡିନଥିବା ବେଳେ ଏନେଇ ମାଣ୍ଡୋସିଲ ସରପଂଚ ରାଧେଶ୍ୟାମ ରଣା ରାତ୍ର ୧୨ ଘଂଟା ସମୟରେ ଜିଲ୍ଲା ପ୍ରଶାସନଙ୍କୁ ଜଣାଇଥିବା ସୂଚନା ଦେଇଛନ୍ତି ।

# ଦିଲ୍ଲୀ ଉପ-ମୁଖ୍ୟମନ୍ତ୍ରୀଙ୍କୁ କରୋନା

ନୂଆଦିଲ୍ଲୀ ,୧୮/୬ (ନି.ପ୍ର): ଦିଲ୍ଲୀ ଉପ-ମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆ ଓ ଆମ୍ ଆଦମୀ ପାର୍ଟି (ଆପ୍) ବିଧାୟକ ଅତିସୀ କୋଭିଡ-୧୯ ସଂକ୍ରମିତ ହୋଇଛନ୍ତି । ଉଲ୍ଲେଖଯୋଗ୍ୟ, ଏହା ପୂର୍ବରୁ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଓ ସ୍ୱାସ୍ଥ୍ୟ ମନ୍ତ୍ରୀ ସତ୍ୟେନ୍ଦ୍ର ଜୈନଙ୍କର ମଧ କୋଭିଡ୍-୧୯ ବା ନୋଭେଲ କରୋନା ଭାଇରସ୍‌ର ପରୀକ୍ଷା ପାଇଁ ସ୍ୱାବ୍ ନମୁନା ପରୀକ୍ଷା ପଠା ଯାଇଥିଲା । ତେବେ, ଏମାନଙ୍କ ପରୀକ୍ଷା ରିପୋର୍ଟ ନେଗେଟିଭ୍ ଆସିଥିଲା ।

# ସଙ୍ଗରୋଧ କେନ୍ଦ୍ରରୁ ଚୋରି ଘଟଣା : ୩ କୋର୍ଟ ଚାଲାଣ, ଚୋରି ସାମଗ୍ରୀ ଉଦ୍ଧାର

ଭଦ୍ରକ, ୧୮/୬ (ହି.ସ.) - ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନସ୍ଥ ତୋରଣପଦା ସଙ୍ଗରୋଧ କେନ୍ଦ୍ରରୁ ଚଳିତ ମାସ ୫ ତାରିଖ ରାତିରେ କବାଟ ଭାଙ୍ଗି ଚୋରି ହୋଇଥିଲା । ସଙ୍ଗରୋଧ କେନ୍ଦ୍ରରେ ଥିବା ଇନଭର୍ଟର, ବ୍ୟାଟେରୀ, ଆକ୍ୱାଗାର୍ଡ ପରି କିଛି ସାମଗ୍ରୀ ଚୋରି ହୋଇଥିଲା ବୋଲି ସାବରଙ୍ଗ ଫାଣ୍ଡିରେ ଅଭିଯୋଗ ହୋଇଥିଲା । ପୁଲିସ୍ ତଦନ୍ତ କରି ୩୩୨/୨୦ ରେ ଏକ ମାମଲା ରୁଜୁ କରିଥିଲା । ଏନେଇ ସାବରଙ୍ଗ ଫାଣ୍ଡି ଓ ଗ୍ରାମାଂଚଳ ପୁଲିସ୍ ତିନି ଚୋରଙ୍କୁ ଗିରଫ କରି ଚୋରି ସାମଗ୍ରୀ ଉଦ୍ଧାର କରିଥିଲା । ଆଜି ଗ୍ରାମାଂଚଳ ଥାନା ପରିସରରେ ଏକ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସ୍‌ପି କୈଳାସ ପରିଡାହ, ଏସ୍‌ଡିପିଓ ସୁନୀଲ ନନ୍ଦ ଓ ଥାନାଧିକାରୀ ପ୍ରଭାଂଶୁ ମିଶ୍ର ଏହି ଚୋରି ଘଟଣାର ପର୍ଦ୍ଦାଫାଶ କରିଛନ୍ତି । ଗିରଫ ତିନିଜଣ ହେଲେ ତିହିଡି ଥାନା ଅଧୀନସ୍ଥ ହାତୁଆରି ଗାଁର ଅଶୋକ କୁମାର ମହାପାତ୍ର ଓ ଭୋଳାନାଥ ମହାଳିକ, ଗୋରାମାଟିର ନାରାୟଣ ସାମଲ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ।

# ଶିକାରୀଙ୍କ ଗୁଳିରେ ଦନ୍ତାହାତୀର ମୃତ୍ୟୁ, ଗୁଳିବିଦ୍ଧ ମୃତଦେହ ଠାବ

## ଘଟଣାସ୍ଥଳରେ ପହଂଚିଲେ ବିଭାଗୀୟ ଅଧିକାରୀ ଓ କର୍ମଚାରୀ

ବୌଦ୍ଧ,୧୮/୬ (ନି.ପ୍ର): ବୌଦ୍ଧ ଜିଲା ମାଧପୁର ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ମୁଣ୍ଡେଶର ସଂରକ୍ଷିତ ଜଙ୍ଗଲର ମାଟୁ ନାଳ ନିକଟରେ ଗ୍ରାମବାସୀମାନେ ଏକ ଦନ୍ତାହାତୀର ମୃତଦେହ ଠାବ କରିଛନ୍ତି । ଶିକାରୀଙ୍କ ଗୁଳିରେ ଦନ୍ତାହାତୀର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି । ହାତୀର ଦେହସାରା ଗୁଳି ଦ୍ୱାରା ହୋଇଥିବା କ୍ଷତବିକ୍ଷତର ଚିହ୍ନ ରହିଛି । ୨/୩ ଦିନ ତଳେ ଶିକାରୀମାନେ ହାତୀକୁ ହତ୍ୟା କରିଥିବା ଅନୁମାନ କରାଯାଉଛି । ମାତ୍ର କୌଣସି କାରଣବଶତଃ ହାତୀ ଦାନ୍ତ ଉପାଡି ନେବାରେ ସଫଳ ହୋଇନାହାନ୍ତି । ହାତୀର ଦାନ୍ତଦ୍ୱୟ ୪ ଫୁଟ ଲେଖାଏଁ ଲମ୍ବ ରହିଅଛି । ଘଟଣାସ୍ଥଳ ନିକଟରେ ଥିବା ଡାକପଦର ଗ୍ରାମର ମହିଳାମାନେ ଜଙ୍ଗଲକୁ ଛତୁ ଖୋଜିବାକୁ ଯାଇଥିବା ବେଳେ ମୃତ ହାତୀକୁ ଦେଖିଥିଲେ । ଗ୍ରାମବାସୀମାନେ ମହିଳାମାନଙ୍କ ଠାରୁ ଏ ସମ୍ପର୍କରେ ଜାଣିବା ପରେ ବିଭାଗୀୟ ଜଙ୍ଗଲ କର୍ମଚାରୀମାନଙ୍କୁ ଖବର ଦେଇଥିଲେ । ଖବରପାଇ ତଳଗାଁ ଫରେଷ୍ଟର ସଂଜୟ କୁମାର ଦନ୍ତା ଏବଂ ଅନ୍ୟମାନେ ଘଟଣାସ୍ଥଳରେ ପହଁଚି ମୃତହାତୀକୁ ଜଗିଥିବା ସହ ଉପରିସ୍ଥ ଅଧିକାରୀଙ୍କ ଆସିବାକୁ ଅପେକ୍ଷା କରିଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ, ଗତ କିଛିଦିନ ହେଲା ସାତକୋଶିଆ ବନ୍ୟପ୍ରାଣୀ ଅଭୟାରଣ୍ୟ ମଧ୍ୟରେ ଶିକାରୀମାନେ ଅବାଧ ଭାବରେ ହାତୀ ବାଘ ଏବଂ ହରିଣ ଶିକାର କରୁଥିବା ଅଭିଯୋଗ ହେଉଛି । ଗତ ଏକ ମାସ ମଧ୍ୟରେ ସ୍ୱତନ୍ତ୍ର ଟାକ୍ସ ଫୋର୍ସ ପଡୋଶୀ ନୟାଗଡ ଜିଲାର ବିଭିନ୍ନ ଅଂଚଳରେ ଚଢ଼ଉ କରି ବାଘ ଓ ହରିଣ ଚମଡ଼ା ଜବତ କରିବା ସହିତ ଅନେକଙ୍କୁ ଗିରଫ ମଧ କରିଛି । ଦିର୍ଘଦିନ ହେବ ବନବିଭାଗ କର୍ମଚାରୀମାନଙ୍କ ସହଯୋଗରେ ଅଭୟାରଣ୍ୟ ମଧ୍ୟରେ ଶିକାରୀମାନେ ଅବାଧ ଭାବରେ ପଶୁ ଶିକାର କରୁଥିବା ଅଭିଯୋଗ ହେଉଥିଲେ ମଧ ପ୍ରଶାସନିକ ଅଧିକାରୀମାନେ ଏନେଇ ଗୁରୁତ୍ୱ ଦେଉନଥିବା ବେଳେ ଆଜି ମୃତ ହାତୀର ଶବ ଉଦ୍ଧାର ପରେ ବନ ବିଭାଗ ଏବଂ ଅଧିକାରୀଙ୍କ ନିଦ୍ରା ଭଙ୍ଗ ହେବ ବୋଲି ସାଧାରଣ ଲୋକେ ଆଶା ପ୍ରକାଶ କରୁଛନ୍ତି ।

# ଟ୍ରେନ ଧକ୍କାରେ ଯୁବକ ମୃତ, ଆତ୍ମହତ୍ୟା ସନ୍ଦେହ

ବଡବିଲ,୧୮/୬ (ନି.ପ୍ର): ଟ୍ରେନ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ଅନ୍ତର୍ଗତ ଦେଓଝର ଷ୍ଟେସନ ଠାରୁ କିଛି ଦୂରରେ ଏହି ଘଟଣା ଘଟିଛି । ମୃତକ ହେଉଛନ୍ତି କୋହ୍ଲ ହୁଣ୍ଡୁଳା ଗାଁର ନାଜିର ମୁଣ୍ଡା । ଯୁବକ ଜଣକ ଗତକାଲି ରାତିରୁ ଘରୁ ଚାଲିଯାଇଥିବା ବେଳେ, ସେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି । ପୋଲିସ ପରିବାର ଲୋକଙ୍କୁ ପଚରାଉଚୁରା କରି ଘଟଣାର ତଦନ୍ତ ଚଳାଇଛି ।

# ଭେଟରାନ୍ ଚଳଚ୍ଚିତ୍ର ତାରକା ବିଜୟ ମହାନ୍ତିଙ୍କ ଆଶୁ ଆରୋଗ୍ୟ କାମନା କରି ହୋମଯଜ୍ଞ ଆୟୋଜନ

ବାରିପଦା,୧୮/୬ (ନି.ପ୍ର): ଓଡିଶାର ବିଶିଷ୍ଟ ମଂଚ ଓ ଚଳଚ୍ଚିତ୍ର ଅଭିନେତା, ନିର୍ଦ୍ଦେଶକ, ନାଟ୍ୟକାର ବିଜୟ ମହାନ୍ତିଙ୍କ ଦ୍ୱାରା ପ୍ରତିଷ୍ଠିତ ବାରିପଦାର ଅନ୍ୟତମ ପୁରାତନ ନାଟ୍ୟସଂସ୍ଥା " ଯୁଗେଛା ନାଟ୍ୟ ସଂସ୍ଥା"ର କର୍ମକର୍ତା ଓ ସଦସ୍ୟମାନଙ୍କ ଦ୍ୱାରା ହାଇଦ୍ରାବାଦରୁ ଆସି ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଗତ ଜୁନ୍ ୧୪ ତାରିଖ ଠାରୁ ଚିକିତ୍ସିତ ହେଉଥିବା ବିଜୟ ମହାନ୍ତିଙ୍କ ଆଶୁ ଆରୋଗ୍ୟ କାମନା କରି ବାରିପଦାର ପ୍ରତ୍ୟେକ୍ଷ ତଥା ଅଧୀଷ୍ଠାତ୍ରୀ ଦେବୀ ମା ଅମ୍ବିକାଙ୍କ ମନ୍ଦିରରେ ଏକ ହୋମ ଯଜ୍ଞ କରାଯାଇଥିବା ବେଳେ ଯୁଗେଛା ନାଟ୍ୟ ସଂସ୍ଥାର କର୍ମକର୍ତା ଓ ସଦସ୍ୟ ସତ୍ୟବାନ ସେଠୀ (ପୁଟ), ସେବାନନ୍ଦ ନାରାୟଣ ଦେବ, ସନ୍ତୋଷ ମହାନ୍ତି, ଧୀର ବସା, ସୁଧୀର କର ମହାପାତ୍ର ପ୍ରମୁଖ କୋଭିଡ-୧୯ ମାର୍ଗଦର୍ଶୀକା ଅନୁପାଳନ ପୂର୍ବକ ସାମାଜିକ ଦୂରତା ଅନୁସରଣ, ମାସ୍କ ବ୍ୟବହାର କରି ପୂଜାର୍ଚ୍ଚନା ଓ ହୋମଯଜ୍ଞରେ ସାମିଲ ହୋଇଥିଲେ । ଏହି ଅବସରରେ ଚଳଚିତ୍ର ନିର୍ଦ୍ଦେଶକ ଧୀର ବସା ବିଜୟ ମହାନ୍ତିଙ୍କ ଆଶୁ ଆରୋଗ୍ୟ କାମନା କରିବା ସହ ଦୀପଦାନ କରିଥିଲେ ଏବଂ ବିଜୟ ମହାନ୍ତିଙ୍କ ପୈତୃକ ବାସଭବନ କେନ୍ଦ୍ରାପଡ଼ା ହୋଇଥିଲେ ମଧ ତାଙ୍କର ବାଲ୍ୟ ଜୀବନ, ସ୍କୁଲ ଓ କଲେଜ ଶିକ୍ଷା, ଚାକିରୀ, ଅଭିନୟ, ଦାମ୍ପତ୍ୟ ଜୀବନ ସବୁ କିଛି ବାରିପଦା ମାଟିରୁ ଆରମ୍ଭ ହୋଇଛି । ବିଜୟ ମହାନ୍ତିଙ୍କ ଅସୁସ୍ଥ ଖବର ସମସ୍ତଙ୍କ ହୃଦୟରେ ଗଭୀର ଆଘାତ ପହଁଚାଇଛି । ତେଣୁ ଖୁବ ଶୀଘ୍ର ଆରୋଗ୍ୟ ଲାଭ କରି ପୁଣି ଥରେ ଆମ୍ଭମାନଙ୍କ ଗହଣରେ ଉପସ୍ଥିତ ହେବା ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା ଜଣାଇଛନ୍ତି ବୋଲି ନିର୍ଦ୍ଦେଶକ ଧୀର ବସା ପ୍ରକାଶ କରିଛନ୍ତି ।

# ବାଇକ୍ ଦୁର୍ଘଟଣାରେ ଚାଳକ ମୃତ ; ଆରୋହୀ ଆହତ

ମୁଖିଗୁଡ଼ା,୧୮/୬ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଜୟପାଟଣା ଥାନା ଅନ୍ତର୍ଗତ ମତୃଆଲଗୁଡ଼ା କେନାଲ ଛକ ନିକଟରେ ଏକ ବାଇକ୍ କେନାଲରେ ପଡ଼ି ଦୁର୍ଘଟଣା ଗ୍ରସ୍ତ ହେବାରୁ ବାଇକ୍ ଚାଳକର ମୃତ୍ୟୁ ଘଟିଥିବା ବେଳେ ଆରୋହୀ ଗୁରୁତର ଆହତ ହୋଇ ଜୟପାଟଣା ଡ଼ାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି । ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଗତକାଲି ବିଳମ୍ବିତ ରାତିରେ ଜୁନାଗଡ଼ ଥାନା ଅନ୍ତର୍ଗତ ମାଳିଗୁଡ଼ା ଗ୍ରାମର ବିଭୂ କାଣ୍ଡ (୩୨) ଏବଂ ରାଜେଶ ବେରୁ (୨୪) ଏକ ହିରୋହୋଣ୍ଡା ମୋଟର ସାଇକେଲ ଯୋଗେ ଜୟପାଟଣାରୁ କାମ ସାରି ନିଜ ଗାଁକୁ ଯାଉଥିବା ବେଳେ ଜୟପାଟଣା-ମୋଟେର ରାସ୍ତା ମତୁଆଲଗୁଡ଼ା ଛକ ନିକଟରେ ବାଇକଟି କେନାଲ ଭିତରକୁ ଖସିପଡ଼ିଥିଲା । ଫଳରେ ବାଇକ୍ ଚାଳକ ବିଭୂ କାଣ୍ଡଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ଆରୋହୀ ରାଜେଶ ବେରୁ ଗୁରୁତର ଆହତ ହୋଇଥିଲେ । ଆଜି ସକାଳେ ସ୍ଥାନୀୟ ଲୋକେ ଜୟପାଟଣା ପୁଲିସକୁ ଖବର ଦେବା ପରେ ପୋଲିସ ଘଟଣାସ୍ଥଳରେ ପହଂଚି ମୃତ ବିଭୂର ଶବ ଜବତ କରିବା ସହ ଜୟପାଟଣା ଡ଼ାକ୍ତରଖାନାରେ ଶବ ବ୍ୟବଚ୍ଛେଦ କରାଯାଇଛି । ଗୁରୁତର ରାଜେଶକୁ ଜୟପାଟଣା ଡ଼ାକ୍ତରଖାନାରେ ଚିକିତ୍ସା କରାଯାଉଛି । ଏ ସମ୍ପର୍କରେ ଜୟପାଟଣା ଥାନା କେଶ ନଂ. ୨୧୪/୨୦୨୦ ରେ ମାମଲା ରୁଜୁ ହୋଇଛି । ପୁଲିସ ପକ୍ଷରୁ ଏନେଇ ଅଧିକ ତଦନ୍ତ ଜାରି ରହିଛି ।

# କେନ୍ଦ୍ର ଓ ରାଜ୍ୟ ସରକାରଙ୍କର କରୋନା ମୁକାବିଲାରେ ବିଫଳତା : ଏକାଠି ହେଲେ ରାଜ୍ୟରେ ୧୨ଟି ବିରୋଧି ଦଳ

ଭୁବନେଶ୍ୱର, ୧୮ ଜୁନ (ହି.ସ.)- ଦେଶ ଏବଂ ରାଜ୍ୟରେ କରୋନା ମହାମାରୀକୁ ମୁକାବିଲା କରିବା କ୍ଷେତ୍ରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଚରମ ବଫଳତାକୁ ଟାର୍ଗେଟ କରି ଆଜି ଓଡ଼ିଶାର ୧୨ଟି ବିରୋଧି ରାଜନୈତିକ ଦଳଏକାଠି ହୋଇ ମିଳିତ କାର୍ଯ୍ୟକ୍ରମ କରିବାର ନିଷ୍ପତି ନେଇଛନ୍ତି । କଂଗ୍ରେସ, ସିପିଆଇ, ସିପିଆଇ(ଏମ), ସିପିଆଇଏମ (ଲିବରେସନ), ସିପିଆଇଏମଏଲ (ରେଡ୍ ଫ୍ଲାଗ), ସମାଜବାଦୀ ପାର୍ଟି, ରାଷ୍ଟ୍ରୀୟ ଜନତା ଦଳ, ଫରୱାର୍ଡ଼ ବ୍ଲକ, ଆମ ଆଦମି ପାର୍ଟି, କଳିଙ୍ଗ ସେନା, ଏନସିପି ପ୍ରଭୃତି ବିରୋଧି ରାଜନୈତିକ ଦଳର ନେତୃତ୍ୱ ଆଜି ଏକାଠି ହୋଇ କେନ୍ଦ୍ର ଏବଂ ରାଜ୍ୟ ସରକାର କରୋନା ମହାମାରୀକୁ ମୁକାବିଲା କରିବା ପାଇଁ ଯେଉଁ ନିଷ୍ପତି ଏବଂ ପଦକ୍ଷେପ ଗୁଡ଼ିକ ନେଇଛନ୍ତି ତାହା ଅପରିଣାମ ଦର୍ଶିତା ଏବଂ ଦୂରଦୃଷ୍ଟି ହୀନତା ବୋଲି ଅଭିହିତ କରିଛନ୍ତି । ଠିକ୍ ସମୟରେ କରୋନା ମୁକାବିଲା ପାଇଁ କେନ୍ଦ୍ର ସରକାର ପଦକ୍ଷେପ ନେଲେ ନାହିଁ । ଫଳରେ କରୋନା ସଂକ୍ରମଣ ଆମ ଦେଶରେ ବଢ଼ିଲା । ସଂକ୍ରମଣକୁ ରୋକିବା କ୍ଷେତ୍ରରେ କୋଭିଡ଼୍ ଟେଷ୍ଟିଙ୍ଗକୁ ଗୁରୁତ୍ୱ ନ ଦେଇ ଲକଡାଉନ / ସଟଡାଉନ ଇତ୍ୟାଦିରେ ଗୁରୁତ୍ୱ ଦେଲେ । ଆମ ଦେଶରେ କୋଭିଡ଼୍ ଟେଷ୍ଟିଙ୍ଗ ହାର ବହୁତ୍ କମ୍ । ହଜାରେ ଲୋକ ସଂଖ୍ୟାରେ ମାତ୍ର ୩.୮ ଜଣଙ୍କର କୋଭିଡ଼୍ ଟେଷ୍ଟିଙ୍ଗ ବର୍ତମାନ ହେଉଛି । ଯାହାର ଫଳସ୍ୱରୂପ ସଂକ୍ରମଣ ବ୍ୟାପକ ହେଉଛି ଏବଂ ପୃଥିବୀର କୋଭିଡ଼ ସଂକ୍ରମିତ ଦେଶ ମାନଙ୍କ ଭିତରେ ଭାରତ ଚତୁର୍ଥ ସ୍ତାନ ଅଧିକାର କରିଛି । ଆଉକିଛି ଦିନ ପରେ ଭାରତ ପ୍ରଥମ ସ୍ଥାନ ମଧ ଅଧିକାର କରିପାରେ । କୋଭିଡ଼ର ପରିଚାଳନାଗତ ତୃଟି ଏବଂ ବିଫଳତା ସେଥିପାଇଁ ଦାୟୀ ବୋଲି ଆଜି ଅନୁଷ୍ଠିତ ବୈଠକରେ ବିରୋଧ ଦଳର ନେତାମାନେ ଅଭିଯୋଗ ଆଣିଛନ୍ତି । ମୋଦୀ ସରକାର ଲକଡାଉନକୁ ଏକ ତରବିରିଆ ଏବଂ ବିବେକଶୂନ୍ୟ ଭାବରେ କରିଲେ । ଯାହାର ପରିଣାମ ସ୍ୱରୂପ ଦେଶର ଲକ୍ଷ ଲକ୍ଷ ଲୋକ ଚରମ ଦୁର୍ଦ୍ଦିନ ଭିତରକୁ ଠେଲି ହୋଇଗଲେ । ବିଶେଷ କରି ପ୍ରବାସୀ ଶ୍ରମିକ ମାନେ ଅକଥନୀୟ ଦୁଃଖ ଏବଂ ନିର୍ଯ୍ୟାତନାର ଶିକାର ହେଲେ । ହଜାର ହଜାର କି.ମି. ଭୋକ ଉପାସରେ ରାସ୍ତାରେ ଚାଲି ଚାଲି ଗଲାବେଳେ ଅନେକ ଟଳିପଡ଼ିଲେ ଅବା ଟ୍ରେନ ଓ ବସ ଚକ ତଳେ ଚାପି ହୋଇଗଲେ । ମୋଦୀ ସରକାରଙ୍କର ଅକ୍ଷମଣୀୟ ଦୂରଦୃଷ୍ଟି ହୀନତା ଏଥିପାଇଁ ଦାୟୀ ବୋଲି ବିରୋଧି ଦଳମାନେ ମଧ ଅଭିଯୋଗ ଆଣିଛନ୍ତି । ୪-୫ ମାସ ଧରି ଲକଡ଼ାଉନ ଫଳରେ ଲକ୍ଷ ଲକ୍ଷ ଲୋକଙ୍କର ଜୀବିକା ଆଜି ବିପନ୍ନ । କଳ କାରଖାନା, ଛୋଟ ବଡ଼ ଉଦ୍ୟୋଗ, ବ୍ୟବାୟିକ ପ୍ରତିଷ୍ଠାନ ଇତ୍ୟାଦି ବନ୍ଦ ହୋଇଯିବା ଫଳରେ କୋଟି କୋଟି ଲୋକ ଚାକିରୀ ହରଇାଛନ୍ତି । ଏକା ଗଭୀର ଅର୍ଥନୈତିକ ସଙ୍କଟ ଭିତରକୁ ସେମାନେ ଠେଲି ହୋଇଯାଇଛନ୍ତି । ଦେଶର ଆର୍ଥିକ ଅବସ୍ଥା ଆଜି ଶୋଚନୀୟ । ଦେଶ ଏବଂ ଦେଶବାସୀଙ୍କର ଏହି ଅର୍ଥନୈତିକ ଦୁର୍ଦ୍ଦିନ ଏବଂ ଜୀବିକାର ସଙ୍କଟ ପାଇଁ ମୋଦୀ ସରକାର ହିଁ ଦାୟୀବୋଲି ବିରୋଧୀ ଦଳମାନେ ମତପୋଷଣ କରିଛନ୍ତି । ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ଢ଼ାଂଚାରେ କରୋନା ମହାମାରୀର ପରିଚାଳନା କରି ରାଜ୍ୟ ଏବଂ ଓଡ଼ିଶାବାସୀଙ୍କୁ ମଧ ଦୁର୍ଦ୍ଦିନ ଭିତରକୁ ଠେଲି ଦେଇଛନ୍ତି। କୋଭିଡ଼ କବଳରୁ ଜୀବନକୁ ରକ୍ଷା କରିବାର ଆହ୍ୱାନ ଦେଇଥିବା ମୁଖ୍ୟମନ୍ତ୍ରୀ ବାସ୍ତବରେ ଏ ମହାମାରୀକୁ ମୁକାବିଲା କରିବା କ୍ଷେତ୍ରରେ ଆନ୍ତରିକତା ଦେଖାଉନାହାନ୍ତି ବୋଲି ବୈଠକରେ ବିରୋଧି ଦଳମାନେ ଅଭିଯୋଗ ଆଣିଛନ୍ତି । ଏପ୍ରିଲ ୨୮ ତାରିଖରେ ଦିନକୁ ୧୫ ହଜାର ଟେଷ୍ଟିଙ୍ଗ କରିବାର ଘୋଷଣା ମୁଖ୍ୟମନ୍ତ୍ରୀ କରିଥିଲେ । କିନ୍ତୁ ଏବେ ଦିନକୁ ୩ ହଜାର ମଧ କୋଭିଡ଼୍ ଟେଷ୍ଟିଙ୍ଗ ହେଉନାହିଁ । ଅନ୍ୟ ରାଜ୍ୟରୁ ଫେରିଥିବା ପ୍ରବାସୀ ଓଡ଼ିଆ ବିଶେଷ କରି ପ୍ରବାସୀ ଶ୍ରମିକ ମାନଙ୍କର କୋଭିଡ଼୍ ଟେଷ୍ଟିଙ୍ଗକୁ ଅଣଦେଖା କରାଯାଉଛି । ସେମାନେ ଟେଷ୍ଟିଙ୍ଗ ପାଇଁ ଅନୁରୋଧ କଲାପରେ ମଧ ତାହା ନ କରି ସେମାନଙ୍କୁ ଘରକୁ ପଠାଇ ଦିଆଯାଉଛି । ଫଳରେ ଗୋଷ୍ଠୀ ସଂକ୍ରମଣ ରାଜ୍ୟରେ ଆରମ୍ଭ ହୋଇଗଲାଣି । ଏହା ରାଜ୍ୟ ସରକାରଙ୍କର ଚରମ ଅବହେଳା ଓ ଧର୍ତବ୍ୟ ଅପରାଧ ବୋଲି ବୈଠକରେ ମତ ପ୍ରକାଶ ପାଇଛି । ୨୦୦୦ଟଙ୍କା ଲେଖାଏଁ ସଂଗନିରୋଧ ପରେ ଏହିଭଳି ମହାମାରୀ ସମୟରେ ରାଜ୍ୟ ସରକାର ମହାଦୁର୍ନୀତିରେ ଲିପ୍ତ ରହିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ନିନ୍ଦନୀୟ । ମାସ୍କ, ପିପିଇ, ଟେଷ୍ଟିଙ୍ଗ କିଟ୍, ମେସିନ ଓ ଯନ୍ତ୍ରପାତି କିଣାରେ ଓଡ଼ିଶା ଔଷଧ ନିଗମ ଦୁର୍ନୀତି ଏବଂ କେଳେଙ୍କାରୀରେ ବୁଡ଼ି ରହିଛି । ରାଜ୍ୟବାସୀ ଏ ସବୁର ଦୃଢ଼ ପ୍ରତିବାଦ କରିବା ପାଇଁ ଆଜି ବୈଠକରେ ନିଷ୍ପତି ହୋଇଛି। ଆସନ୍ତା ଜୁନ୍ ୨୬ତାରିଖରେ ଏହାକୁ ନେଇ ରାଜଧାନୀରେ ପ୍ରତିବାଦ ପ୍ରଦର୍ଶନ କରାଯିବାର ନିଷ୍ପତି ହୋଇଛି । ଆଜିର ଏହି ବୈଠକରେ ନିରଞ୍ଜନ ପଟ୍ଟନାୟକ, ରାମଚନ୍ଦ୍ର ଖୁଂଟିଆ, ପଂଚାନନ କାନୁନଗୋ, ଜନାର୍ଦ୍ଦନ ପତି, ଅଳିପ୍ କିଶୋର ପଟ୍ଟନାୟକ, ଆଶିଷ କାନୁନଗୋ, ରାମକୃଷ୍ଣ ପଣ୍ଡା, ଯୁଧିଷ୍ଠିର ମହାପାତ୍ର, ହରିଶ ମହାପାତ୍ର, ତାରାପ୍ରସାଦ ବାହିନୀପତି, ସୁଦର୍ଶନ ଦାସ, ଜ୍ୟୋତି ପ୍ରକାଶ ମହାପାତ୍ର, ନିଶିକାନ୍ତ ମହାପାତ୍ର, ଅଶୋକ ପ୍ରଧାନ, ରାଧାକାନ୍ତ ସେଠି, ମହେନ୍ଦ୍ର ପରିଡ଼ା, ସୁଦର୍ଶନ ପ୍ରଧାନ, ଜ୍ୟୋତିରଂଜନ ମହାପାତ୍ର, ସତୀଶ ରଂଜନ ସାହୁ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ ।

## ମୋନା ପକ୍ଷରୁ ସଦର ବିଧାୟକଙ୍କ ବିୟୋଗରେ ଶୋକ

ବାଲେଶ୍ୱର,୧୮।୬ (ନି.ପ୍ର): ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ 'ମୋନା' ପକ୍ଷରୁ ବାଲେଶ୍ୱର ସଦର ବିଧାୟକ ମଦନ ମୋହନ ଦତ୍ତଙ୍କ ଅକାଳ ବିୟୋଗରେ ଏକ ଶୋକସଭା ସଂଗଠନର ନୀଳିଆବାଗ କାର୍ଯ୍ୟାଳୟରେ ଆଜି ଅନୁଷ୍ଠିତ ହୋଇଯାଇଛି । ମୋନାର ସଭାପତି ବରିଷ୍ଠ ଆଇନଜୀବୀ ପ୍ରଭାକର ସାହୁ ଏଥିରେ ସଭାପତିତ୍ୱ କରିବା ସହ ସ୍ୱର୍ଗତ ଦତ୍ତଙ୍କ ଜୀବନଧାରା ସମ୍ପର୍କରେ ସୂଚନା ଦେଇଥିଲେ । ସଂଗଠନର ସମ୍ପାଦିକା ମମତା ମହାପାତ୍ର, ଉପଦେଷ୍ଟା ସୁବ୍ରତ୍ର କର, ଗୌରାଙ୍ଗ ପାଣିଗ୍ରାହୀ, ଜିଲ୍ଲା ପରିଷଦ ସଦସ୍ୟ ସୀତାରାମ ପ୍ରଧାନ, ଆଇନଜୀବୀ ନିରଂଜନ ପରିଡ଼ା ପ୍ରମୁଖ ଏଥିରେ ଯୋଗଦେଇ ସ୍ୱର୍ଗତ ଦତ୍ତଙ୍କ ଜୀବନାଦର୍ଶ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ । ଜଣେ ଦକ୍ଷ ସଂଗଠକ ଓ ଲୋକପ୍ରିୟ ନେତା ଭାବେ ମଦନ ମୋହନ ଦତ୍ତ ବାଲେଶ୍ୱର ରାଜନୀତି କ୍ଷେତ୍ରରେ ଯେଉଁ ଛାପ ଛାଡ଼ି ଯାଇଛନ୍ତି ତାହା ସମସ୍ତଙ୍କ ପାଇଁ ପ୍ରେରଣା ହୋଇ ରହିବ ବୋଲି ବକ୍ତାମାନେ କହିଥିଲେ । ଦଳୀୟ କର୍ମୀ ହେଉ କି ସାଧାରଣ ଜନତା, ସମସ୍ତଙ୍କ ପ୍ରତି ସ୍ୱର୍ଗତଙ୍କ ବ୍ୟବହାର ଅତ୍ୟନ୍ତ ଗ୍ରହଣୀୟ ଥିଲା । ଅନ୍ୟାନ୍ୟ ଚିରାଚରିତ ରାଜନେତାଙ୍କ ଭଳି ସେ ଲୋକଙ୍କୁ ପ୍ରତିଶ୍ରୁତି ନଦେଇ ସମସ୍ୟା ସମାଧାନକୁ ସର୍ବଦା ଅଗ୍ରାଧିକାର ଦେଇ ଆସୁଥିଲେ ବୋଲି ସେମାନେ କହିଥିଲେ । ପ୍ରାରମ୍ଭରେ ସ୍ୱର୍ଗତ ଦତ୍ତଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ ସହ ୨ ମିନିଟ୍ ନିରବ ପ୍ରାର୍ଥନା କରି ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

## ସ୍ୱୟଂ ସହାୟିକା ଗୋଷ୍ଠି ମହାସଂଘର ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକ ପତ୍ର

ଜଳେଶ୍ୱର,୧୮।୬(ନିପ୍ର) : ଅଦ୍ୟାବଧି ଲକ୍‌ଡାଉନ୍ ଓ କୋଭିଡ୍ ୧୯ର ଭୟାବହତା ସମାଜେରେ ରହିଥିବା ବେଳେ ଜୋର ଜୁଲମ କରାଯାଇ ମହିଳା ସ୍ୱୟଂ ସହାୟିକାଗୋଷ୍ଠି ଠାରୁ ଅର୍ଥ ଆଦାୟ କରାଯାଉଥିବାରୁ ବିଡିଓଙ୍କ ଜରିଆରେ ସ୍ୱୟଂ ସହାୟିକ ଗୋଷ୍ଠି ମହାସଂଘଝ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ମାର୍ଚ୍ଚ ଶେଷ ସପ୍ତାହ ଠାରୁ ଅଦ୍ୟାବଧି ଲକ୍‌ଡାଉନ୍ ଏବଂ ସଟ୍‌ଡାଉନ୍ ଲାଗି ରହିଥିବା ବେଳେ ସାରଧାରଣତ ଅନ୍ୟତ ଯାତାୟତ ଅସମ୍ଭବ ହୋଇଛି । ଜୀବନ ଓ ଜିବିକା ଧ୍ୱସ୍ତ ବିଧ୍ୱସ୍ତ ହୋଇଥିବା ବେଳେ ପରିବାର ପ୍ରତିପୋଷଣ ସ୍ୱ ସହାୟିକା ଗୋଷ୍ଠି ପକ୍ଷେ କଷ୍ଟସାଧ୍ୟ ହୋଇଛି । ସ୍ୱୟାସାହିକ ଗୋଷ୍ଠିମାନେ କରୋନା ମହିମାରୀ ସମୟରେ କେତେକ ମାଇକ୍ର ଫାନାନ୍ସ ରୁ ଋଣ ନେଇ ସେମାନଙ୍କ ବ୍ୟବସାୟ ଚଳାଇ ଆସୁଥିବା ବେଳେ କରୋନା ମହାମାରୀ ବେଳେ ସରକାରଙ୍କ ନିୟମ ଉଲଙ୍ଘନ କରି ଋଣ ଆଦାୟ ଲାଗି ଜୋର ଜବରଦସ୍ତ କରୁଛନ୍ତି । ଜଳେଶ୍ୱରର ଗରିବ ଲୋକମାନେ ଏବଂ ରାଇବଣିଆର ଆଦିତବାସୀ ଅଧ୍ୟୁସିତ ଏସ୍‌ଏଚ୍‌ଜି ଗ୍ରୁପ ଗୁଡିକ ଆଜି ଏକତ୍ରୀତ ହୋଇ ଏପରି ଜୁଲ ଜୁଲମର ଶୀକାର ହେଉଥିବାରୁ ପ୍ରତିବାଦ ଜର୍ଣାଛନ୍ତି । ତେଣୁ ମାଇକ୍ରୋ ଫାଇନନ୍‌ସ୍‌ର ଏଜେଣ୍ଟ ମାନଙ୍କୁ ଏପରି ଜୁର ଜୁଲମ ପାଇଁ ବିରୋଧ କରାଯାଇ ଋଣ ଛାଡ ହେବାର ବ୍ୟବସ୍ଥା କରିବାକୁ ସେମାନେ ନିବେଦନ କରିଛନ୍ତି । ଏହି ପ୍ରରିପ୍ରେକ୍ଷିରେ କମଳ ଚକ୍ରବର୍ତ୍ତୀ, ରାଧାରାଣୀ ପାତ୍ର, ସଂଗୀତା ବିର, ଚନ୍ଦ୍ରକାନ୍ତ ସିଂ, ମନୋରଂଜନ ଦାସ, ପୁଷ୍ପଲତା ଦାସ, ଚନ୍ଦ୍ରକାନ୍ତି ଲାଠ, ସୁବାସ ପାତ୍ର, ଅଧିର କୁମାର ଗିରି, ରୋଜାଲିନ୍ ବିର, ପ୍ରମୁଖ ବିଡିଓଙ୍କୁ ଏକ ସ୍ମାରକପତ୍ର ମ ୁ ଚ ଖ ୍ ୟ ମ ନ୍ତ୍ର ୀ ଙ୍କ ଉଦେଦ୍‌ଦଶ୍ୟ୍ୟ ;ର ଦେଇଛନ୍ତି । ଏହ୦ାର ଏକକିତା ନକଲ ମିଶନ ଶକ୍ତି ଓଡିଶା, ଜିଲାପାଳ ବାଲେଶ୍ୱର, ଏସ୍‌ପି ବାଲେଶ୍ୱର, ଏସ୍‌ଡିପିଓ ଜଳେଶ୍ୱର, ଆଇଆଇସି ଜଳେଶ୍ୱର, ତହସିଲଦାର ଜଳେଶ୍ୱର, ମାଇକ୍ରଫାଇନାନ୍ସ ଓ ସଂପୃକ୍ତ ବ୍ୟାଙ୍କ ଅଧିକାରୀଙ୍କୁ କାର୍ଯର୍ଯ୍ୟାନୁଷ୍ଠାନ ନିମନ୍ତେ ଦିଆଯାଇଛି ।

## ସହିଦ୍ ମାନଙ୍କ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ

ଜଳେଶ୍ୱର,୧୮।୬(ନିପ୍ର) : ଆଜି ଅପରାହ୍ନରେ ଭାସ୍କର ଚନ୍ଦ୍ର ମିଶ୍ରଙ୍କ ବାସଭବନରେ ଚିନ ଓ ଭାରତ ସୀମାରେ ଲଦାକରେ ସହିଦ୍ ୨୦ଜଣଙ୍କ ପ୍ରତି ଆଜି ଏଠାରେ ଶ୍ରଦ୍ଧାନିବେଦନ କରାଯାଇଛି । ଶିକ୍ଷାବିତ୍ ଡ. ଲଳିତ ରଂଜନ ସେନାପତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ୨୦ଜଣ ସହିଦ୍ ମଧ୍ୟରୁ ଓଡିଶାର ୨ଜଣ ବରପୁତ୍ର ସହିଦ୍ ଚନ୍ଦ୍ରକାନ୍ତ ପ୍ରଧାନ ଓ ନାଏବ ସୁବେଦାର ଚନ୍ଦୁରାମ ସରେନ୍ ଙ୍କ ପ୍ରତି ଗଭୀର ଶ୍ରଦ୍ଧା ନିବେଦନ କରାଯାଇଥିଲା । ପ୍ରାରମ୍ଭରେ ସହିଦ୍ ମାନଙ୍କ ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟଇ ନିରବ ପ୍ରାର୍ଥନା କରାଯାଇଥିଲା । ଦିଲ୍ଲିପ କୁମାର ଗିରି, ଶିକ୍ଷକ ନେତା ରାଜାରାମ କରସର୍ମା, ଡ. ଅଜିତ୍ କୁମାର ମହାନ୍ତି, ବରିଷ୍ଠ ମଂଚ ପକ୍ଷରୁ ଭାସ୍କାର ଚନ୍ଦ୍ର ମିଶ୍ର, ସିଦ୍ଧେଶ୍ୱର ତ୍ରିପାଠୀ, ସୁମନ୍ତ କୁମାର ଘୋଷ, ସଶାଙ୍କ ସେଖର ମହାନ୍ତି, କୁଳଦୀପ ଗିରି, ପ୍ରମୁଖ ସହିଦ୍‌ଙ୍କ ପ୍ରତି ଶ୍ରଦ୍ଧାନିବେଦନ କରିଥିଲେ । କୁଡନେଅତିକ୍ ସ୍ତରରେ ଦୁଇ ଦେସ ସୀମା ସମସ୍ୟାର ସମାଧାନ କରି ଉଭୟ ଦେଶର ରକ୍ତ କ୍ଷୟକୁ ବନ୍ଦ କରାଯିବା ଉଚିତ୍ ବୋଇି ସେମାନେ କହିଥିଲେ । ମୃତ୍ୟୁ ନୁହେଁ ଜୀବନ ଚାହୁଁ ବୋଲି ଘୋଷଣା କରିବା ସହ ବୀର ସହିଦ ପରିବାର ବର୍ଗଙ୍କୁ ଭଗବାନ ସହାୟ ହୁଅନ୍ତୁ ବୋଲି କହିଥିଲେ ।

## କୃଷି ବିଭାଗର ବିଚିତ୍ର ନୀତି :ଅନ୍‌ଲାଇନ୍‌ରେ ଆବେଦନ କରିଥିବା ଚାଷୀକୁ ମିଳୁନି ସେଲୋ

### ନାଁ ମିଳୁଛି ଅଧିକାରୀଙ୍କ ଦେଖା ନାଁ ଆଶ୍ୱସନା,ଅଧିକାରୀଙ୍କ ପାଇଁ ଆତ୍ମହତ୍ୟା କରିପାରନ୍ତି ଚାଷୀ

ନୀଳଗିରି,୧୮/୬: ଚାଷି ହସିଲେ ଦେଶ ହସିବ ଉକ୍ତିଟି ଏବେ ବଦଳିଯାଇ ଚାଷି କାନ୍ଦିଲେ ଦେଶ ହସିବ ଏହି ଉକ୍ତିଟି ଏବେ ପ୍ରଯୁଜ୍ୟ ହେବାକୁ ଯାଉଛି ।ଜଣେ ଅଧିକାରୀଙ୍କ ପାଇଁ ଏବେ ଚାଷୀ ଜଣଙ୍କ କାନ୍ଦିବା ସାର ହୋଇଛି । କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ବିଭାଗରେ ସ୍ୱଚ୍ଛତା ଆଣିବା ପାଇଁ ସରକାରୀ କର୍ମଚାରୀ ମାନଙ୍କୁ ତାଗିଦ କରିଥିବା ବେଳେ ଦୁର୍ନିତି ନିବାରଣ ପାଇଁ ଏକ ସତନ୍ତ୍ର ବିଭାଗ ମଧ ସୃଷ୍ଟି କରିଛନ୍ତି । ହେଲେ ବିଭାଗୀୟ ଅଧିକାରୀଙ୍କ ମନମାନି ଯୋଗୁଁ ଏବେ ଚାଷୀ କୂଳ ହତାଷ ହେବାକୁ ଯାଉଛି ।ଏହାର ନଗ୍ନ ନମୁନା ଦେଖିବାକୁ ମିଳିଛି ନୀଳଗିରି ଉପଖଣ୍ଡ କେସିପୁର ପଂଚାୟତର ବେତକଟା ଗ୍ରାମର ଚାଷୀ ଭୀମ ପାତ୍ରଙ୍କ ଠାରେ । ଦୀର୍ଘ ୬ମାସ ତଳେ ଓଡିଶା ସରକାରଙ୍କ କୃଷି ବିଭାଗ ୱେବସାଇଡ୍‌ରେ ନିଜ ଚାଷ ଜମିରେ ଏକ ସେଲୋ ଖୋଳିବା ପାଇଁ ଅନ୍‌ଲାଇନ୍ ମାଧମରେ ଆବେଦନ କରିଥିଲେ । ମାତ୍ର ଭୁଲ ବଶ୍‌ତଃ ବରହମପୁର କୃଷି କାର୍ଯ୍ୟାଳୟ ପରିବର୍ତେ ନୀଳଗିରି କୃଷି କାର୍ଯ୍ୟାଳୟ ହୋଇଯାଇଥିବାରୁ ତାଙ୍କ ଆବେଦନ ଏପର୍ଯ୍ୟନ୍ତ ସରକାରୀ ସ୍ତରରେ ସ୍ୱୀକୃତି ପ୍ରାପ୍ତ ହୋଇ ପାରି ନାହିଁ । ଯାହା ଫଳରେ ଆବେଦନ କରିଥିବା ଚାଷୀ ଶ୍ରୀ ପାତ୍ର ଏ ଅଫିସରୁ ସେ ଅଫିସକୁ ଦୌଡି ଦୌଡି ନୟାନ୍ତ ହେବା ସହ ପାଦରୁ ଚପଲ ଘୋରି ଗଲାଣି ବୋଲି ଦୁଃଖର ସହ ପ୍ରକାଶ କରିଛନ୍ତି ।ନୀଳଗିରିର କୃଷି ଅଧିକାରୀଙ୍କୁ ଶ୍ରୀ ପାତ୍ର ପଚାରିବାରୁ କେତେ ବେଳେ ମୋବାଇଲ ଖରାପ ଥିବା କହୁଥିବା ବେଳେ ଆଉ କେତେ ବେଳେ ମୋ ମୋବାଇଲରେ ତୁମ ନାମ ସୋ କରୁନାହିଁ ବୋଲି କହିଛନ୍ତି ।ତେବେ ଏଠି ପ୍ରଶ୍ନ ଉଠେ କାହା ଭୁଲ ପାଇଁ ଚାଷୀ ଶ୍ରୀ ପାତ୍ର ସେଲୋ ପାଇବାରୁ ବଂଚିତ ହେଉଛନ୍ତି । ନିଜ ଜମିରେ ଚାଷ କରି ପରିବାରକୁ ସୁଖ ଶାନ୍ତିରେ ରଖିବାର ସ୍ୱପ୍ନ ଦେଖୁଥିବା ଶ୍ରୀ ପାତ୍ରଙ୍କ ଆଶା କେବେ ହେବ ପୂରଣ ? ନା ଅଧିକାରୀଙ୍କ ଛକାପଂଝା ଭିତରେ ଧୂଳିସାତ ହୋଇଯିବ ତାଙ୍କର ଅଧୁରା ସ୍ୱପ୍ନ । ବାସ୍ତବରେ ଯଦି ଶ୍ରୀ ପାତ୍ରଙ୍କୁ ସେଲୋଟିଏ ନମିଳେ ତାହାଲେ ସେ ଆତ୍ମହତ୍ୟା କରିବାକୁ ବାଧ ହେବେ



ବୋଲି କ୍ଷୋଭର ସହ ପ୍ରକାଶ କରିଛନ୍ତି ।ସରକାର ଏଥିପ୍ରତି ଦୃଷ୍ଟି ଦେଇ ଗରିବ ନୀରିହ ଚାଷୀକୁ ତରନ୍ତ ସେଲୋଟିଏ ବ୍ୟବସ୍ଥା କଲେ ଚାଷୀ ଜଣଙ୍କ ବଂଚିଯିବ ନହେଲେ ପରବର୍ତି ସମୟରେ ଯଦି କୌଣସି ଅଘଟଣ ଘଟେ ଏଥିପାଇଁ ନୀଳଗିରି କୃଷି ଅଧିକାରୀ ଦାୟୀ ରହିବେ ବୋଲି ଶ୍ରୀ ପାତ୍ର ଚେତାବନୀ ଦେଇଛନ୍ତି ।

## ଦୁଇ ଶିକ୍ଷିତ ବଂଧୁଙ୍କର କାଂକଡ ଚାଷ : ହୋଇପାରିଛନ୍ତି ସ୍ୱାବଲମ୍ବୀ

ପର୍ଶ୍ଚିମବାର୍ଡ,୧୮।୬ (ନି.ପ୍ର): କଥାରେ ଅଛି ଇଚ୍ଛା ଥିଲେ ସଫଳତା ହାତ ପାଆନ୍ତାରେ ମିଳେ । ଆଉସେଥିରେ ଜଦି ଜ୍ଞାନ କୌଶଳ ପ୍ରୟୋଗ କରାଯାଏ ତା ହେଲେ ସଫଳତାର ଶୀର୍ଷସ୍ଥାନରେ ପହଞ୍ଚିବାକୁ ବେଶି ସମୟ ଲାଗେ ନାହିଁ । ସେପରି ଦୁଇ ବଂଧୁ ଶିକ୍ଷାଲାଭ ପରେ ଚାକିରି ପଛରେ ନ ଗୋଡାଇ କୃଷି କାର୍ଯ୍ୟକୁ ପାଥୋଇ ନେଇଥିଲେ । କିନ୍ତୁ ଏବେ କିଛିବର୍ଷ ଧରି କାଂକଡ ଚାଷ କରି ୭୦ / ୮୦ହଜାର ଟଙ୍କା ରୋଜଗାର କରି ଅନ୍ୟମାନଙ୍କ ଲାଗି ଉଦାହରଣ ସାଜିଛନ୍ତି । ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅନ୍ତର୍ଗତ ସେକ ସରାଇ ଗ୍ରାମର ସୁଦର୍ଶନ ମାଇତି ଓ ଖୋକନ ଜେନା ଶିକ୍ଷାଲାଭ ପରେ ସୁ ବର୍ଣ୍ଣରେଖଶ ନଦୀକୂଳ ସେକସରାଇ ଠାରେ ବିଭିନ୍ନ ପନିପରିବା ଚାଷ ଆରମ୍ଭ କରିଥିଲେ । କିନ୍ତୁ ପରେ କାଂକଡ ଚାଷ ସଂପର୍କରେ ଜ୍ଞାନ କୌଶଳ ଜାଣି ଏହି ଚାଷକୁ ନିଜ ଭବିଷ୍ୟତର ସହାୟକ ହେବ ବୋଲି ଜାଣି ଅଧିକ ପରିଶ୍ରମ କରିବାକୁ ଲାଗିଲେ । ଏବେ ସେମାନେ ୨ ଏକର କାଂକଡ , ୮୦ ଡିସିମିଲ ଜହ୍ନି, ୬୦ଡି ପୋଡଳ, ୩୦ ଡିସିମିଲ ସୀଲରା, ୨୦ ଡିସିମଳ କାକୁଡି ଚାଷ କରିଛନ୍ତି । ଉତ୍ପାଦିତ ପରିବାକୁ ବାଲେଶ୍ୱର, ଭଦ୍ରକ, ମୟୂରଭଂଜ ଓ ୨ ମେଦିନୀପୁର ଜିଲାର ବେପାରୀ ମାନଙ୍କୁ ଯୋଗାଇ ଆସୁଛନ୍ତି । ୨ଏକର କାଂକଡ ଚାଷରେ ପ୍ରତିମାସକୁ ୧ଲକ୍ଷ୧୫ ହଜାର ଟଙ୍କା ହିସାବରେ ୬ମାସରେ ୭ଲକ୍ଷ ୧୫ହଜାର, ଜହ୍ନିଚାଷରୁ ୮୦ହଜାର, ପୋଟଳ ଚାଷରୁ ୮୦ହଜାର, ସଲର ଚାଷରୁ ୫୦ହଜାର, କାକୁଡି ଚାଷରୁ ୪୦ହଜାର ଟଙ୍କା ରୋଜଗାର କରିଛନ୍ତି ବୋଲି ଦୁଇ ବଂଧୁ ଏଠାରେ ପ୍ରକାଶ କରିଛନ୍ତି । କିନ୍ତୁ ଏହି ଚାଷ କରିବାରେ କିମ୍ବା ସହାୟତା ଲାଗି ସରକାରୀ ଭାବେ କୌଣସି ସାହାଯ୍ୟ ମର୍ଲି ପାରିନଥିବା କହିଛନ୍ତି । ସରକାରୀ ସହାୟତା, କୃଷି ଓ ଉଦ୍ୟାନ ବିଭାଗ ପ୍ରୋତ୍ସାହନ ତଥା ପ୍ରଯୁକ୍ତି ବିଦ୍ୟାର ବ୍ୟବହାର ସହିତବ୍ୟାଙ୍କ ଋଣ ମିଳି ପାରିଲେ ସେମାନେ ନିଜେ ରୋଜଗାର କରିବା ସହ ଏ ଅଯଚଳର କେତେକ କୃଷୀ ଶ୍ରମିକଙ୍କୁ ରୋଜଗାର ଯୋଗଇ ଦେବାରେ ସହାୟକ ହେବ ବୋଲି କହିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ.....

### ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର....

କେବଳ ସେତିକି ନୁହେଁ, ଏହାର ଅର୍ଥ ଆମେ ସେହିସବୁ ବସ୍ତୁର ସବୁଠୁ ବଡ଼ ରପ୍ତାନିକାରୀ ପାଲଟିବା ଯେଉଁଗୁଡ଼ିକର ଆମେ ଏବେ ଆମଦାନୀ କରୁଛୁ । ପ୍ରଧାନମନ୍ତ୍ରୀ କହିଥିଲେ ଯେ ଏହାକୁ ହାସଲ କରିବା ପାଇଁ ପ୍ରତ୍ୟେକ କ୍ଷେତ୍ର, ପ୍ରତ୍ୟେକ ଉତ୍ପାଦ ଓ ପ୍ରତ୍ୟେକ ସେବାକୁ ଧ୍ୟାନରେ ରଖାଯିବା ଉଚିତ ଏବଂ କୌଣସି ବିଶେଷ କ୍ଷେତ୍ରରେ ଭାରତକୁ ଆତ୍ମନିର୍ଭରଶୀଳ କରିବା ପାଇଁ ସାମଗ୍ରିକ ଭାବେ କାମ କରିବାର ଆବଶ୍ୟକତା ରହିଛି । ସେ କହିଥିଲେ ଯେ ଆଜି ନିଆଯାଇଥିବା ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାରତକୁ ଶକ୍ତି କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରିବ । ପ୍ରଧାନମନ୍ତ୍ରୀ କହିଥିଲେ ଯେ ଏହି ପଦକ୍ଷେପ କେବଳ କୋଇଲା ଖନନ କ୍ଷେତ୍ରରେ ସଂସ୍କାର ଆଣିବ ନାହିଁ ବରଂ ଯୁବପିଢ଼ିଙ୍କ ପାଇଁ ଲକ୍ଷ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ । ସେ କହିଥିଲେ ଯେ ଆଜି ଆମେ କେବଳ କୋଇଲାର ବାଣିଜ୍ୟିକ ଖନନ ପାଇଁ ନିଲାମୀ କରୁନାହୁଁ, ବରଂ ବହୁଦଶନ୍ଧି ଧରି ଲକଡାଉନରେ ଫସି ରହିଥିବା କୋଇଲା କ୍ଷେତ୍ରକୁ ମୁକ୍ତ ମଧ କରୁଛୁ । ସେ ଏକ ବିଡ଼ମ୍ବନା ପ୍ରତି ଆଲୋକପାତ କରି କହିଥିଲେ ଯେ ବିଶ୍ୱର ଚତୁର୍ଥ ସବୁଠୁ ବଡ଼ କୋଇଲା ଭଣ୍ଡାର ଏବଂ ଦ୍ୱିତୀୟ ସବୁଠୁ ବଡ଼ କୋଇଲା ଉତ୍ପାଦକ ହୋଇଥିବା ସତ୍ତ୍ୱେ ଆଜି ଭାରତ ଦ୍ୱିତୀୟ ସର୍ବବୃହତ କୋଇଲା ଆମଦାନୀକାରୀ ମଧ ପାଲଟିଛି । ସେ କହିଥିଲେ ଯେ ବିଗତ କିଛି ଦଶନ୍ଧି ଧରି ଏଭଳି ସ୍ଥିତି ଲାଗି ରହିଛି ଏବଂ କୋଇଲା କ୍ଷେତ୍ରକୁ କ୍ୟାପ୍ଟିଭ ଓ ଅଣକ୍ୟାପ୍ଟିଭ ଖଣିର ଜାଲରେ ନିରନ୍ତର ଛନ୍ଦି ରଖାଯାଇଛି । ପ୍ରଧାନମନ୍ତ୍ରୀ ଏହା ମଧ କହିଥିଲେ ଯେ ଏହି କ୍ଷେତ୍ରକୁ ପ୍ରତିଦ୍ୱନ୍ଦ୍ୱିତା ଏବଂ ପାରଦର୍ଶିତାରୁ ବଂଚିତ ରଖାଯାଇଛି, ଯାହା ଏକ ବଡ଼ ସମସ୍ୟା ଥିଲା । ସେ କହିଥିଲେ ଯେ ଏହି କାରଣରୁ କୋଇଲା କ୍ଷେତ୍ରରେ ନିବେଶର ଅଭାବ ଦେଖିବାକୁ ମିଳିଛି ଏବଂ ଏହାର ଦକ୍ଷତା ଉପରେ ମଧ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ପ୍ରଧାନମନ୍ତ୍ରୀ କହିଥିଲେ ଯେ କୋଇଲା କ୍ଷେତ୍ରର ବିକାଶକୁ ନୂଆ ଗତି ପ୍ରଦାନ କରିବା ଉଦ୍ଦେଶ୍ୟରେ ୨୦୧୪ରେ କୋଇଲା ଲିଙ୍କେଜର ଶୁଭାରମ୍ଭ କରାଯାଇଥିଲା । ସେ କହିଥିଲେ ଯେ ଅଧିକ ପ୍ରତିଦ୍ୱନ୍ଦ୍ୱିତା, ପୁଞ୍ଜି, ଭାଗିଦାରୀ ଏବଂ ପ୍ରଯୁକ୍ତିର ଉପଯୋଗ ଲାଗି କୋଇଲା ଏବଂ ଖନନ କ୍ଷେତ୍ରକୁ ସମ୍ପୂର୍ଣ୍ଣ ଭାବେ ଉନ୍ମୁକ୍ତ କରିବା ପାଇଁ ଭାରତ ସରକାରଙ୍କ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ନିର୍ଣ୍ଣୟ ନିଆଯାଇଛି । ସେ କହିଥିଲେ ଯେ ଘରୋଇ ଖନନ କ୍ଷେତ୍ରରେ ନୂଆ ଉଦ୍ୟୋଗ ଏବଂ କମ୍ପାନୀଗୁଡ଼ିକୁ ଯେପରି ଆର୍ଥିକ ସମସ୍ୟାର ସମ୍ମୁଖୀନ ହେବାକୁ ନପଡ଼ିବ ତାହା ସୁନିଶ୍ଚିତ କରିବା ପ୍ରତି ମଧ ଧ୍ୟାନ ଦିଆଯାଇଛି । ପ୍ରଧାନମନ୍ତ୍ରୀ ବିଶେଷ ଗୁରୁତ୍ୱାରୋପ କରି କହିଥିଲେ ଯେ ଏକ ସୁଦୃଢ଼ ଖନନ ଏବଂ ଖଣିଜ କ୍ଷେତ୍ର ବିନା ଆତ୍ମନିର୍ଭରତା ସମ୍ଭବ ନୁହେଁ, କାରଣ ଏହି ଦୁଇଟି କ୍ଷେତ୍ର ଆମ ଅର୍ଥବ୍ୟବସ୍ଥାର ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ । ପ୍ରଧାନମନ୍ତ୍ରୀ କହିଥିଲେ ଯେ ଏହି ସଂସ୍କାର ପରେ କୋଇଲା ଉତ୍ପାଦନ ଏବଂ ସମଗ୍ର କୋଇଲା କ୍ଷେତ୍ର ଆତ୍ମନିର୍ଭରଶୀଳ ହୋଇପାରିବ । ଏବେ ବଜାରକୁ କୋଇଲା ଲାଗି ଖୋଲି ଦିଆଯାଇଛି, ସେଥିପାଇଁ ଯେକୌଣସି କ୍ଷେତ୍ର ନିଜର ଆବଶ୍ୟକତା ଅନୁସାରେ କୋଇଲା କିଣିପାରିବେ । ପ୍ରଧାନମନ୍ତ୍ରୀ କହିଥିଲେ ଯେ ଏହି ସଂସ୍କାର ଦ୍ୱାରା କେବଳ କୋଇଲା କ୍ଷେତ୍ର ନୁହେଁ, ବରଂ ଇସ୍ପାତ, ଆଲୁମିନିୟମ, ସାର ଏବଂ ସିମେଂଟ ଭଳି ଅନ୍ୟ କ୍ଷେତ୍ର ମଧ ଲାଭାନ୍ୱିତ ହେବେ । କେବଳ ସେତିକି ନୁହେଁ, ଏହା ବିଦ୍ୟୁତ ଉତ୍ପାଦନ ବୃଦ୍ଧିରେ ମଧ ସହାୟକ ହୋଇପାରିବ । ପ୍ରଧାନମନ୍ତ୍ରୀ କହିଥିଲେ ଯେ ଖଣିଜ କ୍ଷେତ୍ରରେ ସଂସ୍କାର ଆଣିବା ଫଳରେ କୋଇଲା ଖନନ କ୍ଷେତ୍ରରେ ବ୍ୟାପକ ସୁଧାର ଆସିପାରିଛି । କାରଣ ଲୁହା, ବକ୍ସାଇଟ ଏବଂ ଅନ୍ୟ ଖଣିଜ ଦ୍ରବ୍ୟ ବାସ୍ତବରେ କୋଇଲା ଖଣିର ଖୁବ ନିକଟରେ ରହିଛନ୍ତି । ସେ କହିଥିଲେ ଯେ ବାଣିଜ୍ୟିକ କୋଇଲା ଖନନ ଲାଗି ଆଜି ହୋଇଥିବା ନିଲାମୀର ଆରମ୍ଭ ସମସ୍ତ ଅଂଶୀଦାର ଉଦ୍ୟୋଗ ଲାଗି ଲାଭଦାୟକ ହେବ । ଖାଲି ସେତିକି ନୁହେଁ, ରାଜ୍ୟ ସରକାରଙ୍କୁ ଅପେକ୍ଷାକୃତ ଅଧିକ ରାଜସ୍ୱ ମିଳିବ ଏବଂ ଦେଶରେ ବହୁସଂଖ୍ୟକ ଲୋକଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ ।

### କେନ୍ଦ୍ର ସଂସ୍କୃତି ମନ୍ତ୍ରୀଙ୍କ...

ମନ୍ଦିର ପ୍ରମୁଖ ଐତିହାସିକ ମହତ୍ୱ ରହିଛି । ନଦୀ ଗର୍ଭରେ ଲୀନ ହୋଇଯାଇଥିବା ଏହି ମନ୍ଦିରର ପ୍ରତିମା ନୟାଗଡ ପାଖ ପଦ୍ମାବତି ଗ୍ରାମର ବୈଦେଶ୍ୱର ନିକଟ ମହାନଦୀ ମଝିରେ ଠାବ ହୋଇଛି । ୫୫ ରୁ ୬୦ ଫୁଟ ଜଳମଗ୍ନ ଏହି ମନ୍ଦିର ଚୂଡର କାରୁକାର୍ଯ୍ୟ ଏବଂ ନିର୍ମାଣ ପାଇଁ ବ୍ୟବହୃତ ସାମଗ୍ରୀକୁ ବିଚାରକୁ ନେଲେ ମନ୍ଦିରଟି ୧୫ଶହ ଶତାବ୍ଦୀର ଶେଷ କିମ୍ବା ୧୬ଶହ ଶତାବ୍ଦୀର ପ୍ରାରମ୍ଭରେ ତିଆରି ହୋଇଥିବା ଜଣାପଡୁଛି । ୧୯୩୩ ମସିହାରେ ହୋଇଥିବା ବନ୍ୟାରେ ଏହି ମନ୍ଦିରଟି ମହାନଦୀ ଗର୍ଭରେ ଲୀନ ହୋଇଯାଇଥିବା ଆକଳନ କରାଯାଇଛି । ଏହି ପରିପ୍ରେକ୍ଷୀରେ ଏହି ମନ୍ଦିରର ଅଜ୍ଞାତ ଇତିହାସ, ସଂସ୍କୃତି ଏବଂ ଧାର୍ମିକ ମହତ୍ୱକୁ ଧ୍ୟାନରେ ରଖି ଓଡିଶାବାସୀଙ୍କ ପାଇଁ ମନ୍ଦିରର ପୁନଃଉଦ୍ଧାର କାର୍ଯ୍ୟ କରିବା ପାଇଁ ଓ ମନ୍ଦିରକୁ ଅନ୍ୟ ଏକ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ଶ୍ରୀ ପ୍ରଧାନ ପତ୍ର ଲେଖି କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଶ୍ରୀ ପଟେଲଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡ଼ିଛନ୍ତି ।

### ସୁପ୍ରିମକୋର୍ଟଙ୍କ ....

ମନ୍ତ୍ରୀମଣ୍ଡଳର ସଦସ୍ୟ, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ଆଇନ ବିଭାଗ ସଚିବ, ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ ଉପସ୍ଥିତ ଥିଲେ । ବୈଠକ ଆରମ୍ଭରେ ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା ।

### କରୋନା ପରିସ୍ଥିତିର....

ଶାହା ସମସ୍ତଙ୍କୁ ସ୍ୱଷ୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ କୋଭିଡ -୧୯ ବିରୋଧରେ ଯୁଦ୍ଧ ଏବେ ଏନସିଆର ଏକ ଅଲଗା ଜିଲ୍ଲା କିମ୍ବା ଅଲଗା ରାଜ୍ୟ ଭାବରେ ନୁହେଁ ବରଂ ଏକଜୁଟ ହୋଇ ଲଢାଯିବ । ସେ କହିଛନ୍ତି ଯେ ଦିଲ୍ଲୀ ପରି ବର୍ତମାନ କରୋନା ପରୀକ୍ଷା ସମ୍ପୂର୍ଣ ଏନସିଆରରେ ୨୪୦୦ ଟଙ୍କାରେ କରାଯିବ । ବର୍ତମାନ ପର୍ଯ୍ୟନ୍ତ ଏହି ପରୀକ୍ଷା ୪୫୦୦ ଟଙ୍କା ପାଇଁ ଥିଲା । ବୈଠକରେ ନିଷ୍ପତି ନିଆଯାଇଛି ଯେ ଖୁବ୍ ଶୀଘ୍ର କରୋନା ଭାଇରସ୍ ଆରଟିପିସିଆର ପରୀକ୍ଷା ଡାକ୍ତରଖାନାରେ ଏନସିଆର ଜିଲ୍ଲା ମାନଙ୍କରେ ୨୪୦୦ ଟଙ୍କାରେ କରାଯିବ । ଶାହା ଏହା ମଧ କହିଛନ୍ତି ଯେ କରୋନା ଚିକିତ୍ସା ପାଇଁ ସୁବିଧା ବଢାଇବା ଦୃଷ୍ଟିରୁ ଦିଲ୍ଲୀ ଏବଂ ଏନସିଆରକୁ ଏକ ବିବେଚନା କରାଯିବା ଉଚିତ । ପରୀକ୍ଷା ଏବଂ ଚିକିତ୍ସା ସୁବିଧା ବୃଦ୍ଧି କରିବାକୁ ପରସ୍ପର ସହିତ ଯୋଗାଯୋଗ କରନ୍ତୁ ବୋଲି ସେ କହିଛନ୍ତି ।

### ସୁସ୍ଥ ହେଲେ ଆଉ....

ଯାଜପୁରରୁ ୭, ପୁରୀରୁ ୫, ନୟାଗଡରୁ ୪ ଜଣ ଆକ୍ରାନ୍ତ ସୁସ୍ଥ ହୋଇଥିବା ବେଳେ କେନ୍ଦ୍ରାପଡା ରୁ ୩, ବରଗଡରୁ୨, କେନ୍ଦୁଝରରୁ ୨ ଓ ଢେଙ୍କାନାଳଏବଂ ସୁନ୍ଦରଗଡରୁ ଜଣେ ଲେଖାଏଁ ସୁସ୍ଥ ହୋଇଛନ୍ତି ।

### ୩ ଦିନ ଯାଏଁ ....

ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଜୁନ୍ ୨୦ରେ ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ବରଗଡ଼, ସୁନ୍ଦରଗଡ଼, ନୂଆପଡ଼ା, ବଲାଙ୍ଗିର, ସୋନପୁର, ଅନୁଗୁଳ, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ପ୍ରବଳ ବର୍ଷା ହୋଇପାର । ବୋଲି ପାଣିପାଗ କେନ୍ଦ୍ର ସୂତ୍ରରୁ ପ୍ରକାଶ ।

### ପଞ୍ଚଭୂତରେ ଲୀନ....

ସହ ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ସେଠାରେ ଉପସ୍ଥିତ ତାଙ୍କର ସହଯୋଗୀ, ସମର୍ଥକ ତଥା ବିଜେପି କର୍ମୀଙ୍କ କ୍ରନ୍ଦନରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ପରେ ଏକ ସୁସଜ୍ଜିତ ଖୋଲା ଗାଡ଼ିରେ ତାଙ୍କର ମରଶରୀରକୁ ବିରାଟ ପଟୁଆରରେ ବାଲିଘାଟ ଶ୍ମଶାନକୁ ନିଆଯାଇଥିଲା । ସହଯୋଗୀ, ସମର୍ଥକ ଓ ବିଜେପି କର୍ମୀଙ୍କ ସମେତ ହଜାର ହଜାର ସଂଖ୍ୟାର ସାଧାରଣ ଜନତା ଏହି ଶେଷଯାତ୍ରାରେ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା । ଜନଗହଳି ନିୟନ୍ତ୍ରଣ ପାଇଁ ସିଟି ଡିଏସପି ମନୋଜ ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୁଲିସ କର୍ମଚାରୀମାନେ ନିଯୁକ୍ତ ହୋଇଥିଲେ । ବାଲିଘାଟ ଶ୍ମଶାନରେ ପରିବାର, ଜ୍ଞାତି କୁଟୁମ୍ବ ଓ ସମ୍ପର୍କୀୟଙ୍କ ସମେତ ସମର୍ଥକଙ୍କ ଉପସ୍ଥିତିରେ ତଥା ଅତ୍ୟନ୍ତ ଶୋକାକୂଳ ପରିବେଶ ମଧ୍ୟାରେ ଶେଷ କୃତ୍ୟ ସମ୍ପନ୍ନ ହୋଇଥିଲା । ଏକମାତ୍ର ପୁତ୍ର ମାନସ ଦତ୍ତ ମୁଖାଗ୍ନି ଦେଇଥିଲେ । ଶେଷରେ ପଞ୍ଚଭୂତରେ ଲୀନ ହୋଇ ଯାଇଥିଲେ ବାଲେଶ୍ୱରର ଜଣେ ଦକ୍ଷ ସଂଗଠକ, ଲଢୁଆ ନେତା ମଦନ ମୋହନ ଦତ୍ତ । ମାତ୍ର ୬୩ ବର୍ଷ ବୟସ ମଧ୍ୟରେ ଏକ ସାଧାରଣ ପରିବାରରୁ ଆସି ତୃଣମୂଳସ୍ତରୀୟ ରାଜନୀତିରୁ ପାହୁଚ ପରେ ପାହୁଚ ଚଢ଼ି ଶେଷରେ ବାଲେଶ୍ୱର ସଦର ଆସନରୁ ସେ ବିଧାୟକ ହୋଇ ପାରିଥିଲେ । କୋଇଲା ବ୍ୟବସାୟ କରିବା ସାଙ୍ଗକୁ ବଜରଙ୍ଗଦଳରୁ ନିଜର ରାଜନୈତିକ ଜୀବନ ଆରମ୍ଭ କରି ଶେଷରେ ବିଜେପିକୁ ବାଲେଶ୍ୱରରେ ଷ୍ଟାଣ୍ଡ କରାଇବାରେ ତାଙ୍କର ଅବଦାନକୁ କେହି ଅସ୍ୱିକାର କରିପାରିବେ ନାହିଁ । ରାଜନୀତିରେ ପାଦ ଥୋଇ ପ୍ରଥମେ ବାଲେଶ୍ୱର ଜିଲ୍ଲା ପରିଷଦ ଉପାଧ୍ୟକ୍ଷ, ରେମୁଣା ବ୍ଲକ ଅଧ୍ୟକ୍ଷ ଓ ଗତ ସାଧାରଣ ନିର୍ବାଚନରେ ସଦର ଆସନରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ ସେ । ପଞ୍ଚାୟତ ସ୍ତରରେ ଦଳୀୟ କର୍ମୀ ଓ ସାଧାରଣ ଲୋକଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ସାଙ୍ଗକୁ ସଂଗଠନକୁ ଆଗକୁ ନେବା ଦିଗରେ ସେ ଥିଲେ ଅଧିକ ଯତ୍ନବାନ । ସେ ନିଜର ବ୍ୟକ୍ତିଗତ ଭାବମୂର୍ତ୍ତି ପ୍ରତିଷ୍ଠା ପରିବର୍ତ୍ତେ ଦଳର ନୀତି ଆଦର୍ଶକୁ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ସର୍ବଦା ଗୁରୁତ୍ୱ ଦେଉଥିଲେ । ନିଜକୁ ସାଧାରଣ ନେତା ଭାବେ ନ ଭାବି ଜଣେ ଅସାଧାରଣ କର୍ମୀଭାବେ ନିଜର ବ୍ୟବହାର ଓ କାର୍ଯ୍ୟଧାରା ପାଇଁ ସେ ସବୁ ବର୍ଗର ଲୋକଙ୍କ ପ୍ରିୟପାତ୍ର ହୋଇପାରିଥିଲେ । ସାଧାରଣ ଲୋକଙ୍କ ସମସ୍ୟା ସମାଧାନକୁ ଅଗ୍ରାଧିକାର ଦେବା ସହିତ ନିଜର ସହଯୋଗୀ ଓ ଦଳୀୟ କର୍ମୀଙ୍କୁ ବି ଏହି ଧାରା ଆପଣେଇବାକୁ କହୁଥିଲେ । ବାଲେଶ୍ୱର ବିକାଶକୁ ନେଇ ଦେଖିଥିବା ଅସୁମାରୀ ସ୍ୱପ୍ନକୁ ଅଧୁରା ରଖି ଆଜି ପଞ୍ଚଭୂତରେ ଲୀନ ହୋଇଛନ୍ତି ସଦର ବିଧାୟକ ମଦନ ମୋହନ ଦତ୍ତ । ଜଣେ ଦକ୍ଷ ସଂଗଠକ, ମେଳାପୀ, ମିଷ୍ଟଭାଷୀ, ପରୋପକାରୀ ତଥା ଧର୍ମପରାୟଣ ବ୍ୟକ୍ତିତ୍ୱ ଭାବେ ତାଙ୍କର ଦେହାନ୍ତ ବାଲେଶ୍ୱର ରାଜନୀତିରେ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି କରିଛି ବୋଲି ବିଭିନ୍ନ ମହଲରୁ ମତ ପ୍ରକାଶ ପାଇଛି ।

# ବାଲେଶ୍ୱରରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଛୁଇଁଲା ୨୫୬

ବାଲେଶ୍ୱର,୧୮।୬ (ନି.ପ୍ର): ସାମ୍ପ୍ରତିକ ଅନଲକ୍-୧ସ୍ଥିତିରେ ଓଡ଼ିଶା ସମେତ ଦେଶରେ ବୃଦ୍ଧି ପାଉଥିବା କରୋନା ସଂକ୍ରମଣ ଭାରତ ପାଇଁ ଚିନ୍ତାର କାରଣ ହୋଇଛି । ଆଜି ସୁଦ୍ଧା ଦେଶରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୩ଲକ୍ଷ ୬୮ ହଜାର ୭୦୫ ରେ ପହଞ୍ଚିଥିବା ବେଳେ ମୃତ୍ୟୁ ସଂଖ୍ୟା ମଧ୍ୟ ୧୨ ହଜାର ଟପିଥିବା ଜଣାପଡ଼ିଛି । ଅନୁରୂପ ଭାବେ ଆଜି ଚିହ୍ନଟ ୧୭୪ ଜଣ କରୋନା ପଜିଟିଭଙ୍କୁ ମିଶାଇ ଓଡ଼ିଶାରେ ସଂକ୍ରମିତଙ୍କ ସଂଖ୍ୟା ୪୫୧୨ରେ ପହଞ୍ଚିଛି । ଆଜି ଗୋଟିଏ ଦିନରେ ସୁସ୍ଥ ହୋଇଥିବା ୯୭ ଜଣଙ୍କୁ ମିଶାଇ ରାଜ୍ୟରେ ଅଦ୍ୟାବଧି ୩,୧୪୪ ଜଣ ସୁସ୍ଥ ହୋଇଛନ୍ତି । ୧୩୫୪ ଜଣ ଏକ୍ଟିଭ୍ କରୋନା ପିଜିଟ୍ୱଙ୍କର ଏବେ କୋଭିଡ୍ ହସପିଟାଲରେ ଚିକିତ୍ସା ଚାଲିଛି । ତେବେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୨ରେ ସ୍ଥିର ରହିଥିବା ଜଣାପଡ଼ିଛି । ସେହିଭଳି ଆଜି ୩୪ଜଣ ପଜିଟିଭ୍ ଚିହ୍ନଟ ପରେ ବାଲେଶ୍ୱର ଜିଲ୍ଲାରେ ସଂକ୍ରମିତଙ୍କ ସଂଖ୍ୟା ୨୫୬ରେ ପହଞ୍ଚିଛି । ଅଦ୍ୟାବଧି ଜିଲ୍ଲାରେ୧୯୬ ଜଣ ଜଣ କରୋନା ସଂକ୍ରମିତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ୫୯ ଜଣ ଏକ୍ଟିଭ୍‌ଙ୍କୁ ଏବେ କୋଭିଡ୍ ହସପଟାଲରେ ଚିକିତ୍ସା କରାଯାଉଛି । ତେବେ ଆଜି ବାଲେଶ୍ୱରରେ ଚିହ୍ନଟ ୩୪ ଜଣ କରୋନା ପଜିଭ୍‌ଙ୍କ ମଧ୍ୟରୁ ୧୨ରୁ ଅଧିକ ବାହାର ଉତ୍ସରୁ ଆସିଥିବା ଜଣାପଡ଼ିବା ପ୍ରଶାସନ ସମେତ ଜିଲ୍ଲାବାସୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି । ଅନ୍ୟ ସମସ୍ତେ କ୍ୱାରେଣ୍ଟାଇନ୍ ସଣ୍ଟରରେ ରହିଥିବା କୁହାଯାଉଛି । ତେବେ ସମ୍ପୃକ୍ତ ୧୨ ଜଣ କେଉଁ ଉତ୍ସରୁ ସଂକ୍ରମିତ ହୋଇଛନ୍ତି, ସେମାନଙ୍କ କଣ୍ଟାକ୍ଟ ଟ୍ରେସିଂ କରିବା ଓ ଚିହ୍ନଟ ସନ୍ଦିଗ୍ଧଙ୍କୁ କ୍ୱାରେଣ୍ଟାଇନ୍ ସେଣ୍ଟରକୁ ନେବା ପ୍ରଶାସନ ପାଇଁ କଷ୍ଟକର ବ୍ୟାପାର ହୋଇଛି । ଅନ୍ୟପକ୍ଷରେ କରୋନା ସ୍ଥିତିରେ ବାହାର ରାଜ୍ୟରୁ ପ୍ରବାସୀ ଓଡ଼ିଆଙ୍କ ଆଗମନ ବି ଜାରି ରହିଛି ।ଜୁନ୍ ମାସ ଶେଷ ସୁଦ୍ଧା ଜିଲ୍ଲାକୁ ଆସିଥିବା ପ୍ରବାସୀଙ୍କ ସଂଖ୍ୟା ୧ ଲକ୍ଷ ଟପିବ ବୋଲି ଅନୁମାନ କରାଯାଇଛି ।

# ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ୪୧ଟି କୋଇଲା ଖଣି ନିଲାମ ପ୍ରକ୍ରିୟାର ଶୁଭାରମ୍ଭକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ସ୍ୱାଗତ



ନୂଆଦିଲ୍ଲୀ/ ଭୁବନେଶ୍ୱର,୧୮।୬ (ନି.ପ୍ର): ଆତ୍ମନିର୍ଭର ଭାରତ ଦୂରଦୃଷ୍ଟି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ବାଣିଜ୍ୟିକ ଖଣି ପାଇଁ ୪୧ଟି କୋଇଲା ଖଣି ନିଲାମ କରିବା ପ୍ରକ୍ରିୟାର ଶୁଭାରମ୍ଭ କରିଛନ୍ତି । ଏହି ଐତିହାସିକ ପଦକ୍ଷେପ ଇସ୍ପାତ, କୋଇଲା, ଶକ୍ତି ତଥା ଆନୁଷଙ୍ଗିକ ଉର୍ଜା କ୍ଷେତ୍ରରେ ସବୁଠୁ ଅଧିକ ଲାଭବାନ ଓଡ଼ିଶା ହେବ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କୋଇଲା କ୍ଷେତ୍ରରେ ସୁଯୋଗ ସୃଷ୍ଟି କରିବା ପାଇଁ ଆଜି ନିଆଯାଇଥିବା ପ୍ରମୁଖ ପଦକ୍ଷେପ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଶ୍ରୀ ପ୍ରଧାନ ଧନ୍ୟବାଦ ଦେଇଛନ୍ତି । ମୋଦି ସରକାରଙ୍କ ଦ୍ୱାରା ନିଆଯାଇଥିବା ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଓଡ଼ିଶା ଭଳି କୋଇଲା ସମୃଦ୍ଧ ପୂର୍ବ ରାଜ୍ୟ ଗୁଡ଼ିକରେ ବେସରକାରୀ ପୁଞ୍ଜିନିବେଶକୁ ପ୍ରୋତ୍ସାହିତ କରିବ । ଏହାସହ ଅତ୍ୟାଧୁନିକ ଜ୍ଞାନକୌଶଳ ମାଧ୍ୟମରେ ଉତ୍ପାଦନ ବଢାଇବ, ପ୍ରତିଯୋଗିତା ସୃଷ୍ଟି କରିବ, ସ୍ଥାୟୀ ଖଣି ପାଇଁ ପଥ ପରିଷ୍କାର କରିବ, ଅଧିକ ପୁଞ୍ଜିନିବେଶ ମାଧ୍ୟମରେ ଟେକ୍ନୋଲୋଜି ଏବଂ ସେବା ଯୋଗାଇବା ସହ ଅଧିକରୁ ଅଧିକ ନିଯୁକ୍ତି ସୃଷ୍ଟି କରିବାରେ ସହାୟକ ହେବ । ବାଣିଜ୍ୟିକ କୋଇଲା ଖଣି କ୍ଷେତ୍ରରେ ସବୁଠାରୁ ବଡ ସଂସ୍କାର ଏବଂ ଏହା ସମସ୍ତ ଅଂଶୀଦାରଙ୍କୁ ସଫଳତା ଦେବ । ଏହି ଐତିହାସିକ ପଦକ୍ଷେପ ଦେଶରେ କୋଇଲା ଉତ୍ପାଦନକୁ ବୃଦ୍ଧି କରି ଉର୍ଜା କ୍ଷେତ୍ରରେ ଭାରତକୁ ଆତ୍ମନିର୍ଭର କରିବ । ପୂର୍ବ ଭାରତ ବିଶେଷ ଭାବରେ ଆଦିବାସୀ ଅଂଚଳ ଏବଂ ଆକାଂକ୍ଷୀ ଜିଲ୍ଲାକୁ ଭାରତ ବିକାଶର ପ୍ରମୁଖ ସ୍ତମ୍ଭ ରୂପେ ମଧ ରୂପାନ୍ତରିତ କରିବ । ଏହି ପଦକ୍ଷେପ ଶକ୍ତି, ଇସ୍ପାତ ଏବଂ ଖଣି ସମେତ ଅନେକ କ୍ଷେତ୍ର ଉପରେ ସୁଦୂରପ୍ରସାରୀ ପ୍ରଭାବ ପକାଇବ ଏବଂ ଉର୍ଜା କ୍ଷେତ୍ରରେ ଭାରତକୁ ଆତ୍ମନିର୍ଭରଶୀଳ କରିବା ଦିଗରେ ବାଟ ଦେଖାଇବ । ବାଣିଜ୍ୟିକ ଖଣି ଭାରତରେ କୋଇଲାର ଉପଲବ୍ଧିର ଉନ୍ନତି କରିବା ସହ ପୁଞ୍ଜିନିବେଶ ପ୍ରତି ଆକର୍ଷିତ କରିବ ଓ କୋଇଲା ଗ୍ୟାସିଫିକେସନକୁ ମଧ ବଡ ଗତି ଦେବ । ଏହାବ୍ୟତିତ ଦେଶର ଖାଦ୍ୟ ସୁରକ୍ଷା ଏବଂ ଉର୍ଜା ସୁରକ୍ଷାର ଉଦ୍ଦେଶ୍ୟ ଗୁଡ଼ିକୁ ପୂରଣ କରିବ ଓ ଆତ୍ମନିର୍ଭର ଭାରତ ଦିଗରେ ମଧ ଅଗ୍ରସର କରାଇବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି । ସେ କହିଛନ୍ତି ଶିଳ୍ପ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ନିଆଯାଇଥିବା ଏହି ପଦକ୍ଷେପ ଦେଶରେ ୨ ଲକ୍ଷ ୮୦ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କୁ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ଯୋଗାଇବ । ନିଲାମ ହେବାକୁ ଥିବା ଖଣି ଗୁଡିକ ବାର୍ଷିକ ରାଜ୍ୟ ସରକାରଙ୍କୁ ୨୦ ହଜାର କୋଟି ରାଜସ୍ୱ ଦେବେ । ସେହିପରି ଭାରତ ସରକାର ୨୦ସୁଦ୍ଧା ୧୦୦ ମିଲିୟନ ଟନ କୋଇଲା ଗ୍ୟାସିଫିକେସନ ଲକ୍ଷ୍ୟ ହାସଲ କରିବା ପାଇଁ ୨୦ ହଜାର କୋଟି ଟଙ୍କା ନିବେଶ କରିବାର ଯୋଜନା ରଖିଛନ୍ତି ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

# ପୂର୍ବତଟ ରେଳପଥର ୧୪ଟି ଷ୍ଟେସନକୁ ଆଇଏସଓ ୧୪୦୦୧ :୨୦୧୫ ପ୍ରମାଣପତ୍ର

ଭୁବନେଶ୍ୱର,୧୮।୬ (ନି.ପ୍ର): ଉନ୍ନତ ପରିବେଶ ପରିଚାଳନା ପଦ୍ଧତି ନିମନ୍ତେ ପୂର୍ବ ତଟ ରେଳପଥ ର ୧୪ ଟି ଷ୍ଟେସନ ଆଇଏସଓ ୧୪୦୦୧:୨୦୧୫ ପ୍ରମାଣପତ୍ର ହାସଲ କରି ଏକ ଉଚ୍ଚତର ସୋପାନରେ ପହଂଚି ଯାଇଛନ୍ତି । ଏକ ସ୍ୱଚ୍ଛ ଏବଂ ସବୁଜ ପରିବେଶ ଭିତରେ ଯେଉଁ ଷ୍ଟେସନଗୁଡିକରେ ଯାତ୍ରୀ ସୁବିଧା ଉପଲବ୍ଧ, ସେହି ଷ୍ଟେସନଗୁଡିକୁ ଏହି ପ୍ରମାଣପତ୍ର ମିଳିଛି । ଏହି ସମସ୍ତ ରେଳ ଷ୍ଟେସନଗୁଡିକରେ ଯାତ୍ରୀମାନଙ୍କ ନିମନ୍ତେ ଉଚ୍ଚତର ଶ୍ରେଣୀର ଭିଆଇପି ଲଞ୍ଜ, ପ୍ରତୀକ୍ଷା କକ୍ଷ, ଏସି ଓ ନନ୍ ଏସି ବିଶ୍ରାମ କକ୍ଷ ଓ ଡ଼ର୍ମିଟୋରୀ, ରିଫ୍ରେସିଙ୍ଗ୍ ଅଂଚଳ, ସ୍ୱାସ୍ଥ୍ୟକର ଖାଦ୍ୟ ସୁବିଧା ଓ ଉନ୍ନତ ପରିଷ୍କାର ପରିଚ୍ଛନ୍ନତାର ସୁବିଧା ସହିତ ଅନ୍ୟାନ୍ୟ ମହତ୍ୱପୂର୍ଣ୍ଣ ବ୍ୟବସ୍ଥା ଉପଲବ୍ଧ । ଏହା ବ୍ୟତୀତ ବର୍ଜ୍ୟବସ୍ତୁ ପୃଥକୀକରଣ ଏବଂ ଅପସାରଣ ସହିତ ବର୍ଜ୍ୟବସ୍ତୁ ପରିଚାଳନାକୁ ଓଝଙ ଅଡ଼ିଟ୍‌ରେ ଅନ୍ତର୍ଭୁକ୍ତ କରାଯାଇଛି । ଖୋର୍ଦ୍ଧା ରୋଡ଼ ମଣ୍ଡଳରେ; ୩୦ ଜାନୁୟାରୀ ୨୦୨୦ ରେ ଭୁବନେଶ୍ୱର ଓ କଟକ ଷ୍ଟେସନକୁ ଆଇଏସଓ ପ୍ରମାଣପତ୍ର ପ୍ରାପ୍ତ ହୋଇଥିଲା ଏବଂ ୧୨ ଫେବୃୟାରୀ ୨୦୨୦ ରେ ପୁରୀ ଷ୍ଟେସନକୁ ଏହି ପ୍ରମାଣପତ୍ର ପ୍ରାପ୍ତ ହୋଇଥିଲା । ୧୦ ଜୁନ୍, ୨୦୨୦ ରେ ସମ୍ବଲପୁର ମଣ୍ଡଳର ୪ ଟି ଷ୍ଟେସନ ଅର୍ଥାତ୍ ସମ୍ବଲପୁର, ବଲାଙ୍ଗୀର, ଟିଟିଲାଗଡ଼ ଓ କେସିଙ୍ଗା ଷ୍ଟେସନକୁ ଆଇଏସଓ ପ୍ରମାଣପତ୍ର ପ୍ରାପ୍ତ ହୋଇଥିଲା । ସେହିପରି ୱାଲ୍ଟିୟର ମଣ୍ଡଳର ୭ଟି ଷ୍ଟେସନ ଆଇଏସଓ ୧୪୦୦୧ : ୨୦୧୫ ପ୍ରମାଣପତ୍ର ଦ୍ୱାରା ସମ୍ମାନିତ ହୋଇଛନ୍ତି । ଜୁନ୍, ୨୦୧୯ ରେ ବିଶାଖାପାଟଣା ଷ୍ଟେସନ ଓ ଅଗଷ୍ଟ, ୨୦୧୯ ରେ ବିଜୟନଗରମ୍, ଶ୍ରୀକାକୁଲମ୍, ଜଗଦଲପୁର, ଆରାକୁ, ସିହ୍ମାଚଳମ୍ ଓ ରାୟଗଡ଼ା ଷ୍ଟେସନ ଏହି ପ୍ରମାଣପତ୍ର ଦ୍ୱାରା ସମ୍ମାନିତ ହୋଇଛନ୍ତି । ଏହା ବ୍ୟତୀତ ମଂଚେଶ୍ୱର ସ୍ଥିତ ରେଳ ଡ଼ବା ମରାମତି କାରଖାନା, ଅନୁଗୁଳ ଏବଂ ବିଶାଖାପାଟଣା ସ୍ଥିତ ଇଲେକ୍ଟ୍ରିକ୍ ଲୋକୋ ସେଡ୍ ଏବଂ ବିଶାଖାପାଟଣା ସ୍ଥିତ ଡ଼ିଜେଲ୍ ଲୋକୋ ସେଡ୍ ଭଳି ଉତ୍ପାଦନ ୟୁନିଟ୍ ଗୁଡ଼ିକ ମଧ ପୂର୍ବରୁ ଆଇଏସଓ ୧୪୦୦୧ : ୨୦୧୫ ପ୍ରମାଣପତ୍ର ହାସଲକରି ସମ୍ମାନିତ ହୋଇଥିଲେ । ନ୍ୟାସ୍‌ନାଲ୍ ଗ୍ରୀନ୍ ଟ୍ରିବ୍ୟୁନାଲ୍‌ର ନିର୍ଦ୍ଦେଶାନୁଯାୟୀ ପୂର୍ବ ତଟ ରେଳପଥ ବର୍ଜ୍ୟବସ୍ତୁ ପରିଚାଳନା ନିମନ୍ତେ କଡ଼ା ପଦକ୍ଷେପ ସ୍ୱରୂପ ପରିବେଶ ପରିଚାଳନା ପଦ୍ଧତି ନିମନ୍ତେ ନୂଆ ଦିଲ୍ଲୀ ଭିତିକ କନ୍‌ସଲ୍‌ଟାନ୍ସି ଫାର୍ମ କୁ ବିଭିନ୍ନ ଷ୍ଟେସନ ଠାରେ ଥିବା ବ୍ୟବସ୍ଥାର ଅଡ଼ିଟ୍ କରିବା ପାଇଁ ଠିକା ପ୍ରଦାନ କରିଥିଲେ । ଆଇଏସଓ ଏକ ଆନ୍ତର୍ଜାତିକ ମାନକ ପ୍ରଦାନକାରୀ ସଂସ୍ଥା, ଯାହା ବିଭିନ୍ନ କ୍ଷେତ୍ରରେ ହେଉଥିବା କାର୍ଯ୍ୟକଳାପର ମାନକ ନିର୍ଦ୍ଧାରଣ ନିମନ୍ତେ ଦାୟୀତ୍ୱ ନିର୍ବାହ କରନ୍ତି । ଏହାକୁ ବୁଝିବାକୁ ହେବ ଯେ, ଏହି ଶ୍ରେଣୀର ପ୍ରମାଣପତ୍ର କମ୍ପାନୀଗୁଡ଼ିକୁ ଦିଆଯାଏ । ବିଶ୍ୱସ୍ତରୀୟ ବାଣିଜ୍ୟ, ସତ୍ୱାଧିକାର, ଶିଳ୍ପ ଓ ବାଣିଜ୍ୟକ ସଂସ୍ଥା ମାନଙ୍କର ମାନକ ସ୍ତରର ଉନ୍ନତି ଆଣିବା ଏହାର ମୁଖ୍ୟ ଉଦ୍ଦେଶ୍ୟ । ଏହାର ମୁଖ୍ୟାଳୟ ଜେନେଭା, ସୁଇଜରଲ୍ୟାଣ୍ଡ୍‌ରେ ଅବସ୍ଥିତ ।

# ଆଉ ୧୭୪ କରୋନା ଆକ୍ରାନ୍ତ ଚିହ୍ନଟ: ମୋଟ ମାମଲା ୪୫୧୨କୁ ବୃଦ୍ଧି

ଭୁବନେଶ୍ୱର,୧୮।୬ (ନି.ପ୍ର): ରାଜ୍ୟରେ ଆଜି ଆଉ ୧୭୪ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏହାକୁ ମିଶାଇ ରାଜ୍ୟରେ କରୋନା ରୋଗୀଙ୍କ ସଂଖ୍ୟା ୪୫୧୨ କୁ ବୃଦ୍ଧି ପାଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା ୧୭୪ ଜଣଙ୍କ ମଧ୍ୟରୁ ୧୪୬ ଜଣ ସଂଗରୋଧ କେନ୍ଦ୍ରରୁ ହୋଇଥିବା ବେଳେ ୨୮ ଜଣ ସ୍ଥାନୀୟ ଲୋକ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୧୮ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ କେନ୍ଦୁଝର ଜିଲ୍ଲାରୁ ୫ ଜଣ, ଯାଜପୁର ଜିଲ୍ଲାରୁ ୯ ଜଣ, ନବରଂଗପୁର ଜିଲ୍ଲାରୁ ୭ ଜଣ, ଖୋର୍ଧା ଜିଲ୍ଲାରୁ ୧୦ ଜଣ ଓ କୋରାପୁଟ ଜିଲ୍ଲାରୁ ୬ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ମାଲକାନଗିରି ଜିଲ୍ଲାରୁ ଜଣେ, ବାଲେଶ୍ୱର ଜିଲ୍ଲାରୁ ୩୪ ଜଣ, କଳାହାଣ୍ଡି ଜିଲ୍ଲାରୁ ୬ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଅନୁରୂପ ଭାବେ ନୂଆପଡା ଜିଲ୍ଲାରୁ ଜଣେ, କନ୍ଧମାଳ ଜିଲ୍ଲାରୁ ୩ ଜଣ, ଭଦ୍ରକ ଜିଲ୍ଲାରୁ ୩ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଗଂଜାମ ଜିଲ୍ଲାରୁ ୫୬ ଜଣ, ବୌଦ୍ଧ ଜିଲ୍ଲାରୁ ୨ ଜଣ, ପୁରୀ ଜିଲ୍ଲାରୁ ୧୬ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

# ପଞ୍ଚଭୂତରେ ଲୀନ ସଦର ବିଧାୟକଙ୍କ ପାର୍ଥିବ ଶରୀର





ବାଲେଶ୍ୱର,୧୮।୬ (ନି.ପ୍ର): ଏକ ଶୋକାକୁଳ ପରିବେଶ ମଧ୍ୟରେ ବାଲେଶ୍ୱର ସଦର ବିଧାୟକ ମଦନ ମୋହନ ଦତ୍ତ ତଥା ସମସ୍ତଙ୍କର ପ୍ରିୟ ମଙ୍ଗୁଭାଇଙ୍କର ବାଲିଘାଟ ଶ୍ମଶାନରେ ଆଜି ଶେଷକୃତ୍ୟ ସମ୍ପନ୍ନ ହୋଇଛି । ଗତକାଲି ଭୁବନେଶ୍ୱରର ଘରୋଇ ହସପିଟାଲରୁ ତାଙ୍କର ପାର୍ଥିବ ଶରୀର ଶେଷ ସମ୍ମାନ ପାଇଁ ପ୍ରଥମେ ବିଜେପି ରାଜ୍ୟ କାର୍ଯ୍ୟାଳୟକୁ ନିଅଯିବା ପରେ ସଂଧ୍ୟାରେ ବାଲେଶ୍ୱର ପହଞ୍ଚିଥିଲା । ବାଲେଶ୍ୱରରେ ପ୍ରଥମେ ପିଜେପି କାର୍ଯ୍ୟାଳୟ ଓ ପରେ ତାଙ୍କ ପୈତୃକ ବାସଭବନକୁ ନିଆଯାଇଥିଲା । ଦଳୀୟ କର୍ମକର୍ତ୍ତା, ସହଯୋଗୀ ଓ ସମର୍ଥକଙ୍କ ସମେତ ବାଲେଶ୍ୱର, ଭଦ୍ରକ ଓ ମୟୂରଭଂଜ ଜିଲ୍ଲାର ବହୁ ଲୋକ ପ୍ରତିନିଧି, ରାଜନେତା ତଥା ବିଶିଷ୍ଟ ବ୍ୟକ୍ତିମାନେ ଶେଷ ଦର୍ଶନ କରିବା ସହ ଶୋକ ସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇଥିଲେ । ଆଜି ସକାଳେ ବିଶାଳ ଶୋଭାଯାତ୍ରା ମଧ୍ୟରେ ସହର ପରିକ୍ରମା ପୂର୍ବକ ତାଙ୍କ ମରଶରୀରକୁ ସାଧାରଣ ଲୋକଙ୍କ ଶେଷଦର୍ଶନ ନିମନ୍ତେ ଜିଲ୍ଲାସ୍କୁଲ ପଡ଼ିଆରେ ରଖାଯାଇଥିଲା । ସହଯୋଗୀ, ଦଳୀୟ କାର୍ଯ୍ୟକର୍ତ୍ତା, ସମର୍ଥକ ଓ ସାଧାରଣ ଲୋକଙ୍କ ଶେଷ ଦର୍ଶନ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଶେଷ ଦର୍ଶନ ସହ ଅମର ଆତ୍ମାପତ୍ର ଗଭୀର ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ । ମଦନ ମୋହନ ଦତ୍ତ ଜଣେ ଦକ୍ଷ ସଂଗଠକ ଓ ଲୋକପ୍ରିୟ ନେତା ହୋଇଥିଲେ ବି ତାଙ୍କର ଅସାଧାରଣ ବ୍ୟକ୍ତିତ୍ୱ ଦଳର ସମସ୍ତଙ୍କୁ ଗୋଟିଏ ସୂତ୍ରରେ ବାନ୍ଧିପାରିଥିଲା ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ଷଡ଼ଙ୍ଗୀ କହିଥିଲେ । ତାଙ୍କର ଦେହାନ୍ତ ବାଲେଶ୍ୱର ରାଜନୈତିକ କ୍ଷେତ୍ର ତଥା ଦଳୀୟ ସଂଗଠନ ପାଇଁ ଅପୂରଣୀୟ କ୍ଷତି ବୋଲି ସେ ମତ ପ୍ରକାଶ କରିଥିଲେ । ଜିଲ୍ଲାର ବହୁ ବିଶିଷ୍ଟ ବ୍ୟକ୍ତି ଜିଲ୍ଲାସ୍କୁଲ ପଡ଼ିଆରେ ପହଞ୍ଚି ମଦନ ମୋହନ ଦତ୍ତଙ୍କ ମର ଶରୀରରେ ପୁଷ୍ପଗୁଚ୍ଛ ଦେଇ ଶେଷ ଦର୍ଶନ କରିବା ▶▶ପୃଷ୍ଠା ୭

# ରାଜ୍ୟ ଟ୍ରକ ମାଲିକ ସଂଘ ଭଡ଼ା ବୃଦ୍ଧି ନେଇ ମନ୍ତ୍ରୀଙ୍କଠାରେ ଦାବି

ଭୁବନେଶ୍ୱର,୧୮।୬ (ନି.ପ୍ର): ରାଜ୍ୟର ଟ୍ରକ୍ ମାଲିକ ସଂଘ ସର୍ବନିମ୍ନ ଏବଂ ସର୍ବାଧିକ ଭଡ଼ା ଧାର୍ଯ୍ୟ କରିବା ପାଇଁ ରାଜ୍ୟ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କୁ ସାକ୍ଷାତ କରି ଦାବି ଜଣାଇଛନ୍ତି । ସଂଘର ସାଧାରଣ ସମ୍ପାଦକ କହିଛନ୍ତି ଯେ, ହାଇକୋର୍ଟ ମଧ ଏହି ବର୍ଦ୍ଧିତ ଭଡ଼ା ଦେବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି । ମନ୍ତ୍ରୀ ଏହା ଉପରେ କହିଛନ୍ତି ଯେ, ଏହି ବର୍ଦ୍ଧିତ ଭଡ଼ା ନେଇ କୋର୍ଟରେ ତର୍ଜମା ଚାଲିଛି । ଏହି ତର୍ଜମା ସରିଲେ ଖୁବ୍ ଶୀଘ୍ର ନିଷ୍ପତି ନିଆଯିବ । ଅନ୍ୟ ଏକ ପ୍ରଶ୍ନର ଉତର ଦେଇ ମନ୍ତ୍ରୀ କହିଥିଲେ ଯେ, ରାଜ୍ୟରେ ୨୦ଟି ରୁଟ୍‌ରେ ଓଏସଆରଟିସିର ବସ୍ କ୍ଷତିରେ ଚାଲିଛି । ଆଉ କେତେଦିନ ଏମିତି ଚାଲିବ । ଲୋକମାନେ ଆସୁନଥିବାରୁ କ୍ଷତି ହେଉଛି ବୋଲି ସେ କହିଥିଲେ ।

# ସହିଦ୍‌ଙ୍କୁ ସଲାମ ଜଣାଇଲା ପାଇକ ମହାସଂଘ

ଭୁବନେଶ୍ୱର,୧୮।୬ (ନି.ପ୍ର): ଲଦାଖର ଗଲୱାନ୍ ଘାଟିରେ ଚୀନ୍ ସେନା ସହ ଲଢି ସହିଦ୍ ହୋଇଥିବା ଭାରତମାତାର ସୁଯୋଗ୍ୟ ସନ୍ତାନ ଏ ମାଟିର ଗର୍ବ, ଗୌରବ ଅମର ସହିଦ୍‌ଙ୍କୁ ସଲାମ ଜଣାଇଲା ପାଇକ ମହାସଂଘ । ଆଜି ବୀରସୁରେନ୍ଦ୍ର ସାଏ ନଗରଠାରେ ଦେଶ ମାତୃକାର ପାଇଁ ବଳିଦାନ ଦେଇଥିବା ଅମର ସହିଦ୍‌ଙ୍କୁ ଶ୍ରଦ୍ଧାଞ୍ଜଳୀ ଜଣାଇବା ସହିତ ବୀର ପ୍ରସବିନୀ ଉତ୍କଳ ଜନନୀର ଦୁଇ ସୁଯୋଗ୍ୟ ସନ୍ତାନ ବୀର ଓଡ଼ିଆ ପୁଅ ଚନ୍ଦ୍ରକାନ୍ତ ପ୍ରଧାନ ଓ ବୀରପୁତ୍ର ନନ୍ଦୁରାମ ସୋରେନ୍‌ଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳୀ କାର୍ଯ୍ୟକ୍ରମରେ ପାଇକ ମହାସଂଘ ରାଜ୍ୟ ସଭାପତି ପାଇକ ମଉଡ଼ମଣି ଅଶୋକ ପାଲଟାସିଂହ ଯୋଗଦାନ କରି ସମଗ୍ର ବିଶ୍ୱରେ ଆତଙ୍କ ରାଜ ଆରମ୍ଭ କରିଥିବାର ଚୀନର ମାନବ ସମାଜ ଧ୍ୱସଂ ଲିଳା କାର୍ଯ୍ୟକୁ କଠୋର ଭାଷାରେ ନିନ୍ଦାକରିବା ସହିତ ବିବାଦରେ ନକଲ ସାମଗ୍ରୀ ଯୋଗାଉଥିବା ଚୀନ୍ ଉତ୍ପାଦିତ ଦ୍ରବ୍ୟକୁ ପରିତ୍ୟାଗ କରିବାକୁ ଆହ୍ୱାନ ପ୍ରଦାନ କରିଥିଲେ ।

# ପୁର୍ତ୍ତବିଭାଗ ଡାକବଂଗଳା କ୍ୱାଟରରୁ ମହିଳା ଝାଡୁଦାରଙ୍କୁ ହତ୍ୟା : ଶବ ଉଦ୍ଧାର



ଜଳେଶ୍ୱର,୧୮।୬ (ନି.ପ୍ର): ଜଳେଶ୍ୱର ବଜାର ଠାହେର ଥିବା ପୁର୍ତ୍ତବିଭାଗ ଡାକବଂଗଳା ପରିସରରେ ଥିବା ଏକ କ୍ୟାଟରରୁ ସେଠାରେ ଅସ୍ଥାୟୀରୁପେ କାର୍ଯ୍ୟ କରୁଥିବା ଜଣେ ଝାଡୁଦାରର ମୃୟତ ଦେହ ଉଦ୍ଧାର କରାଯାଇଛି । ଏହା ଏକ ହତ୍ୟାକାଣ୍ଡ ହୋଇଥିବାରୁ ସାଇଣ୍ଟିଫିକ୍ ଟିମ୍ ସହିତ ପୁଲିସ୍ ତଦନ୍ତ କରାଯିବାବେଳେ ଏକ ରକ୍ତାକ୍ତ ପନିକି ଓ କଟୁରି ଜବତ୍ ହୋଇଛି । ମା ଖାତୁନ ବିବିର ମୃତ୍ୟୁ ପରେ ଝିଅ ଜୁମୁନି ବିବି (୪୫) ପୁର୍ତ୍ତବିଭାଗ ଡାକବଂଗଳାରେ ଅସ୍ଥାୟୀ ଝାଡୁଦାର କାର୍ଯ୍ୟ କରୁଥିବା ବେଳେ ପଛରେ ଏକ କ୍ୟାଟରରେ ରହିଆସୁଥିଲା । ଗତକାଲି ସଂଖ୍ୟାରେ ସେ ଝାଡାକାର୍ଯ୍ୟ ସାରି ଗେଟ ବାହାରକୁ ଯାଇଥିବାର ସ୍ଥାନୀୟ ପ୍ରତ୍ୟେକ୍ଷଦର୍ଶୀଙ୍କ ଠାରୁ ପ୍ରକାଶ । କିନ୍ତୁ ଆଜି ପୂର୍ବାହ୍ନରେ ସେ ଝାଡାକାର୍ଯ୍ୟପାଇଁ ଆସିନଥିବାରୁ ତାର କ୍ୟାଟରକୁ ଯାଇ ଦେଖିଲାବେଳେକ ସେ ରକ୍ତ ଉବୁଟୁବୁ ଅବସ୍ଥାରେ ପଡିରହିଥିଲା । ପିନ୍ଧଥିବା ବସ୍ତ ରକ୍ତାକ୍ତ ହୋଇଥିବା ବେଳେ ଉଲଗ୍ନ ଅବସ୍ଥାରେ ଦେହଟି ଖଟ ଉପରେ ଥିବା ବେଳେ ତାର ମୁଣ୍ଡ ତଳକୁ ଓଳହି ଥିଲା । ତାର ତଣ୍ଟି କଟାଯାଇଥିବା ଦେଖିବାକୁ ମିଳିଥିଲା । ଦେହରେ ଅନ୍ୟକେତେକ ଧାନରେ କଟାଚିହ୍ନ ଥିଲା । ଘଟଣାରୁ ପ୍ରକାଶ ସେ ଏଠାରେ ରହୁଥିବା ବେଳେ ତାର ସ୍ୱାମୀ ରାଇବଣିଆ ଥାନା ଅନ୍ତର୍ଗତ ଓଲମର ଗାଁର ସେକ୍ ଆବୁ ସୁହାଦାର ଅନ୍ୟପିଲାମାନଙ୍କ ସହିତ ଗାଁରେ ରହୁଥିଲେ । କେତେକ ସମୟରେ ସାନପୁଅ ତା ପାଖରେ ରହୁଥିବା ପ୍ରକାଶ । ଆଜି ତାର ମୃତ୍ୟୁପରେ ୩ ପୁଅ ଓ ୪ଝିଅ ମଧ୍ୟରୁ କେତେକ ଘଟଣାସ୍ଥଳରେ ପହଞ୍ଚିଥିଲେ । ଜଳେଶ୍ୱର ଆଇଆଇସି ଧନେଶ୍ୱର ସାହୁ, ସବଥ ଇନିସ୍‌ପେକ୍ଟର ଦିଲ୍ଲିପ କୁମାର ସାହୁ ଓ ଏଠାରେ ପ୍ରଶିକ୍ଷଣ ନେଇଥିବା ୩ଜଣ ଡିଏସ୍‌ପି ଘଟଣାସ୍ଥଳରେ ଉପସ୍ଥିତ ଥିଲେ । ଅପରାହ୍ନରେ ବାଲେଶ୍ୱରରୁ ସାଇଣ୍ଟିଫିକ ଟିମ୍ ଆସି ଛାନଭିନ କରି ଫେରିଛି । କେନ୍ଦ୍ର ସ୍ଥଳରେ ଏପରି ଘଟଣା ଘଟିଥିବାରୁ ସହରରେ ଭୟର ବାତାବରଣ ସୃଷ୍ଟି ହୋଇଛି । ପୁଲିସ୍ ପ୍ରସାସନ ଏଥିପ୍ରତି ସଚେତନ ହେବାକୁ ବୁଦ୍ଧିଜିବି ମହଲରେ ଦାବି ହୋଇଛି ।

# ଚୀନ ସେନାର ଉପଦ୍ରବକୁ ତୀବ୍ର ନିନ୍ଦା : କଂଗ୍ରେସ ପକ୍ଷରୁ ଶହୀଦ୍ ଭାରତୀୟ ସୈନ୍ୟଙ୍କୁ ଶ୍ରଦ୍ଧାଞ୍ଜଳି

ବାଲେଶ୍ୱର,୧୮।୬ (ନି.ପ୍ର): ବାଲେଶ୍ୱର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଗଲୱାନ୍ ଘାଟୀରେ ଶହୀଦ ଭାରତୀୟ ସେନାଙ୍କୁ ଆଜି ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଛି । ସ୍ଥାନୀୟ ଷ୍ଟେସନଛକଠାରେ ଆୟୋଜିତ କାର୍ଯ୍ୟକ୍ରମରେ କଂଗ୍ରେସ କମିଟି କର୍ମକର୍ତ୍ତା ଓ କର୍ମୀମାନେ କ୍ୟାଣ୍ଡେଲ ଜାଳି ଶହୀଦ ଭାରତୀୟ ସୈନିକଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ ସହ ଅମର ଆତ୍ମାର ସଦଗତି କାମନା କରିଥିଲେ । ଭାରତ ପ୍ରତି ଚୀନ୍ ସରକାରଙ୍କ ବିଦ୍ୱେଷ ଭାବରୁ ଆରମ୍ଭ ହୋଇଥିବା ଏହି ଆକ୍ରମଣ ବିରୋଧରେ କେନ୍ଦ୍ର ସରକାର ଉଚିତ୍ ପଦକ୍ଷେପ ନେବେ ବୋଲି କଂଗ୍ରେସ କର୍ମକର୍ତ୍ତା ଆଶା ପ୍ରକାଶ କରିଥିଲେ । ତେବେ ଚୀନ୍‌କୁ ଉଚିତ ଶିକ୍ଷା ଦେବା ପାଇଁ ସମସ୍ତ ଭାରତୀୟ ଚାଇନା ସାମଗ୍ରୀ ବର୍ଜନ ପାଇଁ ସେମାନେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ବିଶେଷ କରି ଚୀନ୍ ଆକ୍ରମଣରେ ମୃତ୍ୟୁ ବରଣ କରିଥିବା ୨୦ ଜଣଙ୍କ ମଧ୍ୟରେ ଓଡ଼ିଶାର ଦୁଇଜଣଙ୍କ ପରିବାରଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ୨୫ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ରାଶି ପ୍ରଦାନ କରିବା ସ୍ୱାଗତ ଯୋଗ୍ୟ ପଦକ୍ଷେପ ବୋଲି ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ କୁହାଯାଇଛି । ସେହିଭଳି ସମସ୍ତ ମୃତ ସୈନିକଙ୍କ ପରିବାରକୁ କେନ୍ଦ୍ର ସରକାର ମଧ୍ୟ ୫୦ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ ପାଇଁ କଂଗ୍ରେସ କର୍ମକର୍ତ୍ତାମାନେ ଦାବି କରିଛନ୍ତି । ବାଲେଶ୍ୱର ଜିଲ୍ଲା ମହିଳା କଂଗ୍ରେସ ସଭାପତି ପ୍ରଜ୍ଞାପାରମିତା ମହାନ୍ତି ଓ ନଗର କଂଗ୍ରେସ ସଭାପତି ପଦ୍ମଲୋଚନ ଲେଙ୍କାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ କୃଷ୍ଣ ଗୋପାଳ ପଣ୍ଡା, ଦେବଦତ୍ତ ଦାସ, ଛାତ୍ରନେତା ରଂଜନ ଦାସ, ଗୌତମ ସାହୁ, ଜ୍ଞାନେନ୍ଦ୍ର ମହାନ୍ତି, ଶେଖ୍ ଅଜଗର ଅଲ୍ଲି, ମହିଳା ନେତ୍ରୀ ବାସନ୍ତି ସାମଲ, ବାସନ୍ତି ନାୟକ, ହେମଲତା ଦାସ, ଜ୍ୟୋସ୍ନା ସେନାପତି, ପ୍ରତିମା ପଣ୍ଡା ପ୍ରମୁଖ ଯୋଗଦେଇ ଦିବଂଗତ ସୈନିକଙ୍କ ଅମର ଆତ୍ମା ପ୍ରତି ଶ୍ରଦ୍ଧାସୁମନ୍ ଜ୍ଞାପନ କରିଥିଲେ ।

# ପିଏନବି ଠକେଇ ମାମଲାରେ ସିବିଆଇ ଜବତ କଲା ୨୮ ଲକ୍ଷ ଟଙ୍କା

ଭୁବନେଶ୍ୱର,୧୮।୬ (ନି.ପ୍ର): ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ୩୨ କୋଟି ଟଙ୍କା ଠକେଇ ମାମଲାରେ ଅଭିଯୁକ୍ତ କୌଶିକ ମହାନ୍ତିଙ୍କର ଚନ୍ଦ୍ରଶେଖରପୁରସ୍ଥିତ ପିଏନବି ବ୍ୟାଙ୍କ ଆକାଉଂଟରୁ ୨୮ ଲକ୍ଷ ଟଙ୍କା ସିବିଆଇ ଜବତ କରିଛି । ଏଥି ପୂର୍ବରୁ ୩୭ ଲକ୍ଷ ଟଙ୍କା ପଟିଆସ୍ଥିତ ଅନ୍ୟ ଏକ କର୍ପୋରେସନ ବ୍ୟାଙ୍କରୁ ଜବତ କରାଯାଇଥିଲା । ଅଭିଯୁକ୍ତ ମହାନ୍ତି ଗ୍ଲୋବାଲ ସଲ୍ୟୁସନ ଟ୍ରେନିଂ ସଂସ୍ଥାର ପୂର୍ବତନ ନିର୍ଦ୍ଦେଶକ ଥିଲେ ।

# ରଥଯାତ୍ରା ବନ୍ଦ ପ୍ରସଙ୍ଗରେ ସୁପ୍ରିମକୋର୍ଟର ରାୟକୁ ଓଡ଼ିଶା ସୁରକ୍ଷା ସେନାର ବିରୋଧ

ଭୁବନେଶ୍ୱର,୧୮।୬ (ନି.ପ୍ର): ଆଜି ସୁପ୍ରିମକୋର୍ଟ ପକ୍ଷରୁ ରଥଯାତ୍ରା ଉପରେ ଶୁଣାଣି ଅନୁଷ୍ଠିତ ହୋଇଥିଲା । ଏହି ଶୁଣାଣି ପରେ ସୁପ୍ରିମକୋର୍ଟ ଚଳିତବର୍ଷ ରଥଯାତ୍ରା ବନ୍ଦ କରିବା ପାଇଁ ରାୟ ପ୍ରକାଶ କରିଛନ୍ତି । ଏହି ରାୟକୁ ବିରୋଧ କରି ଓଡ଼ିଶା ସୁରକ୍ଷା ସେନା ପକ୍ଷରୁ ଗୁରୁବାର ଭୁବନେଶ୍ୱର ମାଷ୍ଟର କ୍ୟାଂଟିନ ଛକ ଠାରେ ପ୍ରତିବାଦ ପ୍ରଦର୍ଶନ କରାଯାଇଛି । ସଂଗଠନର କର୍ମକର୍ତାମାନେ ରାସ୍ତାରେ ପ୍ଲାକାର୍ଡ ଧରି ଓ ସ୍ଲୋଗାନ ଦେଇ ସମସ୍ତେ ରଥଯାତ୍ରା ଅନୁଷ୍ଠିତ ହେଉ ବୋଲି ଦାବି କରିଥିଲେ । ଏହା ସହିତ ସୁପ୍ରିମକୋର୍ଟ ରାୟ ବିରୋଧରେ ରାଜ୍ୟ ସରକାର ପୁନଃ ଶୁଣାଣି ପାଇଁ ଅର୍ଜି ଦାୟର କରି ରାଜ୍ୟ ସରକାର ନିଜର ମତ ସ୍ୱଷ୍ଟ କରୁ ବୋଲି ସେନା ପକ୍ଷରୁ ଦାବି କରାଯାଇଛି । ସେନାର ନେତୃମଣ୍ଡଳୀ ଆହୁରି କହିଥିଲେ ଯେ କୋଟି କୋଟି ହିନ୍ଦୁମାନଙ୍କ ମହାପ୍ରଭୁଙ୍କ ରଥଯାତ୍ରା ସହିତ ଭାବନା ଜଡିତ ଅଛି ଏହି କଥାକୁ ଦୃଷ୍ଟିରେ ରଖି ରଥଯାତ୍ରା ଅନୁଷ୍ଠିତ ହେଉ ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo